

'ବାରାଣସୀ'ରେ ୩୦ ମିନିଟ୍ ଯୁଦ୍ଧ

▶ପୃଷ୍ଠା-୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-342 ♦WEDNESDAY ♦10 JUNE 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୩୪୨ ♦ବୁଧବାର ♦୧୦ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ପ୍ରଜନନ କ୍ଷମତା ହ୍ରାସ କରିଛି ସ୍ମାର୍ଟଫୋନ୍ !

■ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଆଧୁନିକ ଯୁଗରେ ସ୍ମାର୍ଟଫୋନ୍ ଆମ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। କିନ୍ତୁ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୦୭ରେ ଆଇଫୋନ୍ ବ୍ୟବହାର ଆରମ୍ଭ ପରଠାରୁ ସାରା ବିଶ୍ୱରେ ପ୍ରଜନନ ହାର ଅଭୂତପୂର୍ବ ଭାବେ ହ୍ରାସ ପାଇଛି। ବୈଜ୍ଞାନିକ ଏବଂ ଅର୍ଥନୀତିଜ୍ଞମାନେ ଏହାକୁ ଏକ ବିଶ୍ୱବ୍ୟାପୀ ଟେକ୍ନୋଲୋଜି ଏକ୍ ଭାବେ ବର୍ଣ୍ଣନା କରିଛନ୍ତି। ନ୍ୟାସନାଲ୍ ବ୍ୟୁରୋ ଅଫ୍ ଇକୋନୋମିକ୍ ରିସର୍ଚ୍ଚ (ଏନ୍‌ବିଆର୍)ର ଏକ ଅଧ୍ୟୟନ ଅନୁସାରେ, ଆମେରିକାରେ ୧୯୮୦ ରୁ ୨୦୦୭ ପର୍ଯ୍ୟନ୍ତ ଜନ୍ମ ହାର ପ୍ରତି ୧,୦୦୦ ମହିଳାଙ୍କ ମଧ୍ୟରେ ୬୫ ରୁ ୭୦ ରହିଥିଲା। କିନ୍ତୁ ୨୦୦୭ ପରେ ଏହା ଦ୍ରୁତ ଗତିରେ ହ୍ରାସ ପାଇଛି। ୨୦୨୪ ସୁଦ୍ଧା ଏହା ୫୪କୁ ଖସି ଆସିଛି। ଏହା ଗତ ୧୭ ବର୍ଷ ମଧ୍ୟରେ ପ୍ରାୟ ୨୨ ପ୍ରତିଶତ ହ୍ରାସ ବୋଲି ଲକ୍ଷ୍ୟ କରାଯାଇଛି। ବିଶେଷ କରି ୧୫ ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ କ୍ଷେତ୍ରରେ ଏହି ହାର ସର୍ବାଧିକ ୭୦ ପ୍ରତିଶତ କମିଛି। ତେବେ ଗବେଷକମାନେ ଏହି ହ୍ରାସ ପଛରେ ସ୍ମାର୍ଟଫୋନର ବ୍ୟବହାରକୁ ଏକ ପ୍ରମୁଖ କାରଣ ଭାବେ ଦର୍ଶାଇଛନ୍ତି। ଗବେଷଣାରେ ଲକ୍ଷ୍ୟ କରାଯାଇଛି ଯେ, ୨୦୦୩ରେ ଜଣେ ବ୍ୟକ୍ତି ଦୈନିକ ହାରାହାରି ୬୮ ମିନିଟ୍ ନିଜ ବନ୍ଧୁବାନ୍ଧବଙ୍କ ସହ ଶାରୀରିକ ଭାବେ ମିଳାମିଶା କରୁଥିଲେ। ଏହା ସମୟ ପ୍ରାୟ ୪୪% ହ୍ରାସ ପାଇ ୨୦୧୯ ସୁଦ୍ଧା ୩୮ ମିନିଟ୍‌କୁ ଖସି ଆସିଛି। ଅନ୍ୟପଟେ, ଲୋକେ କମ୍ପ୍ୟୁଟର ବା ସ୍କ୍ରିନ୍ ସାମ୍ନାରେ ବିତାଉଥିବା ସମୟ ୨୨ ମିନିଟ୍‌ରୁ ୯୬ ମିନିଟ୍‌କୁ ବୃଦ୍ଧି ପାଇଛି। ସ୍ମାର୍ଟଫୋନ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ଯୁବପିଢ଼ିଙ୍କ ମଧ୍ୟରେ ଯୌନ ସକ୍ରିୟତା କମିଥିବା ବେଳେ ଅନ୍‌ଲାଇନ୍ ଅଶ୍ଳୀଳତା ପ୍ରତି ଆକର୍ଷଣ ବଢ଼ିଛି। ସେହିପରି ଆଇଫୋନ୍ ମାଧ୍ୟମରେ କିଶୋର ଓ ଯୁବପିଢ଼ି ଗର୍ଭନିରୋଧକ ଏବଂ ଗର୍ଭପାତ ସମ୍ପର୍କିତ ସୂଚନା ସହଜରେ ପାଉଛନ୍ତି, ଯାହା ଜନ୍ମ ହାର କମିବାର ଅନ୍ୟ ଏକ କାରଣ ହୋଇଛି। ତେବେ ଏହି ସମସ୍ୟା କେବଳ ଧନୀ ଦେଶମାନଙ୍କରେ ସୀମିତ ରହିନାହିଁ। ୟୁନିଭର୍ସିଟି ଅଫ୍ ସିନସିନାଟିର ଅର୍ଥନୀତିଜ୍ଞଙ୍କ ଅନୁସାରେ, ୧୨୮ଟି ଦେଶରେ ସ୍ମାର୍ଟଫୋନ୍ ବ୍ୟବହାର ବଢ଼ିବା ସହ ଜନ୍ମ ହାରରେ ସମାନ ଧରଣର ହ୍ରାସ ଦେଖିବାକୁ ମିଳିଛି। ଇରାନ୍, କୋଷ୍ଟାରିକା, ଗୁଆଟେମାଲା, ଚିଲି, ମେକ୍ସିକୋ ଏବଂ ତୁର୍କୀ ଭଳି ଦେଶରେ ସ୍ମାର୍ଟଫୋନ୍ ବ୍ୟବହାର ଏକ ମୁଖ୍ୟ ପ୍ରକ୍ରିୟା ହୋଇଛି। ଭାରତ ଏବଂ ବ୍ରାଜିଲ୍ ଭଳି ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ମଧ୍ୟ ସମାନ ଧାରା ପରିଲକ୍ଷିତ ହେଉଛି। ରିସର୍ଚ୍ଚ ଅନୁସାରେ, ଯେଉଁ ଅଞ୍ଚଳରେ ୪ଜି ବା ହାଇ-ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ଅଧିକ ରହିଛି, ସେଠାରେ ପ୍ରଜନନ ହାର ଅପେକ୍ଷାକୃତ ଦ୍ରୁତ ଗତିରେ ହ୍ରାସ ପାଇଛି।

### ୨୦୦୭ ପରଠାରୁ ବିଶ୍ୱବ୍ୟାପୀ ହ୍ରାସ ପାଇଛି ଜନ୍ମହାର



# ମମତାଙ୍କ ଘରେ ସିଆଇଡି, ପୁଲିସ ଫୋର୍ସ

■ କୋଲକାତା, ୯।୬ (ଏଜେନ୍ସି): ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଦଳ ଭିତରେ ତୀବ୍ର ବିଦ୍ରୋହର ସମ୍ମୁଖୀ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଇଣ୍ଡିଆଲ ମେଣ୍ଟ ବୈଠକରେ ଯୋଗଦେବା ଲାଗି ସେ ଦିଲ୍ଲୀ ଯାଇଥିବା ବେଳେ ତାଙ୍କର କୋଲକାତା ବାସଭବନରେ ପଶିଛି ରାଜ୍ୟ ସିଆଇଡି ଟିମ୍। ଦଳୀୟ ବିଧାୟକମାନଙ୍କ ଜାଲ୍ ଦସ୍ତଖତ ମାମଲାରେ ରାଜ୍ୟ ଅପରାଧ ଅନୁସନ୍ଧାନ ବିଭାଗ (ସିଆଇଡି)ର ଏକ ଟିମ୍ ପୁଲିସ ଫୋର୍ସ ସହିତ ମମତା ବାନାର୍ଜୀଙ୍କ କାଳୀଘାଟସ୍ଥିତ ବାସଭବନ ଏବଂ ତାଙ୍କ ପୁତୁରା ତଥା ଟିଏମସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ କରିଛି। ମମତାଙ୍କ ବାସଭବନ, ଯାହାକି ତୃଣମୂଳ କଂଗ୍ରେସର କେନ୍ଦ୍ରୀୟ କାର୍ଯ୍ୟାଳୟ ଭାବେ ମଧ୍ୟ ବ୍ୟବହୃତ ହୁଏ ସେଠାରେ ସିଆଇଡିର ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚିଥିଲା। ଏହି ସମୟରେ ସୁରକ୍ଷାକର୍ମୀ ଓ ଦଳୀୟ ନେତାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ମମତା ଏବଂ ଅଭିଶେକ ଘରେ ନଥିବାରୁ ସିଆଇଡିକୁ ଯାଞ୍ଚ ପାଇଁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଦଳୀୟ ନେତା କହିଥିଲେ। ଶେଷ॥ରେ ସିଆଇଡି ଦଳ ବାସଭବନରେ ଯାଞ୍ଚ ଆରମ୍ଭ କରିଥିଲେ। ସେହି ସମୟରେ ଅନ୍ୟ ଏକ ସିଆଇଡି ଦଳ ଅଭିଷେକଙ୍କ କାମାକ୍ ଷ୍ଟ୍ରିଟ୍ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ତେବେ ଏହି ସମୟରେ ମମତା କିମ୍ବା ଅଭିଷେକ ଘରେ ନଥିଲେ।

ମମତାଙ୍କ ଘରେ ସିଆଇଡି ଟିମ୍ ଆସିଥିବା ଖବର ପ୍ରଚାରିତ ହେବା ପରେ ମମତାଙ୍କ ଅନୁଗତ ରୂପେ ପରିଚିତ ଅନେତ ବିଧାୟକ ଓ ସାଂସଦ ସେଠାରେ ପହଞ୍ଚି ଟିମକୁ ଅଟକାଇଥିଲେ। ସାଂସଦ ତଥା ବରିଷ୍ଠ ଆଡଭୋକେଟ କଲ୍ୟାଣ ବାନାର୍ଜୀ ମଧ୍ୟ ସେଠାରେ ପହଞ୍ଚି ସିଆଇଡି ଅଧିକାରୀଙ୍କ ସହିତ କଥା ହୋଇଥିଲେ। କିନ୍ତୁ ସିଆଇଡି ଅଧିକାରି କିଛି ଶୁଣି ନଥିଲେ ଏବଂ ମମତାଙ୍କ ଘରେ ପଶି ଯାଞ୍ଚ କରିଥିଲେ।

ଟିଏମ୍‌ସି ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ଦଳ ନେତା ଭାବେ ସ୍ୱୀକୃତି ଦେବା ପାଇଁ ବିଧାନସଭା ବାଚସ୍ପତିଙ୍କୁ ମମତାଙ୍କ ପକ୍ଷରୁ ଚିଠିଲେଖାଯାଇଥିଲା। ସେହି ଚିଠିରେ ପାଖାପାଖି ୭୦ ଜଣ ବିଧାୟକଙ୍କ ଦସ୍ତଖତ ଥିଲା ଏବଂ ଏଥିରେ ଅଭିଷେକ ବାନାର୍ଜୀ ସ୍ୱାକ୍ଷର କରିଥିଲେ। କିନ୍ତୁ ପରେ ବିଧାୟକ ରତବ୍ରତ ବାନାର୍ଜୀ ଏବଂ ସନ୍ଦୀପନ ଶାହା ଏଥିରେ ଥିବା ଅନେକ ବିଧାୟକଙ୍କ ଦସ୍ତଖତ ଜାଲ୍ ବୋଲି ଅଭିଯୋଗ କରିଥିଲେ। ଏହାର ଯାଞ୍ଚ କରିବା ଲାଗି ସିଆଇଡିକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ। ସିଆଇଡି ଅନୁଯାୟୀ, ଅଭିଷେକ ପୂର୍ବରୁ କହିଥିଲେ ଯେ ବିଧାୟକମାନଙ୍କ ଦସ୍ତଖତ ଦଳର କେନ୍ଦ୍ରୀୟ କାର୍ଯ୍ୟାଳୟରେ ସଂଗ୍ରହ କରାଯାଇଥିଲା। ସେହି ବୟାନକୁ ଭିତ୍ତି କରି ଆଜି ସିଆଇଡି ଏହି ସର୍ଚ୍ଚ ଅପରେସନ କରିଛି। ତେବେ ଏହି ଚଢ଼ଉ ସମୟରେ ମମତା ଏବଂ ଅଭିଷେକ ବାନାର୍ଜୀ ଉଭୟ ଇଣ୍ଡିଆ ମେଣ୍ଟର ବୈଠକ ପାଇଁ ନୂଆଦିଲ୍ଲୀ ଗସ୍ତରେ ଥିବା ଜଣାପଡ଼ିଛି।



### ଜାଲ ଦସ୍ତଖତ ମାମଲାରେ ଯାଞ୍ଚ
### ଅଭିଷେକ ବାନାର୍ଜୀ ଘରେ ବି ଚଢ଼ଉ

## ରାଜ୍ୟସଭା ନିର୍ବାଚନରେ ନାଟକୀୟ ମୋଡ଼

# କଂଗ୍ରେସ ପ୍ରାର୍ଥୀ ମୀନାକ୍ଷୀଙ୍କ ନାମାଙ୍କନ ନାକଚ

■ ଭୋପାଳ, ୯।୬ (ଏଜେନ୍ସି): ଆସନ୍ତା ୧୮ ତାରିଖରେ ୧୦ଟି ରାଜ୍ୟରେ ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି। ତେବେ ନିର୍ବାଚନ ପୂର୍ବରୁ ମଧ୍ୟପ୍ରଦେଶରେ ଏହା ନାଟକୀୟ ମୋଡ଼ ନେଇଛି। ବିଜେପିର ଅଭିଯୋଗ କ୍ରମେ ରାଜ୍ୟରୁ କଂଗ୍ରେସର ଏକମାତ୍ର ପ୍ରାର୍ଥୀ ମୀନାକ୍ଷୀ ନଟରାଜନଙ୍କ ପ୍ରାର୍ଥିପତ୍ରକୁ ନାକଚ କରିଦେଇଛନ୍ତି ରିଟର୍ଣ୍ଣିଂ ଅଫିସର। ପ୍ରାର୍ଥିପତ୍ର ସହିତ ସେ ଦାଖଲ କରିଥିବା ସତ୍ୟପାଠରେ କିଛି ତଥ୍ୟ ଲୁଚାଇଥିବା ଅଭିଯୋଗରେ ରିଟର୍ଣ୍ଣିଂ ଅଫିସର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହାଫଳରେ ରାଜ୍ୟରେ ସମସ୍ତ ତିନିଟି ଯାକ ଆସନ ବିଜେପି ଖାତାକୁ ଯିବା ସ୍ପଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ କଂଗ୍ରେସ ଏହାର ପ୍ରତିବାଦ ଜଣାଇବା ସହିତ କୋର୍ଟ ଯିବ ବୋଲି କହିଛି।



### ବିଜେପି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ
### ପ୍ରତିବାଦ ଜଣାଇଲା କଂଗ୍ରେସ, କୋର୍ଟ ଯିବ

ପ୍ରାର୍ଥିପତ୍ର ଯାଞ୍ଚ ବେଳେ ବିଜେପି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ନଟରାଜନ ତାଙ୍କ ▶ପୃଷ୍ଠା-୭

# ଜଗନ୍ନାଥ 'ଧାମ' ନୁହେଁ ଦୀଘା

## ନୂଆ ନାମ ହେବ 'ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର': ଶୁଭେନ୍ଦୁ

■ ଭୁବନେଶ୍ୱର/ପୁରୀ, ୯।୬ (ସମିସ): ଓଡ଼ିଶାର କ୍ରମାଗତ ଦାବି ପରେ ଦୀଘା ଜଗନ୍ନାଥ ଧାମରୁ 'ଧାମ' ଶବ୍ଦ ହଟିବ। ପୂର୍ବରୁ ଏ ସମ୍ପର୍କରେ ରାଜ୍ୟବ୍ୟାପୀ ଦାବି ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତରେ ନବନିଯୁକ୍ତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ଦୀଘା ଜଗନ୍ନାଥ ମନ୍ଦିର ଏଣିକି ଧାମ ପରିବର୍ତ୍ତେ 'ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର'ଭାବେ ପରିଗଣିତ ହେବ।

ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ ସ୍ୱାଗତଯୋଗ୍ୟ ଅଟେ। ପୂର୍ବ ସରକାର ସନାତନ ସଂସ୍କୃତିର ଅପମାନ କରିଥିଲେ ଓ ଏହି ପ୍ରକଳ୍ପ ସହ 'ଧାମ' ଶବ୍ଦ ଯୋଡ଼ିଥିଲେ। କିନ୍ତୁ ସନାତନ ପରମ୍ପରା ଓ ହିନ୍ଦୁ ଧାର୍ମିକ ଆସ୍ଥା ଅନୁଯାୟୀ 'ଧାମ' ଶବ୍ଦର ଏକ ବିଶେଷ ମହତ୍ତ୍ୱ ରହିଛି। ଏହି ନାମ ପରିବର୍ତ୍ତନକୁ ଔପଚାରିକ ମଞ୍ଜୁରି ଦେବା ପାଇଁ ପଶ୍ଚିମବଙ୍ଗ ମନ୍ତ୍ରିମଣ୍ଡଳ ବୈଠକରେ ଏକ ପ୍ରସ୍ତାବ ଆଣାଯିବ ଏବଂ ତାହାକୁ ଅନୁମୋଦନ କରାଯିବ। କ୍ୟାବିନେଟ୍ ମଞ୍ଜୁରି ପରେ କମ୍ପ୍ଲେକ୍ସର ନାମ 'ଦୀଘା ଜଗନ୍ନାଥ ଧାମ' ନାମ ସମ୍ପୂର୍ଣ୍ଣ ଭାବେ ବଦଳି 'ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର' ଭାବେ ପରିଚିତ ହେବ। ସେହିପରି ଯେଉଁଠି ଠାକୁର ପୂଜା ପାଉଛନ୍ତି, ସେହି ସ୍ଥାପତ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ନାମରେ ନାମିତ ହେବ। ମନ୍ଦିର ପରିଚାଳନା ପାଇଁ ଯେଉଁ ଟ୍ରଷ୍ଟ କମିଟି ଗଠନ କରାଯାଇଛି, ଆସନ୍ତା ୨ ଦିନ ମଧ୍ୟରେ ଉପରୋକ୍ତ ନିଷ୍ପତ୍ତି ▶ପୃଷ୍ଠା-୭



### ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁଙ୍କୁ ଧନ୍ୟବାଦ ଜଣାଇଲେ ମୋହନ

## କାଦୁଅରେ ଖସିଗଲା ସ୍କୁଟି

# ଟ୍ରକ୍ ଚାପାରେ ମା'-ଝିଅ ମୃତ

■ ବଲାଙ୍ଗିର, ୯।୬ (ସମିସ): ଟ୍ରକ୍ ଚାପାରେ ଚାଲିଗଲା ମା'-ଝିଅଙ୍କ ଜୀବନ। ବଲାଙ୍ଗିର ସହରର ଗାନ୍ଧୀନଗରପଡ଼ା ନିକଟରେ ଆଜି ସକାଳେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ତାଳପାଲିପଡ଼ାର ସୁନୀତା ନାଗ ଓ ତାଙ୍କ ଝିଅ ସୁଷମା ନାଗ।



ସୂଚନାନୁସାରେ, ସୁନୀତା ସ୍ଥାନୀୟ ସମଲେଶ୍ୱରୀ ନର୍ସିଂହୋମ୍‌ରେ କାମ କରନ୍ତି। ସବୁଦିନ ଭଳି ଆଜି ସକାଳୁ ସୁଷମା ନିଜ ସ୍କୁଟିରେ ସୁନୀତାଙ୍କୁ ନର୍ସିଂହୋମ୍‌ରେ ଛାଡ଼ିବା ପାଇଁ ନେଉଥିଲେ। ସେମାନେ ଗାନ୍ଧୀନଗରପଡ଼ା ପାର ହେବା ପରେ ରାଜ୍ ହୋଟେଲ ସମ୍ମୁଖରେ ପଡ଼ିଥିବା ମାଟି କାଦୁଅରେ ସ୍କୁଟି ଚକା ଖସି ଯାଇଥିଲା। ଏହି ସମୟରେ ସହର ପଟୁ ଆସୁଥିବା ଏକ ଟ୍ରକ୍ ଚକା ତଳେ ଦୁହେଁ ପଡ଼ିଯାଇଥିଲେ। ଟ୍ରକ୍‌ଟି ଦୁହିଁଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବଦ୍ୱୟକୁ ▶ପୃଷ୍ଠା-୭

## ରାଜଧାନୀରେ ଲଜ୍ଜା।

# ପାର୍ଲରରେ ଯୁବତୀଙ୍କୁ ଗଣଦୁଷ୍କର୍ମ

### ଚାକିରି କରିବାକୁ ପାର୍ଲରକୁ ଆସିଥିଲେ
### ମାଲିକ, କର୍ମଚାରୀ ଗିରଫ; ଜଣେ ଫେରାର
### ପାର୍ଲରରୁ ଆପତ୍ତିଜନକ ସାମଗ୍ରୀ ଜବତ
### ହ୍ୱାଟ୍ସଆପରୁ ମିଳିଲା ଚାଞ୍ଚଲ୍ୟକର ତଥ୍ୟ



■ ଭୁବନେଶ୍ୱର, ୯।୬ (ସମିସ): ପାହାଳ ଓ ଧଉଳି ଥାନା ଅଞ୍ଚଳରେ ଯୁବତୀଙ୍କୁ ଦୁଷ୍କର୍ମ ଘଟଣାର ମନରୁ ନ ଯାଉଣୁ ଆଉ ଏକ ଗଣଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି। ଚାକିରି କରିବାକୁ ଆସି ଗଣଦୁଷ୍କର୍ମର ଶିକାର ହୋଇଛନ୍ତି ୨୦ ବର୍ଷୀୟା ଯୁବତୀ। ଜାଗମରା ଅଞ୍ଚଳରେ ଥିବା ଏକ ୟୁନିସେକ୍ସ ପାର୍ଲରରେ ଏଭଳି କାଣ୍ଡ ଘଟିଛି। ଅଭିଯୋଗ ପାଇବା ପରେ ପାର୍ଲର ମାଲିକ ଓ କର୍ମଚାରୀଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ସତ୍ୟସାଇ ଏନକ୍ଲେଭରେ ରହୁଥିବା ରବୀନ୍ଦ୍ର କୁମାର ମହାନ୍ତି (୫୦) ଓ ବଡ଼ମ୍ବା ଥାନା ରଗଡ଼ିପଡ଼ାର ସନ୍ତୋଷ କୁମାର ବାରିକ (୫୨)।

ପୁଲିସ ସୂଚନାନୁସାରେ, କୋଳଥିଆ ସତ୍ୟସାଇ ଏନକ୍ଲେଭର ରବୀନ୍ଦ୍ର ଜାଗମରା ଅଞ୍ଚଳରେ ଏକ ୟୁନିସେକ୍ସ ପାର୍ଲର କରିଥିବା ବେଳେ ସନ୍ତୋଷ ସେଠାରେ କାମ କରୁଥିଲା। ନିକଟରେ ଯୁକ୍ତ ୩ ପାସ୍ କରିଥିବା ବଡ଼ଗଡ଼ ଥାନା ଅଞ୍ଚଳର ଜଣେ ୨୦ବର୍ଷୀୟା ଯୁବତୀ ଚାକିରି ସନ୍ଧାନରେ ଥିଲେ। ଗତ ୩ ତାରିଖ ଦିନ ଯୁବତୀଜଣଙ୍କ ତାଙ୍କର ଜଣେ ସମ୍ପର୍କୀୟ ମାଧ୍ୟମରେ ରବୀନ୍ଦ୍ରଙ୍କ ପାର୍ଲରକୁ ଯାଇଥିଲେ। ସେଠାରେ ରବୀନ୍ଦ୍ର ଓ ସନ୍ତୋଷ ସହ କଥାବାର୍ତ୍ତା ହୋଇଥିଲେ। କଥାବାର୍ତ୍ତା ମୁତାବକ, ଯୁବତୀଜଣଙ୍କ ସେହି ପାର୍ଲରରେ କାମ କରିବା ସହ ଗ୍ରାହକମାନଙ୍କୁ ମସାଜ୍ କରିଥା'ନ୍ତେ। ଏହି ସମୟରେ ସେଠାରେ ଅନ୍ୟ ଜଣେ ଗ୍ରାହକ ମଧ୍ୟ ଉପସ୍ଥିତ ଥିଲେ। ଯୁବତୀଙ୍କୁ ଏକାକୀ ପାଇ ରବୀନ୍ଦ୍ର, ସନ୍ତୋଷ ଓ ଗ୍ରାହକଜଣଙ୍କ ଯୌନପିପାସୁ ପାଲଟି ଯାଇଥିଲେ। କଥାବାର୍ତ୍ତା ଚାଲିଥିବା ସମୟରେ ସନ୍ତୋଷ ହଠାତ୍ ପାର୍ଲର୍‌ର କବାଟକୁ ଭିତରପଟୁ ବନ୍ଦ କରି ଦେଇଥିଲା। କବାଟ ବନ୍ଦ ହେବାପରେ ରବୀନ୍ଦ୍ର ଯୁବତୀଙ୍କୁ ଟଣାଓଟରା କରିବା ସହ ଦୁଷ୍କର୍ମ କରିଥିଲା। ଯୁବତୀଜଣଙ୍କ କାକୁତିମିନତି ହୋଇଥିଲେ ମଧ୍ୟ କେହି ଶୁଣିନଥିଲେ। ରବୀନ୍ଦ୍ରଙ୍କ ପରେ ସନ୍ତୋଷ ମଧ୍ୟ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା। ଏମିତିକି, ଉପସ୍ଥିତ ଥିବା ଗ୍ରାହକ ମଧ୍ୟ ଯୁବତୀଙ୍କୁ ଛାଡ଼ିନଥିଲା। ଅଭିଯୁକ୍ତମାନେ ମିଳିମିଶି ଦୁଷ୍କର୍ମ କରିବା ପରେ ଯୁବତୀଙ୍କୁ ବିଭିନ୍ନ ପ୍ରକାରର ଧମକଚମକ ଦେଇଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ତାଙ୍କୁ ଓ ତାଙ୍କ ପରିବାରକୁ ଜୀବନରେ ମାରିଦେବେ ବୋଲି ଧମକାଇଥିଲେ। ଏଥିରେ ଯୁବତୀଜଣଙ୍କ ଭୟଭୀତ ହୋଇ ଘରକୁ ଫେରିଯାଇଥିଲେ। କିଛି ଦିନ ମାନସିକ ଅବସାଦରେ ରହିବା ପରେ ପରିବାରଲୋକଙ୍କୁ ସବୁ କଥା ଜଣାଇଥିଲେ। ପରିବାରଲୋକଙ୍କ ପରାମର୍ଶ କ୍ରମେ ଯୁବତୀଜଣଙ୍କ ଖଣ୍ଡଗିରି ଥାନାରେ ▶ପୃଷ୍ଠା-୭

## ୧୨ ବର୍ଷ ହେଲା ନ୍ୟାୟ ଅପେକ୍ଷାରେ ମା'-ଝିଅ

# ଖାସି, ଚାଉଳ ନ ଦେବାରୁ ଗାଁରୁ ବାସନ୍ଦ

■ ବଣାଇଁ, ୯।୬ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ମହୁଲଡିହା ଗ୍ରାମରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଖାସି, ଟଙ୍କା ଓ ଚାଉଳ ଦେଇ ନପାରିବାରୁ ଜଣେ ମହିଳା ଓ ତାଙ୍କ ବୃଦ୍ଧା ମା'ଙ୍କୁ ଦୀର୍ଘ ୧୨ ବର୍ଷ ଧରି ସମାଜରୁ ବାସନ୍ଦ କରାଯାଇଛି। ଏବେ ମା' ବାର୍ଦ୍ଧକ୍ୟଜନିକ ରୋଗଶଯ୍ୟାରେ ମୃତ୍ୟୁ ଅପେକ୍ଷାରେ ଦିନ ଗଣୁଥିବା ବେଳେ ମଲା ପରେ ସାମାଜିକ ସହଯୋଗ ମିଳିବ କି ନାହିଁ ସେ ନେଇ ଝିଅ ଚିନ୍ତାରେ।

ସୂଚନାନୁଯାୟୀ, ପ୍ରଭାତୀ ମୁଣ୍ଡାରୀ ନାମ୍ନୀ ଜଣେ ମହିଳା ଦୀର୍ଘ ୧୨ ବର୍ଷ ଧରି ତାଙ୍କ ଅସହାୟ ଓ ଶଯ୍ୟାଶାୟୀ ମା'ଙ୍କ ସେବା କରିଆସୁଛନ୍ତି। ପରିବାରର ପୁଅ ଓ ବୋହୂ ଅଲଗା ରହୁଥିବା ବେଳେ ମା'-ଝିଅ ସରକାରୀ ରାସନ ଚାଉଳ ଗଣ୍ଡାକରେ ଚଳୁଛନ୍ତି। ଜରାଜୀର୍ଣ୍ଣ ଘର, ଅଭାବ ଓ ଅନିଶ୍ଚିତତା ମଧ୍ୟରେ ତାଙ୍କ ଦିନ କଟୁଥିବାବେଳେ ସମାଜର ବାସନ୍ଦ ଦୁଃଖକୁ ଆହୁରି ବଢ଼ାଇ ଦେଇଛି।

ପ୍ରଭାତୀଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ସେ ଅନ୍ୟତ୍ର ପଳାଇ ଯାଇଥିବା ଘଟଣାକୁ କେନ୍ଦ୍ର କରି ସମାଜ ପକ୍ଷରୁ ତାଙ୍କ ଉପରେ ଜରିମାନା ସ୍ୱରୂପ ଖାସି, ଟଙ୍କା ଓ ଚାଉଳ ଦେବାକୁ କୁହାଯାଇଥିଲା। ଆର୍ଥିକ ଅସମର୍ଥତା କାରଣରୁ ସେ ଏହା ▶ପୃଷ୍ଠା-୭



# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବି ଖାତିର ନାହିଁ

## ପ୍ରାକୃତିକ ବିପର୍ଯ୍ୟୟ ସୂଚୀଭୁକ୍ତ ହେଲାନାହିଁ ବନ୍ୟପ୍ରାଣୀ ଆକ୍ରମଣଜନିତ ମୃତ୍ୟୁ

■ ଭୁବନେଶ୍ୱର, ୯।୬ (ସମିସ): ବନ୍ୟପ୍ରାଣୀ ଆକ୍ରମଣ ଯୋଗୁଁ ମନୁଷ୍ୟଙ୍କ ମୃତ୍ୟୁ ଘଟଣାକୁ ପ୍ରାକୃତିକ ବିପର୍ଯ୍ୟୟ ସୂଚୀ ଅନ୍ତର୍ଭୁକ୍ତ କରିବ ଓ ଏ ବାବଦରେ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ଓମାତ୍ର ଏହି ନିର୍ଦ୍ଦେଶକୁ ୬ ମାସ ବିତିଯାଇଥିଲେ ମଧ୍ୟ ଓଡ଼ିଶାରେ ଏହା ଲାଗୁ ହୋଇପାରି ନାହିଁ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ଏହି ମାମଲାଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକା ଭୁକ୍ତ କରା ଯାଇଥିଲେ କ୍ଷତିପୂରଣ ଅର୍ଥରାଶି ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ପ୍ରଦାନ କରାଯାଇଥାନ୍ତା। ମାତ୍ର ଏଯାଏ ଏ ସଂକ୍ରାନ୍ତରେ ସ୍ପଷ୍ଟ ନିର୍ଦ୍ଦେଶ ଜାରି ହୋଇ ନ ଥିବାରୁ ପୂର୍ବରୁ ରାଜ୍ୟ ସରକାର ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ ଲାଗି ପ୍ରଦାନ କରାଯାଉଥିବା ଅନୁକମ୍ପାରାଶି ବନ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଛି।

ଓଡ଼ିଶାରେ ଦୀର୍ଘବର୍ଷ ହେଲା ସାପ କାମୁଡ଼ା ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାଭୁକ୍ତ କରାଯାଇଛି । ଏ ବାବଦରେ ମୃତକଙ୍କ ପରିବାରକୁ କେବଳ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହାକୁ ନେଇ ଅନେକ ଦିନରୁ ସରକାରୀ ବ୍ୟବସ୍ଥା ଓ ସାମାଜିକ କର୍ମୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ବନ୍ୟପ୍ରାଣୀ ଆକ୍ରମଣରେ ମଣିଷ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳୁଥିବା ବେଳେ ସାପ କାମୁଡ଼ା ମୃତ୍ୟୁ କ୍ଷେତ୍ରରେ ଏହି ରାଶି ୪ ଲକ୍ଷରେ ସୀମିତ ରହିଛି। ଭାରତୀୟ ବନ୍ୟ ପ୍ରାଣୀ ଆଇନ୍‌ରେ ମଣିଷକୁ ମାରିବା ଭଳି କ୍ଷମତା ରଖିଥିବା ସବୁ ସାପ ସିଡ୍ୟୁଲ୍-୧ ଏବଂ-୨ ତାଲିକା ଅନ୍ତର୍ଭୁକ୍ତ ରହିଛନ୍ତି। ନାଗ, ତମ୍ପ, ଚନ୍ଦନ ବୋଡ଼ା, ଅହିରାଜ ସିଡ୍ୟୁଲ୍-୧ ସାପ ଭାବେ ଗଣାଯାଉଥିବା ବେଳେ ସିଡିଲ୍ୟୁ-୧ ତାଲିକାରେ ହାତୀ, ବାଘ, କୁମ୍ଭୀର ମଧ୍ୟ ରହିଛନ୍ତି। ସେହିପରି ଚିତି, ରଣା, ଧୂଳିଆ ବୋଡ଼ା ଆଦି ସାପ ସିଡ୍ୟୁଲ-୨ ସୂଚୀରେ ରହିଛନ୍ତି। ତେଣୁ ସାପ କାମୁଡାରେ କାହାରି ମୃତ୍ୟୁ ହେଲେ ମଧ୍ୟ ସମାନ ଭାବରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇ ଆସୁଛି।

ଗତ ନଭେମ୍ବର ୧୭ ତାରିଖରେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ସାପ କାମୁଡା ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ଅନୁକମ୍ପାମୂଳକ ରାଶି ୪ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ଏହି କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ▶ପୃଷ୍ଠା-୭



### ମୃତ୍ୟୁ ଯୋଗୁଁ ୧୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଥିଲା ନିର୍ଦ୍ଦେଶ
### ଏଯାଏ ବଢ଼ିନାହିଁ ସାପ କାମୁଡ଼ା ମୃତ୍ୟୁ ଜନିତ ଅନୁକମ୍ପା ରାଶି

# ପିଓକେରେ ପାକିସ୍ତାନୀ ସେନାର ଦମନଲୀଳା



## ଗୁଳିରେ ୩୦ ଆନ୍ଦୋଳନକାରୀ ନିହତ, ଶତାଧିକ ଆହତ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ପାକିସ୍ତାନୀ ସୁରକ୍ଷା ବଳର ବର୍ବରତା ଏବଂ ମାନବାଧିକାର ଉଲ୍ଲଂଘନ ବିରୋଧରେ ବ୍ରିଟେନରେ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି। ବ୍ରିଟେନର ବ୍ରାଡଫୋର୍ଡସ୍ଥିତ ପାକିସ୍ତାନୀ କନସୁଲେଟ୍ ସମ୍ମୁଖରେ ଶତାଧିକ କାଶ୍ମୀର ପ୍ରବାସୀ ଏକତ୍ରିତ ହୋଇ ପାକିସ୍ତାନ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରିପୋର୍ଟ ଅନୁସାରେ, ପିଓକେର ରାୱଲାକୋଟ ଅଞ୍ଚଳରେ ଏକ ଶୋକସଭାରେ ଯୋଗ ଦେଇଥିବା ଲୋକଙ୍କ ଉପରେ ପାକିସ୍ତାନୀ ସୁରକ୍ଷା ବଳ ଗୁଳିଚାଳନା କରିଥିଲା। ଏହି ହିଂସାକାଣ୍ଡରେ ୩୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଗତ କିଛି ଦିନର ଦମନଲୀଳା ମଧ୍ୟରେ ମୃତ୍ୟୁସଂଖ୍ୟା ୧୦୦ ରୁ ଅଧିକ ହୋଇଛି। ଏହି ଘଟଣାକୁ ନେଇ ବ୍ରିଟେନର ପ୍ରାୟ ୩୦ ଜଣ ସାଂସଦ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ବ୍ରାଡଫୋର୍ଡ ଇଷ୍ଟର ସାଂସଦ ଇମ୍ରାନ ହୁସେନ୍‌ଙ୍କ ନେତୃତ୍ୱରେ ଏହି ସାଂସଦମାନେ ବ୍ରିଟିଶ ବୈଦେଶିକ ମନ୍ତ୍ରଣାଳୟକୁ ପତ୍ର ଲେଖି କୂଟନୈତିକ ସ୍ତରରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି, ମନଇଚ୍ଛା ଗିରଫଦାରୀ ଏବଂ ବ୍ରିଟିଶ ନାଗରିକଙ୍କୁ ଅଟକ ରଖାଯିବା ନେଇ ସାଂସଦମାନେ ଉଦବେଗ ପ୍ରକାଶ କରିଛନ୍ତି। ପିଓକେରେ ଜଏଣ୍ଟ ଆୱାମି ଆକ୍ସନ କମିଟି (ଜେଏଏସି) ପକ୍ଷରୁ ଶସ୍ତା ଅଟା, ବିଜୁଳି ଦର ହ୍ରାସ ଏବଂ ମୌଳିକ ସୁବିଧା ଦାବିରେ ଏକ ବଡ଼ ଧରଣର ଆନ୍ଦୋଳନ ଚାଲିଛି। ପାକିସ୍ତାନ ପ୍ରଶାସନ ପିଓକେ ଅଞ୍ଚଳରେ ଜେଏଏସି ଉପରେ ନିଷେଧାଦେଶ ଜାରି କରିବା ସହ ଶତାଧିକ ଲୋକଙ୍କୁ ଗିରଫ କରିବା ପରେ ପରିସ୍ଥିତି ଅଧିକ ଜଟିଳ ହୋଇଛି। ସୁରକ୍ଷା ବଳର ଅତ୍ୟଧିକ ବଳ ପ୍ରୟୋଗ ଏବଂ ଜନସାଧାରଣଙ୍କ ଦାବିକୁ ଦମନ କରିବା ପାଇଁ ନିଆଯାଉଥିବା ପଦକ୍ଷେପକୁ ବିଶ୍ୱ ସ୍ତରରେ ନିନ୍ଦା କରାଯାଉଛି। ବ୍ରିଟିଶ ସାଂସଦମାନେ ପାକିସ୍ତାନ ସରକାରଙ୍କୁ ସଂଯମତା ରକ୍ଷା କରିବା ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଛନ୍ତି।



## ନରସଂହାରକୁ ନିନ୍ଦା କଲା ଭାରତ

### ପାକିସ୍ତାନକୁ ଉତ୍ତରଦାୟୀ କରିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଘଟିଥିବା କଶ୍ମୀରବାସୀଙ୍କ ନିର୍ମମ ନରସଂହାରକୁ ଭାରତ ଆଜି କଡ଼ା ଭାଷାରେ ନିନ୍ଦା କରିଛି। ଏହି ଅମାନୁଷିକ ଘଟଣା ପାଇଁ ଅନ୍ତର୍ଜାତୀୟ ସମୁଦାୟ ପାକିସ୍ତାନକୁ ଦାୟୀ କରିବା ସହ ଉଚିତ ଜବାବ ମାଗିବେ ବୋଲି ଭାରତ ଆଶା ପ୍ରକଟ କରିଛି। ସୂଚନା ଅନୁସାରେ, ପିଓକେରେ ସାଧାରଣ ଜନସମାଗମ ଏବଂ ସଭାସମିତି ଉପରେ ପାକିସ୍ତାନ ସରକାର କଟକଣା ଜାରି କରିବା ପରେ ସେଠାରେ ଭୟଙ୍କର ହିଂସାକାଣ୍ଡ ଦେଖାଦେଇଛି। ଏହି ହିଂସା ପରିପ୍ରେକ୍ଷୀରେ କଶ୍ମୀରୀମାନଙ୍କୁ ଯେଭଳି ଭାବେ ହତ୍ୟା କରାଯାଇଛି, ତାହା ମାନବାଧିକାରର ଚରମ ଉଲ୍ଲଂଘନ ବୋଲି ଭାରତ କହିଛି। ଭାରତୀୟ ବୈଦେଶିକ ବ୍ୟାପାର ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପାକିସ୍ତାନ ଦ୍ୱାରା ନିରୀହ ଲୋକଙ୍କ ଉପରେ ହେଉଥିବା ଏହି ଦମନମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ତାକୁ ବିଶ୍ୱ ଦରବାରରେ ଉତ୍ତରଦାୟୀ କରାଯିବା ଆବଶ୍ୟକତା ରହିଛି। ତେବେ ଏହି ଘଟଣା ପରେ ସ୍ଥାନୀୟଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ପାକିସ୍ତାନର ଏଭଳି କାର୍ଯ୍ୟକଳାପ ପୁଣି ଥରେ ସେଠାରେ ରହୁଥିବା ସଂଖ୍ୟାଲଘୁ ଏବଂ କଶ୍ମୀରୀମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି।

## ନିଟ୍-ୟୁଜି ବିବାଦ: ଏନ୍‌ଟିଏ, ଶିକ୍ଷା ଅଧିକାରୀଙ୍କୁ ସମନ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ନିଟ୍-ୟୁଜି ପରୀକ୍ଷାକୁ ନେଇ ଚାଲିଥିବା ବିବାଦ ନେଇ ଆସନ୍ତା ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ, ଉଚ୍ଚଶିକ୍ଷା ସଚିବ, ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏବଂ ନ୍ୟାସନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି)ର ବରିଷ୍ଠ ଅଧିକାରୀଙ୍କୁ ସଂସଦୀୟ କମିଟି ପକ୍ଷରୁ ସମନ ଜାରି କରାଯାଇଛି। ଜୁନ୍ ୨୧ ରେ ଅନୁଷ୍ଠିତ ହେବାକୁ ଥିବା ନିଟ୍-ୟୁଜି ପୁନଃ ପରୀକ୍ଷାର ସ୍ୱଚ୍ଛତା ଏବଂ ପରିଚାଳନା ସମ୍ପର୍କରେ ଏହି ଅଧିକାରୀମାନେ ପ୍ୟାନେଲକୁ ସୂଚନା ପ୍ରଦାନ କରିବେ। ସୂଚନାଯୋଗ୍ୟ, ନିଟ୍ ବିବାଦକୁ ନେଇ ଏହା ହେଉଛି ତୃତୀୟ ସଂସଦୀୟ ପ୍ୟାନେଲ। ଏହା ପୂର୍ବରୁ ସେମାନେ ଶିକ୍ଷା କମିଟି ଏବଂ ସରକାରୀ ଆଶ୍ୱାସନା କମିଟି ନିକଟରେ ହାଜର ହୋଇସାରିଛନ୍ତି। ଅନ୍ୟପଟେ, ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ ଏହି ମାମଲାରେ ଚାଲିଥିବା ତଦନ୍ତର ଅଗ୍ରଗତି ବିଷୟରେ ଅନ୍ୟ ଏକ ସଂସଦୀୟ ପ୍ୟାନେଲକୁ ଅବଗତ କରାଇଛନ୍ତି। କଂଗ୍ରେସ ସାଂସଦ ଦିଗବିଜୟ ସିଂହଙ୍କ ନେତୃତ୍ୱରେ ଗଠିତ ଶିକ୍ଷା ସମ୍ପର୍କିତ କମିଟି ଏନ୍‌ଟିଏକୁ ବିଭିନ୍ନ ପ୍ରଶ୍ନ ପଚାରିଛି। ଏନ୍‌ଟିଏ ଅଧିକାରୀମାନେ କିନ୍ତୁ ଦାବି କରିଛନ୍ତି ଯେ ସେମାନଙ୍କ ବ୍ୟବସ୍ଥାରେ କୌଣସି ତ୍ରୁଟି ନାହିଁ। ତଥାପି କମିଟି ଏହି ମାମଲାରେ ଆଭ୍ୟନ୍ତରୀଣ ତଦନ୍ତ ସମ୍ପର୍କରେ ରିପୋର୍ଟ ମାଗିଛି।

## ଜୟପୁର ବାଣ ଗୋଦାମରେ ବିସ୍ଫୋରଣ; ୭ ଜୀବନ୍ତ ଦଗ୍ଧ

ଜୟପୁର, ୯।୬(ଏଜେନ୍ସି): ରାଜସ୍ଥାନର ଜୟପୁରରେ ଖୋହ ନାଗୋରିଆନ୍ ଅଞ୍ଚଳରେ ଥିବା ଏକ ବେଆଇନ ବାଣ ଗୋଦାମରେ ମଙ୍ଗଳବାର ବିସ୍ଫୋରଣ ଘଟି ୭ ଜଣ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅଗ୍ନିକାଣ୍ଡରେ ଅନ୍ୟ କେତେକ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ଖୋହ ନାଗୋରିଆନ୍ ଅଞ୍ଚଳସ୍ଥିତ ଆୟେଶା ନଗର ତଲାଇ କଲୋନୀର ଏକ ଘରେ ବେଆଇନ ଭାବେ ବାଣ ଗଚ୍ଛିତ କରି ରଖାଯାଇଥିଲା। ହଠାତ୍ ସେଠାରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟି ନିଆଁ ଚାରିଆଡ଼କୁ ବ୍ୟାପି ଯାଇଥିଲା। ଏସଏମଏସ ମେଡିକାଲ କଲେଜର ଡାକ୍ତର ଦୀପକ ମାହେଶ୍ୱରୀ କହିଛନ୍ତି ଯେ, ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ ଡାକ୍ତରଖାନା ଅଣାଯିବା ପରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା। ଘଟଣାସ୍ଥଳରେ ଦମକଳ ବାହିନୀ, ପୁଲିସ ଟିମ୍ ଏବଂ ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପୂର୍ବରୁ ସ୍ଥାନୀୟ ବାସିନ୍ଦାମାନେ ନିଜସ୍ୱ ଉଦ୍ୟମରେ ନିଆଁକୁ ଆୟତ୍ତ କରିବା ସହ ଘର ଭିତରେ ଫସି ରହିଥିବା ଲୋକଙ୍କୁ ବାହାର କରିବାକୁ ଚେଷ୍ଟା କରିଥିଲେ। ବର୍ତ୍ତମାନ ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଲକ୍ଷାଦ୍ୱୀପରେ ୪୭ ବର୍ଷର ମଦ କଟକଣା ପ୍ରତ୍ୟାହୃତ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ଦୀର୍ଘ ୪୭ ବର୍ଷ ପରେ କେନ୍ଦ୍ରଶାସିତ ଅଞ୍ଚଳ ଲକ୍ଷାଦ୍ୱୀପରେ ମଦ ବିକ୍ରି ଉପରେ ଲାଗିଥିବା କଟକଣାକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି। ପର୍ଯ୍ୟଟନ ଶିଳ୍ପକୁ ବିଶ୍ୱସ୍ତରୀୟ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାର 'ଲକ୍ଷାଦ୍ୱୀପ ନିଷେଧାଦେଶ ନିୟମାବଳୀ, ୧୯୭୯'କୁ ରଦ୍ଦ କରି ଏକ ନୂତନ ନିୟନ୍ତ୍ରିତ ଅବକାରୀ ବ୍ୟବସ୍ଥା ଲାଗୁ କରିଛନ୍ତି। ଏହି ନୂତନ ନିୟମ ମଦର ଉତ୍ପାଦନ, ଆମଦାନୀ, ପରିବହନ ଏବଂ ବିକ୍ରି ପାଇଁ ଏକ ଲାଇସେନ୍ସ ଭିତ୍ତିକ ଢାଞ୍ଚା ପ୍ରଦାନ କରିବ। ସରକାର ମଦ ଉପରେ ବହୁଳ ପରିମାଣର ଅବକାରୀ ଶୁଳ୍କ ଧାର୍ଯ୍ୟ କରିଛନ୍ତି। ବିଦେଶୀ ମଦ ଉପରେ ୪୦୦%, ବିୟର ଉପରେ ୨୦୦% ଏବଂ ୱାଇନ୍ ଉପରେ ୮୦% ଶୁଳ୍କ ଲାଗୁ କରାଯାଇଛି। ଏଥିସହିତ, ୨୧ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ମଦ ବିକ୍ରି କରିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସୂଚନାଯୋଗ୍ୟ, ଲକ୍ଷାଦ୍ୱୀପରେ ପ୍ରାୟ ୯୭% ମୁସଲିମ ଜନସଂଖ୍ୟା ବାସ କରନ୍ତି। ଇସଲାମ ଧର୍ମରେ ମଦ୍ୟପାନକୁ ବାରଣ କରାଯାଇଥିବାରୁ ଏବଂ ସ୍ଥାନୀୟ ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଜଣାଇ ୧୯୭୯ରୁ ଏଠାରେ ମଦ ବିକ୍ରି ଉପରେ କଟକଣା ଥିଲା। ତେବେ ପର୍ଯ୍ୟଟନ କ୍ଷେତ୍ରରେ ମାଳଦ୍ୱୀପ ଭଳି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳଗୁଡ଼ିକ ସହ ପ୍ରତିଯୋଗିତା କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ୨୦୨୪ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲକ୍ଷାଦ୍ୱୀପ ଗସ୍ତ ପରେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟାରେ ୪୭% ବୃଦ୍ଧି ଘଟିଛି।

## ଭାରତ ମୁତୟନ କରିଛି ୧୨ଟି ପରମାଣୁ ଯୁଦ୍ଧାସ୍ତ୍ର

### ଚୀନ ସହ ମୁକାବିଲା ପାଇଁ ସଜବାଜ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ବିଶ୍ୱର ସାମରିକ ରଣନୀତି କ୍ଷେତ୍ରରେ ଭାରତ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି। ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ସିପ୍ରି) ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ସାମରିକ ବ୍ୟୟକାରୀ ଦେଶ ଭାବେ ପରିଗଣିତ ହୋଇଛି। ଭାରତର ପ୍ରତିରକ୍ଷା ବ୍ୟୟ ଗତ ବର୍ଷ ତୁଳନାରେ ୮.୯ ପ୍ରତିଶତ ବୃଦ୍ଧି ପାଇ ୯୨.୧ ବିଲିୟନ ଡଲାରରେ ପହଞ୍ଚିଛି। ରିପୋର୍ଟ ଅନୁଯାୟୀ, ୨୦୨୬ର ପ୍ରାରମ୍ଭିକ ସମୟ ସୁଦ୍ଧା ଭାରତର ପରମାଣୁ ଯୁଦ୍ଧାସ୍ତ୍ର ସଂଖ୍ୟା ବୃଦ୍ଧି ପାଇ ପ୍ରାୟ ୧୯୦ ରେ ପହଞ୍ଚିଛି। ଏହା ସହିତ ଭାରତ ପ୍ରଥମ ଥର ପାଇଁ ୧୨ଟି ପରମାଣୁ ୱାରହେଡ୍‌କୁ ସକ୍ରିୟ ଭାବେ ମୁତୟନ କରିଛି। ଭାରତ ନିଜର ପରମାଣୁ କାର୍ଯ୍ୟକ୍ରମକୁ ଆଧୁନିକୀକରଣ କରିବା ସହ ଦୂରଗାମୀ କ୍ଷେପଣାସ୍ତ୍ର ଉପରେ ଗୁରୁତ୍ୱ ଦେଉଛି, ଯାହା ଚୀନ୍‌ର ଯେକୌଣସି ସ୍ଥାନରେ ଲକ୍ଷ୍ୟଭେଦ କରିବାକୁ ସକ୍ଷମ। ଯଦିଓ ପାକିସ୍ତାନ ସହ ଭାରତର ପୁରୁଣା ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି, ତଥାପି ଭାରତର ସାମରିକ ଧ୍ୟାନ ବର୍ତ୍ତମାନ ଚୀନ୍ ଆଡ଼କୁ ଅଧିକ କେନ୍ଦ୍ରୀଭୂତ ହେଉଛି। ସିପ୍ରିର ତଥ୍ୟ ଅନୁଯାୟୀ, ଚୀନ୍ ମଧ୍ୟ ନିଜର ନିୟୋଜିତ ଯୁଦ୍ଧାସ୍ତ୍ର ସଂଖ୍ୟାକୁ ୨୪ ରୁ ୩୪କୁ ବୃଦ୍ଧି କରିଛି। ପୂର୍ବରୁ ଭାରତର ପ୍ରାୟ ସମସ୍ତ ପରମାଣୁ ଅସ୍ତ୍ର 'ଷ୍ଟକପାଇଲ' ବା ଭଣ୍ଡାରରେ ସୁରକ୍ଷିତ ରଖାଯାଉଥିଲା। ସେଗୁଡ଼ିକୁ ଯୁଦ୍ଧ ସମୟରେ ମିସାଇଲ୍ ବା ବିମାନରେ ଖଞ୍ଜାଯିବା ବ୍ୟବସ୍ଥା ରହିଥିଲା। ତେଣୁ ଏଗୁଡ଼ିକ ହଠାତ୍ ବ୍ୟବହାର ହେବା ସମ୍ଭବ ନଥିଲା। କିନ୍ତୁ ପ୍ରଥମ ଥର ପାଇଁ ଭାରତ ଏହାର କିଛି ଅଂଶକୁ ତୁରନ୍ତ ବ୍ୟବହାର ପାଇଁ ରଖିଛି। ମିସାଇଲ୍ ବା ଅନ୍ୟାନ୍ୟ ଯୁଦ୍ଧ ବିମାନରେ ଖଞ୍ଜା ହୋଇ ସାମରିକ ବ୍ୟବହାର ପାଇଁ ସଜାଗ ରଖିଛି। ଭାରତ ନିଜର ଏହି ୧୨ଟି ନିୟୋଜିତ ଯୁଦ୍ଧାସ୍ତ୍ରକୁ ଜଳ, ସ୍ଥଳ ଏବଂ ଆକାଶ ମାର୍ଗରୁ ନିକ୍ଷେପ କରିବାକୁ ସକ୍ଷମ। ଏଥିପାଇଁ ଭାରତୀୟ ନୌସେନାର ଅରିହନ୍ତ ଶ୍ରେଣୀର ପରମାଣୁ ଚାଳିତ ବୁଡ଼ାଜାହାଜ, ବାୟୁସେନାର ମିରାଜ୍ ୨୦୦୦, ଜାଗୁଆର ଏବଂ ରାଫେଲ୍ ଓ ସୁଖୋଇ-୩୦ ଏମ୍‌କେଆଇ ବିମାନ ବ୍ୟବହାର କରାଯାଇପାରିବ। ଏହା ବ୍ୟତୀତ ସ୍ଥଳ ଭାଗରେ ଅଗ୍ନି, ପୃଥ୍ୱୀ, ନିର୍ଭୟ ଏବଂ ବ୍ରହ୍ମୋସ ଭଳି କ୍ଷେପଣାସ୍ତ୍ର ମଧ୍ୟ ପରମାଣୁ କ୍ଷମତା ସମ୍ପନ୍ନ ରହିଛି।

ଜାନୁଆରୀ ୨୦୨୬ ସୁଦ୍ଧା ସାରା ବିଶ୍ୱରେ ପ୍ରାୟ ୧୨, ୧୮୭ଟି ପରମାଣୁ ୱାରହେଡ୍ ଅଛି, ସେଥିରୁ ୪, ୦୧୨ଟି ବିଭିନ୍ନ ମିସାଇଲ୍ ଏବଂ ବିମାନରେ ନିୟୋଜିତ ହୋଇ ରହିଛି। ଯେଉଁଥିରୁ ଆମେରିକା ଓ ରୁଷ ପାଖରେ ସର୍ବାଧିକ ୮୬ ପ୍ରତିଶତ ଅସ୍ତ୍ର ରହିଛି। ପାକିସ୍ତାନ ବର୍ତ୍ତମାନ ସୁଦ୍ଧା କୌଣସି ପରମାଣୁ ଅସ୍ତ୍ର ନିୟୋଜିତ କରିନଥିଲେ ମଧ୍ୟ ଭବିଷ୍ୟତ ପାଇଁ ନିଜର ପରମାଣୁ ଭଣ୍ଡାର ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିବା ରିପୋର୍ଟରେ କୁହାଯାଇଛି।

ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅସ୍ତ୍ରଶସ୍ତ୍ର ଆମଦାନୀକାରୀ ଦେଶ ହୋଇ ରହିଛି। ବିଶ୍ୱର ୯ଟି ପରମାଣୁ ସମ୍ପନ୍ନ ଦେଶ ନିଜର ଶକ୍ତି ବୃଦ୍ଧି କରିବାରେ ଲାଗିଛନ୍ତି। ଭାରତ ଓ ଇସ୍ରାଏଲ୍ ମୁଖ୍ୟତଃ ପ୍ଲୁଟୋନିୟମ୍ ବ୍ୟବହାର କରି ନିଜର ପରମାଣୁ କ୍ଷମତା ବୃଦ୍ଧି କରୁଛନ୍ତି।



**ବିଶ୍ୱର ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର**

| ଦେଶ | ମୋଟ୍ ଯୁଦ୍ଧାସ୍ତ୍ର | ମୁତୟନ ଯୁଦ୍ଧାସ୍ତ୍ର |
|---|---|---|
| ଆମେରିକା | ୩, ୭୦୦ | ୧, ୭୭୦ |
| ରୁଷ | ୪, ୪୦୦ | ୧, ୭୯୬ |
| ବ୍ରିଟେନ | ୨୨୫ | ୧୨୦ |
| ଫ୍ରାନ୍ସ | ୨୯୦ | ୨୮୦ |
| ଚୀନ | ୬୨୦ | ୩୪ |
| ଭାରତ | ୧୯୦ | ୧୨ |
| ପାକିସ୍ତାନ | ୧୭୦ | ୦ |
| ଇସ୍ରାଏଲ | ୯୦ | ୦ |
| ଉ. କୋରିଆ | ୬୦ | ୦ |

## ଦିଲ୍ଲୀରେ ଧୂଳିଝଡ଼ ସହ ବର୍ଷା

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ପାଣିପାଗରେ ପରିବର୍ତ୍ତନ ଦେଖାଦେଇଛି। ପ୍ରବଳ ଧୂଳିଝଡ଼ ସହ ବର୍ଷା ଯୋଗୁଁ ଦୀର୍ଘ ଦିନ ଧରି ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ଦିଲ୍ଲୀବାସୀଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆଗାମୀ କିଛି ଘଣ୍ଟା ପାଇଁ ସତର୍କ ସୂଚନା ଜାରି କରିଛି। ଆଇଏମ୍‌ଡି ପକ୍ଷରୁ ରାଜଧାନୀ ପାଇଁ ୟେଲୋ, ଅରେଞ୍ଜ ଏବଂ ରେଡ୍ ଆଲର୍ଟ ଜାରି କରାଯାଇଛି। ଦିଲ୍ଲୀ ଓ ଏନସିଆରର ଅଧିକାଂଶ ସ୍ଥାନରେ ଘଣ୍ଟା ପ୍ରତି ୫୦ ରୁ ୮୦ କିଲୋମିଟର ବେଗରେ ପବନ ବହିବା ସହ ବଜ୍ରପାତ ଓ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ କୁଆପଥର ବର୍ଷା ହେବାର ମଧ୍ୟ ଆଶଙ୍କା ରହିଛି। ଆସନ୍ତା କିଛି ଦିନ ମଧ୍ୟରେ ଦିଲ୍ଲୀର ସର୍ବାଧିକ ତାପମାତ୍ରା ୩୮ ରୁ ୪୨ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୯ ରୁ ୩୦ ଡିଗ୍ରୀ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି। ଦିଲ୍ଲୀ ବ୍ୟତୀତ ହରିୟାଣାର କୈଥଲ, ନରୱାନା, ଜିନ୍ଦ, ପାନିପଥ, ହିସାର ଏବଂ ରୋହତକ ଭଳି ଅଞ୍ଚଳରେ ମଧ୍ୟ ବର୍ଷା ଓ ବଜ୍ରପାତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତରେ ପ୍ରବେଶ କରିସାରିଥିଲେ ମଧ୍ୟ ଦିଲ୍ଲୀରେ ଏହା ପହଞ୍ଚିବାକୁ ଆହୁରି ସମୟ ଲାଗିବ। ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ପ୍ରଭାବ ଯୋଗୁଁ ନିର୍ଦ୍ଧାରିତ ତାରିଖଠୁ ତିନି ଦିନ ବିଳମ୍ବରେ ଚଳିତ ବର୍ଷ ମୌସୁମୀ କେରଳରେ ଜୁନ୍ ୪ ତାରିଖରେ ପହଞ୍ଚିଥିଲା। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଜୁନ୍ ୨୫ ରୁ ୩୦ ମଧ୍ୟରେ ମୌସୁମୀ ଦିଲ୍ଲୀରେ ପ୍ରବେଶ କରିପାରେ। ନୋଏଡା, ଗୁରୁଗ୍ରାମ ଏବଂ ଗାଜିଆବାଦ ଭଳି ସହରଗୁଡ଼ିକରେ ମଧ୍ୟ ଜୁନ୍ ଶେଷ ସପ୍ତାହ ଆଡ଼କୁ ବର୍ଷା ହେବାର ସମ୍ଭାବନା ରହିଛି।



## ବିମାନବନ୍ଦର ପ୍ରକଳ୍ପ ପାଇଁ ସେନାର ରନୱେ ସଂପ୍ରସାରଣ ବାତିଲ

### ଗ୍ରେଟ୍ ନିକୋବରରେ ୧୩, ୦୦୦ କୋଟିର ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ, ୯।୬(ଏଜେନ୍ସି): କେନ୍ଦ୍ର ସରକାର ଗ୍ରେଟ୍ ନିକୋବର ଦ୍ୱୀପରେ ଏକ ନୂତନ ଗ୍ରୀନଫିଲ୍ଡ ବେସାମରିକ-ସାମରିକ ବିମାନବନ୍ଦର ନିର୍ମାଣ ପାଇଁ ୧୩, ୦୦୦ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ପରେ କିନ୍ତୁ କ୍ୟାମ୍ପବେଲ୍ ବେ'ରେ ଥିବା ଭାରତୀୟ ନୌସେନାର ଏୟାରବେସ୍ 'ଆଇଏନଏସ ବାଜ୍'ର ରନୱେ ସମ୍ପ୍ରସାରଣ ପାଇଁ ଥିବା ଦୀର୍ଘ ଦିନର ଯୋଜନାକୁ ସରକାର ସ୍ଥଗିତ ରଖିଛନ୍ତି। ସରକାରୀ ଏବଂ ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ଗ୍ରେଟ୍ ନିକୋବରର ଦକ୍ଷିଣ-ପୂର୍ବ ଉପକୂଳରେ ଥିବା ଗାଲାଥିଆ ବେ ନିକଟସ୍ଥ ଚିଙ୍ଗେନ୍ ଠାରେ ଏହି ବିମାନବନ୍ଦର ନିର୍ମାଣ କରାଯିବ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ଆଇଏନଏସ ବାଜ୍‌ର ବର୍ତ୍ତମାନର ୪, ୫୦୦ ଫୁଟ୍ ରନୱେକୁ ୧୦, ୦୦୦ ଫୁଟ୍‌କୁ ବଢ଼ାଇବା ଆବଶ୍ୟକ ରହିଛି। ହେଲେ ଏଥିପାଇଁ ଭୌଗୋଳିକ ସୀମାବଦ୍ଧତା ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରତିବନ୍ଧକ ରହିଛି। ଏହି ନୂତନ ବିମାନବନ୍ଦର ମାଲାକ୍କା ପ୍ରଣାଳୀର ପଶ୍ଚିମ ପ୍ରବେଶ ପଥ ନିକଟରେ ଅବସ୍ଥିତ। ଏହି ପ୍ରଣାଳୀ ବିଶ୍ୱର ଅନ୍ୟତମ ବ୍ୟସ୍ତବହୁଳ ସାମୁଦ୍ରିକ ମାର୍ଗ। ତେବେ ଏହି ମେଗା ପ୍ରକଳ୍ପକୁ ନେଇ ରାଜନୈତିକ ବାଦବିବାଦ ତେଜିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରକଳ୍ପକୁ ଦେଶର ପ୍ରାକୃତିକ ଏବଂ ଜନଜାତି ଐତିହ୍ୟ ବିରୋଧରେ ଏକ ବଡ଼ ଅପରାଧ ଏବଂ ସ୍କାମ୍ ବୋଲି ବର୍ଣ୍ଣନା କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ୧.୫ କୋଟିରୁ ଅଧିକ ଗଛ କଟାଯିବା ସହ ଶୋମ୍ପେନ୍ ଜନଜାତିଙ୍କ ବାସସ୍ଥଳୀ ନଷ୍ଟ ହେବାର ଆଶଙ୍କା ଥିବା ସେ ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀ ପ୍ରଶ୍ନ କରିଛନ୍ତି ଯେ ଯଦି କେବଳ ପ୍ରତିରକ୍ଷା ଆବଶ୍ୟକତା ମୁଖ୍ୟ ଲକ୍ଷ୍ୟ ଥିଲା, ତେବେ ଆଇଏନଏସ ବାଜ୍‌କୁ କାହିଁକି ସମ୍ପ୍ରସାରଣ କରାଗଲା ନାହିଁ। ସେପଟେ ସରକାର କିନ୍ତୁ ଏହି ପ୍ରକଳ୍ପକୁ ଭାରତର ଅର୍ଥନୈତିକ ଏବଂ ରଣନୈତିକ ସ୍ୱାର୍ଥ ପାଇଁ ଅପରିହାର୍ଯ୍ୟ ବୋଲି ଦର୍ଶାଇଛନ୍ତି।

## ଟିଏମ୍‌ସି ବିଭାଜନ ପରେ ଏବେ ଡିଏମ୍‌କେ ଉପରେ ନଜର

### ପ୍ରତିଶୋଧ ପାଇଁ ବିଜେପିର ଯୋଜନା

### ଲୋକସଭାରେ ଟାର୍ଗେଟ୍ ୩୬୨

ନୂଆଦିଲ୍ଲୀ, ୯।୬(ଏଜେନ୍ସି): ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ସମ୍ବିଧାନ ସଂଶୋଧନ ଜରିଆରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଧାରଣ ଏବଂ ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାସ୍ କରାଇବାକୁ ଯୋଜନା କରିଥିଲେ କେନ୍ଦ୍ରରେ ଏନ୍‌ଡିଏ ସରକାର। ଏସଂକ୍ରାନ୍ତ ବିଲ୍ ସଂସଦରେ ଆଗତ ବି ହୋଇଥିଲା। କିନ୍ତୁ ଗତ ଏପ୍ରିଲ ୧୭ ତାରିଖରେ ଆବଶ୍ୟକ ସଂଖ୍ୟା ଅଭାବରୁ ଏହା କାଟ୍ ଖାଇ ଯାଇଥିଲା। ୫୪୩ ସଭ୍ୟ ବିଶିଷ୍ଟ ଲୋକସଭାରେ ଏହି ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନ ପାଇଁ ଦୁଇ ତୃତୀୟାଂଶ (୩୬୨) ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ସରକାରଙ୍କ ପାଖରେ ଥିଲେ ମାତ୍ର ୨୯୮ ସାଂସଦ। ବିରୋଧୀ ମେଣ୍ଟର ୨୩୦ ସାଂସଦ ଏହାର ବିରୋଧ କରିଥିଲେ। ମୋଦୀଙ୍କ ୧୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ପ୍ରଥମ ଥର ଲାଗି ସଂସଦ ଭିତରେ ସରକାର ଏଭଳି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଏହାର ପ୍ରତିଶୋଧ ପାଇଁ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦୁଇଟି ବିଲ୍ ଅନୁମୋଦନ କରାଇବା ଯୋଜନାରେ ଏନ୍‌ଡିଏ ସରକାର ଥିବା ବେଳେ ବିଧାନସଭା ନିର୍ବାଚନ ପରେ ମମତାଙ୍କ ତୃଣମୂଳ କଂଗ୍ରେସରେ ବିଭାଜନ ସରକାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ମମତାଙ୍କ ୨୦ ଜଣ ସାଂସଦ ବିଦ୍ରୋହ କରି ଏନ୍‌ଡିଏକୁ ସମର୍ଥନ ଦେବାକୁ ଘୋଷଣା କରିବା ପରେ ଲୋକସଭାରେ ଶାସକ ମେଣ୍ଟର ଶକ୍ତି ବୃଦ୍ଧି ପାଇଛି। ଦୁଇ ତୃତୀୟାଂଶ ସଂଖ୍ୟା ୩୬୨ର ନିକଟତର ହୋଇଛି। ଏହି ଟାର୍ଗେଟ ହାସଲ କରିବା ଲାଗି ଏନ୍‌ଡିଏ ଏବେ ଷ୍ଟାଲିନଙ୍କ ଡିଏମକେ ଏବଂ କେଜ୍ରିୱାଲଙ୍କ ଆପ୍ ଉପରେ ଆଖି ପକାଇଛି। ଏହି ଦୁଇ ଦଳ ବିରୋଧୀ ଶିବିରରେ ଥିଲେ ମଧ୍ୟ ଇଣ୍ଡିଆ ମେଣ୍ଟ ଠାରୁ ଦୂରେଇ ଯାଇଛନ୍ତି। ତେଣୁ ସେମାନଙ୍କୁ ସରକାର ଆଡ଼କୁ ଟାଣିବା ଲାଗି ଜୋରଦାର ପ୍ରୟାସ ଆରମ୍ଭ ହୋଇଯାଇଛି।



୫୪୩ ସଭ୍ୟ ବିଶିଷ୍ଟ ଲୋକସଭାରେ ଏନ୍‌ଡିଏର ୨୯୨ ସାଂସଦ ଥିବା ବେଳେ ମମତାଙ୍କ ଟିଏମ୍‌ସିର ୨୦ ବିଦ୍ରୋହୀ ସାଂସଦ ସମର୍ଥନ ଦେବାକୁ ଘୋଷଣା କରିଥିବାରୁ ସମର୍ଥନ ସଂଖ୍ୟା ୩୧୨କୁ ବୃଦ୍ଧି ପାଇଛି। ଇଣ୍ଡିଆ ମେଣ୍ଟର ସଂଖ୍ୟା ୧୯୦କୁ ହ୍ରାସ ପାଇଥିଲା ବେଳେ ନିରପେକ୍ଷ ଗୋଷ୍ଠୀରେ ୩୮ ସଭ୍ୟ ଅଛନ୍ତି। ଏଥିରେ ଡିଏମ୍‌କେର ୨୨ ଜଣ ସାଂସଦ ଥିବା ବେଳେ ୱାଇଏସ୍‌ଆରପିର ୪ ଏବଂ ଆପ୍‌ର ତିନି ଜଣ ସାଂସଦ ଅଛନ୍ତି। ବିରୋଧୀ ଦଳରେ ଫାଟ ସୃଷ୍ଟି କରି ସରକାର ଏଭଳି ଢଙ୍ଗରେ ସଂଖ୍ୟା ହାସଲ କରିବାକୁ ଷଡ଼ଯନ୍ତ୍ର ଚଳାଇଛନ୍ତି ବୋଲି ବିରୋଧୀ ଦଳର ନେତା ଅଭିଯୋଗ କରିଛନ୍ତି।

୨୦୨୯ ନିର୍ବାଚନ ପୂର୍ବରୁ ବହୁତ କିଛି ଘଟିବ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ନିର୍ବାଚନମଣ୍ଡଳୀ ପୁନଃନିର୍ଦ୍ଧାରଣ ବିଲ୍ ଏବଂ ମହିଳା ବିଲକୁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ୨୦୨୯ ନିର୍ବାଚନ ପୂର୍ବରୁ ସରକାରଙ୍କୁ ଏହି ସଫଳତା ମିଳିଯିବ।

# ୨୦୪୭ ସୁଦ୍ଧା ବିକଶିତ ଭାରତ: ମେଘୱାଲ

## ୨୦୩୬ ମସିହା ସୁଦ୍ଧା ଓଡ଼ିଶା ହେବ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷରେ ଦେଶ ପ୍ରତିଟି କ୍ଷେତ୍ରରେ ବିକାଶ, ପ୍ରଗତି ବହୁଗୁଣିତ ହେଇଛି। ୨୦୪୭ ବେଳକୁ ଭାରତ ବିକଶିତ ରାଷ୍ଟ୍ର ଓ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହୋଇ ସାରିଥିବ ବୋଲି କହିଛନ୍ତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨ ବର୍ଷ ତଥା ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମେଘୱାଲ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉପଲବ୍ଧି ସମ୍ପର୍କରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଛନ୍ତି।

ଶ୍ରୀ ମେଘୱାଲ କହିଛନ୍ତି ଯେ ୨୦୧୪ ପୂର୍ବରୁ ଇନ୍ଦିରା ଆବାସ ଯୋଜନାରେ ହିତାଧିକାରୀଙ୍କୁ ୪୩୦୦୦ ହଜାର ୩ଟି କିସ୍ତିରେ ମିଳୁଥିଲା। ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ଦାୟିତ୍ୱ ନେବା ପରେ ଏହି ଯୋଜନାର ଗତି ଏବଂ ଅନୁଦାନ ବୃଦ୍ଧିକୁ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନ ଦେଶରେ ଗରିବ ଲୋକଙ୍କର ୪ କୋଟି ବାସଗୃହ ନିର୍ମିତ ହୋଇସାରିଛି। ପୂର୍ବରୁ ନିର୍ମଳ ଗ୍ରାମ ଯୋଜନା ଥିଲା; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛ ଭାରତ ଯୋଜନା ଆରମ୍ଭ କଲେ । ୧୦ କୋଟି ଶୌଚାଳୟ ନିର୍ମାଣ ଲକ୍ଷ୍ୟ ୧୨ ବର୍ଷରେ ଏହି ଲକ୍ଷ୍ୟକୁ ପୂରଣ କଲେ। ୨୦୧୪ ପୂର୍ବରୁ ୧୮ ହଜାର ଗାଁକୁ ବିଜୁଳି ନଥିଲା; ମାତ୍ର ୧୦୦୦ ଦିନରେ ଏହି ଗାଁକୁ ବିଜୁଳି ସଂଯୋଗ ହେଲା। ଡିବିଟି ଯୋଜନା ମାଧ୍ୟମରେ ୪.୩୧ ଲକ୍ଷ କୋଟି ଟଙ୍କା ବାଟମାରଣା ରୋକାଯାଇ ପାରିଲା। ପିଏମ୍ କିଶାନ ଯୋଜନାରେ ୧୧ କୋଟି କୃଷକ ଲାଭାନ୍ୱିତ ହେଉଛନ୍ତି। ୩୨ରୁ ଅଧିକ ଦେଶ ନରେନ୍ଦ୍ର ମୋଦୀଙ୍କୁ ନିଜ ଦେଶର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ୨୧ ଜୁନକୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି ବୋଲି ଶ୍ରୀ ମେଘୱାଲ କହିଛନ୍ତି ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ଆସନ୍ତାକାଲି ନରେନ୍ଦ୍ର ମୋଦୀ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଶାସନମୁଖ୍ୟ ଭାବେ ସର୍ବାଧିକ ସମୟ (୪୩୧୯ ଦିନ) ସେବା କରିବାର ଏକ ଅଭୁତପୂର୍ବ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିବେ। ଏହି ଅବସରରେ ମୁଁ ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଓ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଓଡ଼ିଶାରେ ବିଜେପି ସରକାର ଗଠନ ପରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ଦ୍ରୁତ ଗତିରେ କାର୍ଯ୍ୟ ଚାଲିଛି। ରେଳବାଇ କ୍ଷେତ୍ରରେ ଓଡ଼ିଶା ପାଇଁ ଚଳିତ ଆର୍ଥିକ ବର୍ଷରେ ରେଳ ବଜେଟ୍ ରେକର୍ଡ ସଂଖ୍ୟକ ୧୦,୯୨୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାଗରମାଳା ଓ ପିଏମ୍ ଗତିଶକ୍ତି ଯୋଜନାରେ ଗଞ୍ଜାମର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ସାଟେଲାଇଟ୍ ବନ୍ଦର ପ୍ରତିଷ୍ଠା ହେଉଛି। କେନ୍ଦ୍ରାପଡ଼ାର ମହାନଦୀ ମୁହାଣରେ ୨୨,୭୦୦ କୋଟି ଟଙ୍କା ବ୍ୟୟରେ ଏକ ମେଗା ଜାହାଜ ନିର୍ମାଣ କ୍ଲଷ୍ଟର, ଜଟାଧାର ମୁହାଣରେ କ୍ୟାପ୍ଟିଭ୍ ଜେଟି ଏବଂ ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ହେଉଛି। ୧୨,୨୦୦ କୋଟି ବ୍ୟୟରେ ନ୍ୟାସନାଲ୍ ୱାଟରୱେ-୫ ର ବିକାଶ କରାଯାଉଛି। ଓଡ଼ିଶାରେ ୪୩ ହଜାର କୋଟି ଟଙ୍କା ବ୍ୟୟରେ ୫୪୦୦ କିମି ରାଜପଥ ନିର୍ମାଣ ସରିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷ ୪୬ ହଜାର 'ଲକ୍ଷପତି ଦିଦି' ସୃଷ୍ଟି ହୋଇଛନ୍ତି। ପିଏମ୍ ଆବାସ ଯୋଜନା (ସହରୀ)-୨.୦ ଅଧୀନରେ ୧ ଲକ୍ଷ ୪୩ ହଜାରରୁ ଅଧିକ ଘର ସମ୍ପୂର୍ଣ୍ଣ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର ପାଇଁ ଆମ ସରକାର ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

## ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୧୧ଟଙ୍କା ବୃଦ୍ଧି

ଭୁବନେଶ୍ୱର, ୯।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରକ୍ଷୀମାନଙ୍କ ଦୈନିକ ଭତ୍ତା ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ଭତ୍ତା ୨୦୨୬ ଜାନୁଆରୀ ୧ ତାରିଖରୁ ଲାଗୁ ହେବ। ସୂଚନାଯୋଗ୍ୟ, ୨୦୨୫ ଜୁଲାଇ ପହିଲାରେ ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୨୩ରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ନିୟମିତ କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ୨୦୨୬ ଜାନୁଆରୀ ପହିଲାରୁ ବୃଦ୍ଧି କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୃହରକ୍ଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ମେଡିକାଲ କଲେଜ ଓ ଡାକ୍ତରଖାନା ପାଇଁ ୭୫୫ଟି ନୂତନ ପଦ ମଞ୍ଜୁର

ଭୁବନେଶ୍ୱର, ୯।୬(ସମିସ): ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ଚିକିତ୍ସା ଶିକ୍ଷାନୁଷ୍ଠାନଗୁଡ଼ିକରେ ଡ଼ାକ୍ତରୀ ଶିକ୍ଷା ସ ରୋଗୀସେବାକୁ ସୁଦୃଢ଼ କରିବା ପାଇଁ ମୋଟ ୭୫୫ଟି ନୂତନ ପଦବୀ ମଞ୍ଜୁର କରିଛନ୍ତି ସରକାର। ମଞ୍ଜୁର ହୋଇଥିବା ପଦଗୁଡ଼ିକ ମଧ୍ୟରେ ୭ଟି ପ୍ରଫେସର, ୩୫ଟି ଆସୋସିଏଟ ପ୍ରଫେସର, ୫୦ଟି ଆସିଷ୍ଟାଣ୍ଟ ପ୍ରଫେସର, ୨୯ଟି ଟ୍ୟୁଟର, ୨୪୮ଟି ସିନିୟର ରେସିଡେଣ୍ଟ, ୧୯୦ଟି ଜୁନିୟର ରେସିଡେଣ୍ଟ (ଏମ୍‌ବିବିଏସ୍), ୧୧୨ଟି କାଜୁଆଲଟି ମେଡିକାଲ ଅଫିସର (ସିଏମ୍‌ଓ) ଏବଂ ୮୪ଟି ବ୍ଲଡ୍ ବ୍ୟାଙ୍କ ଅଫିସର (ବିବିଓ) ପଦବୀ ରହିଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛନ୍ତି। ଏହି ୭୫୫ଟି ପଦ ମଞ୍ଜୁର ହେବା ଫଳରେ ମେଡିକାଲ କଲେଜଗୁଡ଼ିକରେ ଆବଶ୍ୟକ ମାନବସମ୍ବଳ ବୃଦ୍ଧି ପାଇବ ଏବଂ ରୋଗୀମାନେ ଅଧିକ ଉନ୍ନତ ଚିକିତ୍ସାସେବାର ସୁବିଧା ପାଇପାରିବେ। ବିଗତ ଦିନରେ ତିନିଟି ନୂତନ ମେଡିକାଲ କଲେଜରେ ଦୁଇ ଶହ ପଚାଶ ଏମବିବିଏସ୍ ସିଟ୍‌ରେ ପାଠ ପଢା ବଢିଥିବା ବେଳେ ସମ୍ପ୍ରତି ପିଜି ସିଟ୍ ବଢି ୬୮ରେ ପହଁଚିଛି। ଫଳରେ ପ୍ରଫେସର ଏବଂ ଅନ୍ୟାନ୍ୟ ପଦବୀ ମଞ୍ଜୁର ଆବଶ୍ୟକ ଥିଲା। ଏହି ପଦବୀ ମଞ୍ଜୁର ଫଳରେ ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ସହିତ ଆଗାମୀ ଦିନରେ ଗୁଣାତ୍ମକ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତ।

### ସ୍କୁଟି ଚୋରିକୁ ନେଇ କଙ୍ଗାରୁକୋର୍ଟ

## ଅଧା ଲଣ୍ଡା କରି ଗାଁ ବୁଲାଇଲେ

ରାଇରଙ୍ଗପୁର/ଗୋରୁମହିଷାଣୀ, ୯।୬ (ସମିସ): ସ୍କୁଟି ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମାରିବା ସହ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ବୁଲାଇଲେ। ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣୀ ଥାନା ଅଧୀନ ଗୁହାଳଡାଙ୍ଗରି ଅଞ୍ଚଳରେ କଙ୍ଗାରୁ କୋର୍ଟରେ ଜଣେ ଯୁବକଙ୍କୁ ଏଭଳି ଅମାନୁଷିକ ନିର୍ଯାତନା ଦିଆଯାଇଛି। ଖବର ପାଇ ଗୋରୁମହିଷାଣୀ ପୁଲିସ ଘଟଣାସ୍ଥଳରୁ ଯୁବକଙ୍କୁ ଉଦ୍ଧାର କରିବା ସହ ଦୁଇଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଗୁହାଳଡାଙ୍ଗରି ଅଞ୍ଚଳର ରୁଆଁସି ନିବାସୀ ରାଜେଶ ମୁଣ୍ଡାଙ୍କ ସ୍କୁଟିଟି ଚୋରି ହୋଇଯାଇଥିଲା। ସଂଧ୍ୟାରେ ସେ ସ୍କୁଟିକୁ ରାସ୍ତାକଡ଼ରେ ରଖିଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ସ୍କୁଟି ଚୋରି କରିନେଇଥିଲା। ବହୁ ଖୋଜାଖୋଜି କରିବା ପରେ ଅଭିମନ୍ୟୁ ନାଏକ ନାମକ ଜଣେ ଯୁବକ ତାଙ୍କ ସ୍କୁଟି ଚୋରି କରିଥିବା ସେ ସନ୍ଦେହ କରିଥିଲେ। ଏପରିକି, ପରବର୍ତ୍ତୀ ସମୟରେ ତା' ପାଖରୁ ନିଜ ସ୍କୁଟିଟିକୁ ମଧ୍ୟ ଜବତ କରିଥିଲେ। ତେବେ ଏ ସଂପର୍କରେ ଥାନାକୁ ଜଣାଇବା ଗାଁରେ କଙ୍ଗାରୁକୋର୍ଟ ବସାଇ ଫଇସଲା କରିଥିଲେ। ଗାଁର କିଛି ଯୁବକ ଅଭିମନ୍ୟୁଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ତାଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ଚଲାଇଥିଲେ। ସ୍ଥାନୀୟ ଜଣେ ଗୃହରକ୍ଷୀ ଏହା ଦେଖି ଗୋରୁମହିଷାଣୀ ଥାନାକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିମନ୍ୟୁଙ୍କୁ ଉଦ୍ଧାର କରିଥିଲେ। ଏନେଇ ଗୋରୁମହିଷାଣୀ ଥାନାରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରାଯାଇଛି।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଦୋନ୍ନତି ବିବାଦ

## ପଦୋନ୍ନତି ରଦ୍ଦ; ବର୍ଦ୍ଧିତ ଦରମା ରାଶି ଫେରସ୍ତ ନିର୍ଦ୍ଦେଶ

ଭୁବନେଶ୍ୱର ୯।୬ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପିଆରଓଙ୍କୁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର୍ ପଦରେ ନିଯୁକ୍ତି ଦିଆଗଲା। ପଦ ଅନୁସାରେ ମିଳିଲା ଦରମା । ମାତ୍ର ତଦନ୍ତ ପରେ ଜଣାପଡ଼ିଲା ଯେ ଏଥିରେ ଜାଲିଆତି ହୋଇଛି। ସମ୍ପ୍ରତି ପଦୋନ୍ନତି ପାଇଥିବା ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରଙ୍କୁ ପଦାବନତି କରାଯିବା ସହ ସେ ନେଇଥିବା ଅଧିକ ଦରମା ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ତାଙ୍କର ବେତନ ସ୍ତର ୧୧ରୁ ହ୍ରାସ କରାଯାଇ ବେତନସ୍ତର ୧୦ କରି ଦିଆଯାଇଛି।


ସୂଚନା ଅନୁସାରେ ଡ. ଫାଗୁନାଥ ଭୋଇ ୨୦୧୧ ଡିସେମ୍ବର ୧ରେ ପେ-ଲେଭଲ୍ ୧୦ରେ ଜନସମ୍ପର୍କ ଅଧିକାରୀ ବା ପିଆର୍ ଅଫିସର ଭାବେ ନିଯୁକ୍ତ ହୋଇଥିଲେ। କୌଣସି ପଦୋନ୍ନତି ସୁବିଧା ନଥିବା ଏହା ଏକ ସ୍ୱତନ୍ତ୍ର ପଦବୀ ଥିଲା। ମାତ୍ର ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ପରିଷଦ ୨୦୧୯ ମସିହାରେ ପୂର୍ବତନ କୁଳପତିଙ୍କ ସମୟରେ ତାଙ୍କୁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର୍ ପଦକୁ ଉନ୍ନୀତ କରାଯାଇ ଫେବୃୟାରୀ ୭ ୨୦୨୦ ରୁ ପେ-ଲେଭଲ୍-୧୧ ପ୍ରଦାନ କରିଥିଲେ। ଏହି ସୁବିଧା କେବଳ ସେହି ସମୟ ପାଇଁ ଉଦ୍ଦିଷ୍ଟ ଥିଲା ଓ ଡ. ଭୋଇ ୟୁଜିସି ଓ ଶିକ୍ଷା ମନ୍ତ୍ରଣାଳୟର ସମସ୍ତ ନିର୍ଦ୍ଦେଶକୁ ମାନିବାକୁ ବାଧ୍ୟ ଏକ ଅଣ୍ଡରଟେକିଂ ଦେଇଥିଲେ।


### ପିଆରଓଙ୍କୁ ମିଳିଥିଲା ସହକାରୀ ରେଜିଷ୍ଟ୍ରାର ପଦରେ ନିଯୁକ୍ତି

ମାତ୍ର ପରବର୍ତ୍ତୀ ସମୟରେ ଏହି ଦରମା ବୃଦ୍ଧିର ଆଇନଗତ ବୈଧତା ଏବଂ ୟୁଜିସି ନିୟମାବଳୀକୁ ନେଇ ପ୍ରଶ୍ନ ଉଠିଥିଲା। ଏହାର ସମୀକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ଏପ୍ରିଲ ୨୪ରେ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ନିଯୁକ୍ତି ନିୟମାବଳୀ କିମ୍ବା ୟୁଜିସିର ଗାଇଡଲାଇନରେ ପିଆରଓ ପଦବୀକୁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର୍ ପଦବୀ ସହ ସମାନତା ଦେଇ ପଦୋନ୍ନତି ଦେବାର କୌଣସି ନିୟମ ନଥିବା କମିଟି ରିପୋର୍ଟ ପ୍ରଦାନ କରିଥିଲା। ପିଆରଓ ପଦବୀର ମୂଳ ଗଠନମୂଳକ ଦରମା କେବଳ ପେ-ଲେଭଲ୍-୧୦; ତେଣୁ ପୂର୍ବରୁ ପ୍ରଦାନ କରାଯାଇଥିବା ପେ-ଲେଭଲ୍-୧୧ ନିୟମ ବିରୋଧୀ ଓ ଭୁଲ୍। ୟୁଜିସି ମଧ୍ୟ ଚିଠିରେ ସ୍ପଷ୍ଟ କରିସାରିଛି ଯେ ପିଏର ଅଫିସର ପଦବୀ ପାଇଁ ନିର୍ଦ୍ଧାରିତ ପେ-ସ୍କେଲ୍ ହେଉଛି ପେ-ଲେଭଲ୍-୧୦। ଏହି ମାମଲାରେ ଡ. ଭୋଇଙ୍କୁ ଗତ ମଇ ୪ରେ ଏକ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଥିଲା। ମାତ୍ର ତାଙ୍କର ଜବାବ ସନ୍ତୋଷଜନକ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ପରିଷଦର ନିଷ୍ପତ୍ତି କ୍ରମେ ୨୦୨୦ ମସିହା ଫେବୃୟାରୀ ୭ ରୁ ପ୍ରଦାନ କରାଯାଇଥିବା ପେ-ଲେଭଲ୍-୧୧ ସୁବିଧାକୁ ତୁରନ୍ତ ପ୍ରତ୍ୟାହାର କରାଯାଇ ତାଙ୍କୁ ପେ-ଲେଭଲ୍-୧୦କୁ ଫେରାଇ ଅଣାଯାଇଛି। ୨୦୨୦ ମସିହାରୁ ଏପର୍ଯ୍ୟନ୍ତ ଭୁଲ୍ ଦରମା ନିର୍ଦ୍ଧାରଣ ଯୋଗୁଁ ତାଙ୍କୁ ଦିଆଯାଇଥିବା ସମସ୍ତ ଅତିରିକ୍ତ ଅର୍ଥ ରାଶି ଫେରସ୍ତ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ନେଇଥିବା ବେତନକୁ ସହଜ ମାସିକ କିସ୍ତି ମାଧ୍ୟମରେ ତାଙ୍କ ଦରମାରୁ କଟାଯିବ ବୋଲି କୁହାଯାଇଛି ।

## ଭିଜିଲାନ୍ସ ଜାଲରେ ଫାର୍ମାସି କାଉନସିଲ ବରିଷ୍ଠ ସହାୟକ ଓ ସହଯୋଗୀ

ଭୁବନେଶ୍ୱର, ୯।୬ (ସମିସ): ଫାର୍ମାସି ପଞ୍ଜୀକରଣ ପ୍ରମାଣପତ୍ର ପାଇଁ ୯ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଓଡ଼ିଶା ଫାର୍ମାସି କାଉନସିଲ୍‌ର ବରିଷ୍ଠ ସହାୟକ ବିଶ୍ୱମୋହନ ପଟ୍ଟନାୟକ ଓରଫ୍ ରାଜା ଏବଂ ତାଙ୍କ ସହଯୋଗୀ ଇଜାଜ ଖାନ୍ ଓରଫ୍ ପୃଷ୍ଟି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ଦୁହିଁଙ୍କୁ ଗିରଫ କରିଛି। ଭିଜିଲାନ୍ସ ସୂଚନାନୁଯାୟୀ, ଫାର୍ମାସି ପଞ୍ଜୀକରଣ ପ୍ରମାଣପତ୍ର ପାଇଁ ଜଣେ ଆବେଦନକାରୀ





ପ୍ରାୟ ସପ୍ତାହେ ହେବ ବରିଷ୍ଠ ସହାୟକ ରାଜାଙ୍କୁ ଅନୁରୋଧ କରିଆସୁଥିଲେ। କିନ୍ତୁ, ଏହି କାମ ପାଇଁ ରାଜା ୯ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଲାଞ୍ଚ ନଦେଲେ କାମ ହେବ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ଆବେଦନକାରୀଜଣଙ୍କ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଯୋଜନା ଅନୁଯାୟୀ, ଆବେଦନକାରୀଜଣଙ୍କ ଆଜି ଭୁବନେଶ୍ୱରସ୍ଥିତ ଫାର୍ମାସି କାଉନସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ରାଜାଙ୍କୁ ଭେଟି ଲାଞ୍ଚ ଟଙ୍କା ଯାଚିଥିଲେ। କିନ୍ତୁ, ରାଜା ଟଙ୍କା ନନେଇ ସହଯୋଗୀ ଇଜାଜ ଖାନ୍‌ଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଇଜାଜ୍ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଦୁହିଁଙ୍କୁ ମାଡ଼ି ବସିଥିଲେ। ସାକ୍ଷୀଙ୍କ ଉପସ୍ଥିତିରେ ଦୁଇ ଅଭିଯୁକ୍ତଙ୍କଠାରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ପରେ, ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଅଧିକାରୀମାନେ ରାଜାଙ୍କ ଆଦିମାତା କଲୋନୀସ୍ଥିତ ବାସଭବନ ଏବଂ ଅଫିସ୍ ଚାମ୍ବରରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଭିଜିଲାନ୍ସକୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସମ୍ପତ୍ତି ସମ୍ପର୍କିତ ତଥ୍ୟ ମିଳିଥିବା ଜଣାପଡ଼ିଛି।

### ୪୮ ଘଣ୍ଟା ହେଲା ଅନ୍ଧାରରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମ

## ବିଦ୍ୟୁତ୍ ନ ଥିବାରୁ ୯୦୦୦ କୁକୁଡ଼ା ମୃତ

ମନମୁଣ୍ଡା, ୯।୬(ସମିସ): ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ଯୋଗୁଁ ମରିଗଲେ ୯୦୦୦ରୁ ଊର୍ଦ୍ଧ୍ୱ କୁକୁଡ଼ା। ବୌଦ୍ଧ ଜିଲ୍ଲା ମନମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଡେଙ୍ଗପଦର ଗ୍ରାମର ପଞ୍ଚାନନ ସାହୁଙ୍କ କୁକୁଡ଼ା ଫାର୍ମରେ ଏହି ଅଘଟଣ ଘଟିଛି।



ସୂଚନାନୁଯାୟୀ, ଏହି ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଝିଙ୍କରପାଲି, ଘୁଲୁଘୁଲାପଦର, ଜୁନାନି, ଦପଲା, ଗୁଆବାହାଲ, ଆମ୍ବପାଲି, ଖମ୍ବସିରିପାଲି, ନୂଆଁପଡ଼ା, ରୁଗୁଡ଼ିପାଲି, ଡେଙ୍ଗପଦର, କୁଣ୍ଡାମାଲ, ମଲ୍ଲିକପଦର ସମେତ ପ୍ରାୟ ୩୦ରୁ ଅଧିକ ଗ୍ରାମରେ ବିଦ୍ୟୁତ୍ ନାହିଁ। ପ୍ରାୟ ୪୮ ଘଣ୍ଟାରୁ ଅଧିକ ସମୟ ହେବ ଏହି ଗ୍ରାମଗୁଡ଼ିକ ଅନ୍ଧାରରେ ରହିଛି। ଦୀର୍ଘ ସମୟ ବିଦ୍ୟୁତ୍ କାଟ୍ ଯୋଗୁଁ ପଞ୍ଚାନନଙ୍କ କୁକୁଡ଼ା ଫାର୍ମରେ ଥିବା ଜେନେରେଟର୍ ମଧ୍ୟ କାମ ଦେଇ ନଥିଲା। ଫଳରେ ଆଲୁଅ ଅଭାବରୁ ବ୍ରଏଲର୍ କୁକୁଡ଼ାଗୁଡ଼ିକ ମରିଯାଇଥିଲେ। ଅପରପକ୍ଷେ, ୨ ଦିନ ଧରି ବିଦ୍ୟୁତ୍ ନଥିବାରୁ ଛୋଟଛୁଆ, ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ରୋଗୀମାନେ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି। ତୁରନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରିଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଏ ସଂପର୍କରେ ମନମୁଣ୍ଡା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଚିନ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇନଥିଲେ।

### ଡାକ୍ତର ଓ ସିକ୍ୟୁରିଟିଙ୍କ ଦାଦାଗିରି

## ଭିଡିଓ କରିବାରୁ ମହିଳା ରୋଗୀଙ୍କ ସ୍ୱାମୀଙ୍କୁ ନିସ୍ତୁକ ମାଡ଼

ପାଟଣାଗଡ଼, ୯।୬ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ସୋମବାର ବିଳମ୍ବିତ ରାତିରେ ଜଣେ ମହିଳା ରୋଗୀଙ୍କ ସ୍ୱାମୀଙ୍କୁ ଡାକ୍ତର ଓ ସିକ୍ୟୁରିଟି ଗାର୍ଡ ପ୍ରବଳ ମାଡ଼ ମାରିଥିବା ନେଇ ପାଟଣାଗଡ଼ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପାଟଣାଗଡ଼ ପୁଲିସ ଏକ ମାମଲା ରୁଜୁ କରି ଆଜି ଦୁଇ ସିକ୍ୟୁରିଟି ଗାର୍ଡଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ଦୀପୁ ନାଏକ ଓ ଗଣେଶ୍ୱର ନାଏକ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଘୋର୍ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ, ପାଟଣାଗଡ଼ ଥାନା ସିଲେଟପଡ଼ା ଗାଁର ଭୀମ ସୁନା ସୋମବାର ରାତି ପ୍ରାୟ ୧୧ଟାରେ ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ପାଟଣାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଚିକିତ୍ସା ପାଇଁ କେହି ନ ଥିଲେ। ଡାକ୍ତରଙ୍କ ଚାମ୍ବରରେ ମଧ୍ୟ ଡାକ୍ତର ନ ଥିଲେ। ଫଳରେ ଅସନ୍ତୋଷ ପ୍ରକାଶ କରି ଭୀମ ଭିଡିଓ ଉତ୍ତୋଳନ କରିଥିଲେ। ଡାକ୍ତରଜଣକ ଆସିବା ପରେ ଏହା ଜାଣି ଭୀମଙ୍କୁ ଧମକ ଦେଇଥିଲେ। ଭିଡିଓ ଡିଲିଟ୍ ନକଲେ ତୁମ ସ୍ତ୍ରୀର ଚିକିତ୍ସା କରିବୁ ନାହିଁ ବୋଲି କହିଥିଲେ। ଭୀମ ନେହୁରା ହେବାରୁ ଡାକ୍ତର ତାଙ୍କ ସ୍ତ୍ରୀଙ୍କୁ



ଏକ ସାଲାଇନ୍ ଦେଇଥିଲେ। ପରେ ରକ୍ତପରୀକ୍ଷା ପାଇଁ ତଳକୁ ଯିବା ପାଇଁ କହିଥିଲେ। ଭୀମ ତଳକୁ ଆସିବା ପରେ ସେଠାରେ ଉପସ୍ଥିତ ଡାକ୍ତର ଓ ସିକ୍ୟୁରିଟିଗାର୍ଡ ତାଙ୍କୁ ବାଡ଼ିରେ ନିସ୍ତୁକ ମାଡ଼ ମାରିଥିଲେ। ଭୀମଙ୍କ

### ଥାନାରେ ମାମଲା ରୁଜୁ, ଦୁଇ ସିକ୍ୟୁରିଟି ଗାର୍ଡ ଗିରଫ

ପିଠିରେ ମାଡ଼ ଚିହ୍ନ ରହିଛି। ଖାଲି ସେତିକି ନୁହେଁ, ତାଙ୍କ ସ୍ତ୍ରୀଙ୍କ ଏଠାରେ ଚିକିତ୍ସା ହୋଇପାରିବ ନାହିଁ କହି ଅନ୍ୟତ୍ର ନେବା ପାଇଁ ଡାକ୍ତର କହିଥିଲେ। ଏହି ଘଟଣାରେ ଉପଖଣ୍ଡ ଚିକିତ୍ସାଧିକାରୀ ସରୋଜ ସ୍ୱାଇଁ କହିଛନ୍ତି ଯେ ରାତିରେ ଡାକ୍ତର ଅମ୍ବିତ ବୁଡେକ ଡ୍ୟୁଟିରେ ଥିଲେ। ତାଙ୍କୁ ପଚରାଯାଇଥିଲେ ହେଁ ହସ୍ପିଟାଲରେ ସେଭଳି କୌଣସି ଘଟଣା ଘଟି ନଥିବା ସେ କହିଛନ୍ତି।

### କାର୍ଯ୍ୟରେ ଅବହେଳା

## ବରଗଡ଼ ଜଳସେଚନ ବିଭାଗର ୩ ଯନ୍ତ୍ରୀ ନିଲମ୍ବିତ

ଭୁବନେଶ୍ୱର, ୮।୬ (ସମିସ): କାର୍ଯ୍ୟରେ ଅବହେଳା ଅଭିଯୋଗରେ ଜଳ ସମ୍ପଦ ବିଭାଗର ୩ ଜଣ ବରିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବରଗଡ଼ ଜଳସେଚନ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ମଦନ ମୋହନ ସେଠୀ, ଭେଡେନ୍ ଜଳସେଚନ ସବ୍-ଡିଭିଜନ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କୁମାର ମିଶ୍ର, ବରଗଡ଼ କେନାଲ ସେକ୍ସନର ସହକାରୀ ଯନ୍ତ୍ରୀ ରଞ୍ଜନ ପଟେଲଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବରଗଡ଼ କେନାଲ ଡିଭିଜନ୍ ଅଧୀନରେ ବରଗଡ଼ ବିତରକ କେନାଲର ବକ୍ସ କଣ୍ଡକ୍ଟ ନିର୍ମାଣ, ବରଗଡ଼ କେନାଲ ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନରେ ଅନିୟମିତତା ଅଭିଯୋଗରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ସମୟରେ ମଦନ ମୋହନ ସେଠୀ ଭୁବନେଶ୍ୱରସ୍ଥିତ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ରାଜ କୁମାର ମିଶ୍ର ଓ ରଞ୍ଜନ ପଟେଲ ମହାନଦୀ ବେସିନ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିନା ଅନୁମତିରେ ସେମାନଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓସିଏସ୍ ନିୟମ, ୧୯୬୨ର ଧାରା ୧୨(୧) ଅନୁଯାୟୀ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### 'ଡିଜିଟାଲ ଆରେଷ୍ଟ' ଓ ସେୟାର ମାର୍କେଟ୍ ନାଁରେ ୨ କୋଟି ଲୁଟ୍

## ଦିଲ୍ଲୀ ଓ ଉତ୍ତରାଖଣ୍ଡରୁ ୩ସାଇବର ଠକ ଗିରଫ

କଟକ, ୯।୬ (ସମିସ): ଦୁଇଟି ବଡ଼ଧରଣର ସାଇବର୍ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚକୁ ବଡ଼ ସଫଳତା ମିଳିଛି। କ୍ରାଇମବ୍ରାଞ୍ଚ ଦିଲ୍ଲୀ ଏବଂ ଉତ୍ତରାଖଣ୍ଡରେ ଚଢ଼ଉ କରି ୩ ଅନ୍ତଃରାଜ୍ୟ ସାଇବର୍ ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଦିଲ୍ଲୀର ଶୁଭମ ଶର୍ମା ଓରଫ୍ ସଞ୍ଜୟ ରାଣା ଓ ଉତ୍ତରାଖଣ୍ଡରୁ ଅମିତ କୁମାର ଏବଂ ଦିଲ୍ଲୀର ୟାସିନ୍ ଶାହ। 'ଡିଜିଟାଲ ଆରେଷ୍ଟ' ନାଁରେ ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କଠାରୁ ଏମାନେ ୧.୩୮ କୋଟି ଟଙ୍କା ଠକେଇ କରିଥିଲେ। ମନିଲଣ୍ଡରିଂ ମାମଲା ସହ ଆଧାର-କାର୍ଡ ଜଡ଼ିତ ଥିବା କହି ଅଭିଯୁକ୍ତମାନେ ଠକେଇର ଶିକାର ବ୍ୟକ୍ତିଙ୍କୁ ଜେଲ୍ ପଠାଇବାର ଭୟ ଦେଖାଇଥିଲେ। ଏଥିରେ ଭୟଭୀତ ହୋଇ ପୀଡ଼ିତଜଣଙ୍କ ଠକମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ୧.୩୮କୋଟି ଟଙ୍କା ପଠାଇ ଦେଇଥିଲେ।

କ୍ରାଇମବ୍ରାଞ୍ଚ ଡିଏସ୍‌ପି ଅନିଲା ଆନନ୍ଦଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ନୂଆଦିଲ୍ଲୀର ଉତ୍ତମନଗର ଅଞ୍ଚଳରୁ ଶୁଭମ ଶର୍ମା ଓରଫ୍ ସଞ୍ଜୟ ରାଣା (୨୯) କୁ ଗିରଫ କରିଛି। ଶୁଭମ ଜାଲ୍ ଦସ୍ତାବିଜ୍ ସାହାଯ୍ୟରେ 'ସଞ୍ଜୟ ରାଣା' ନାମରେ ଏକ ନକଲି ପରିଚୟପତ୍ର ତିଆରି କରିଥିଲା ଏବଂ ଏଚ୍‌ଡିଏଫ୍‌ସି, ଆକ୍ସିସ୍ , ଇଣ୍ଡସଇଣ୍ଡ ଭଳି ଅନେକ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଠକେଇ ଟଙ୍କା ନେଣଦେଣ



କରୁଥିଲା। ଠକେଇ ଟଙ୍କାରୁ ସେ ଏକ ହ୍ୟୁଣ୍ଡାଇ ଗ୍ରାଣ୍ଡ ଆଇ-୧୦ କାର୍ ମଧ୍ୟ କିଣିଥିଲା। ତାହାକୁ କ୍ରାଇମବ୍ରାଞ୍ଚ ଜବତ କରିଛି। ତାଙ୍କ ପାଖରୁ ନକଲି ଆଧାର, ପ୍ୟାନ୍ କାର୍ଡ, ମୋବାଇଲ୍ ଓ ସିମ୍ କାର୍ଡ ଜବତ ହୋଇଛି।

ସେହିପରି ଇନ୍ସପେକ୍ଟର୍ ସତ୍ୟନାରାୟଣ ପାଢ଼ୀଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ଉତ୍ତରାଖଣ୍ଡର ଡେରାଡୁନରୁ ଅମିତ କୁମାର (୩୧)କୁ ଗିରଫ କରିଛି। ତାଙ୍କ ଆକାଉଣ୍ଟକୁ ସିଧାସଳଖ ୧୩ଲକ୍ଷ ଟଙ୍କା ଆସିଥିଲା। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପୂର୍ବରୁ ଉତ୍ତରପ୍ରଦେଶର ଗାଜିଆବାଦରୁ ମା'-ପୁଅଙ୍କୁ ଗିରଫ କରିଥିଲା। ସେୟାର ମାର୍କେଟ୍‌ରେ ବିନିଯୋଗ ନାଁରେ ୧.୪ କୋଟିର ଠକେଇ ମାମଲାରେ ଭୁବନେଶ୍ୱରର ଆଉ ଜଣେ ବାସିନ୍ଦାଙ୍କୁ ଆଇପିଓ ଏବଂ ସେୟାର ମାର୍କେଟ୍‌ରେ ବିନିଯୋଗ କରି ମୋଟାଅଙ୍କର ଲାଭ ଦେବାର ପ୍ରଲୋଭନ ଦେଖାଇ ପ୍ରାୟ ଦେଢ଼ମାସ ମଧ୍ୟରେ ୧.୪କୋଟି ଟଙ୍କା ଠକି ନିଆଯାଇଥିଲା। ପୀଡ଼ିତଜଣଙ୍କ ଲାଭ ଟଙ୍କା ଉଠାଇ ନପାରିବାରୁ ଠକେଇର ଶିକାର ହୋଇଥିବା ଜାଣି କଟକ ସାଇବର୍ ଥାନାରେ ମାମଲା ଦାୟର କରିଥିଲେ। ଡିଏସ୍‌ପି ଅନିଲା ଆନନ୍ଦଙ୍କ ଟିମ୍ ଏହି ମାମଲାର ଅନୁସନ୍ଧାନ କରି ଦିଲ୍ଲୀର ଶାହଦରାରୁ ୟାସିନ୍ ଶାହ (୩୮)କୁ ଗିରଫ କରିଛି। ୟାସିନଙ୍କ ଆକାଉଣ୍ଟରେ ଠକେଇ ହୋଇଥିବା ଅର୍ଥରୁ ୨ ଲକ୍ଷ ଟଙ୍କା ଜମା ହୋଇଥିଲା। ସୂଚନାଯୋଗ୍ୟ, ଏହି ସେୟାର୍ ମାର୍କେଟ୍ ଠକେଇ ମାମଲାରେ ପୂର୍ବରୁ ଦେଶର ବିଭିନ୍ନ ପ୍ରାନ୍ତରୁ ୧୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇସାରିଛି।

## ଓଡ଼ିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ କରମୁକ୍ତ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୯।୬ (ସମିସ): ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନିକୁଞ୍ଜ ହୋତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର ହସ୍ତତନ୍ତ ବୁଣାକାର ସମ୍ପ୍ରଦାୟଙ୍କ ଜୀବନ, ସଂଘର୍ଷ, ସହନଶୀଳତା ଓ ସଫଳତା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ଗତ ମେ' ୧୫ତାରିଖରେ ମୁକ୍ତିଲାଭ କରିଛି। ଓଡ଼ିଶାର ମହାନ ପାରମ୍ପରିକ ଐତିହ୍ୟ ଓ କାରିଗରୀ କୌଶଳକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ନିଚ୍ଛକ ଭାବେ ପ୍ରଦର୍ଶିତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ କରମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

### ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା

# ଯୋଗ ଦେବେ ୫ ଶହରୁ ଅଧିକ କଳାକାର

ସମ୍ବଲପୁର, ୯।୬ (ସମିସ) :

ଚଳିତବର୍ଷ ବଡ଼ବଜାରର ଶ୍ରୀଶୀତଳେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାକୁ ଭବ୍ୟ ଓ ଆକର୍ଷଣୀୟ କରାଯିବ। ଏଥିରେ ରାଜ୍ୟ ତଥା ଜାତୀୟସ୍ତରର ପ୍ରାୟ ୫ ଶହ କଳାକାର ଯୋଗଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଯାତ୍ରା କମିଟି ସଭାପତି ସରୋଜ ସାହୁ ଓ ସମ୍ପାଦକ ରାମଦାସ ପଣ୍ଡା ସୂଚନା ଦେଇଛନ୍ତି। ଚଳିତବର୍ଷ ଶ୍ରୀ ଶୀତଳେଶ୍ୱର ବାବାଙ୍କ ଦେବବିବାହରେ ମୁଦିପଡ଼ାର କୁଞ୍ଜବନ ପଟେଲ ଓ ଧରିତ୍ରୀ ପଟେଲ ମାତା ପାର୍ବତୀଙ୍କ ପିତାମାତା ଭାବେ ଦାୟିତ୍ୱ ନିର୍ବାହ କରୁଥିବାବେଳେ ବରପିତା ଭାବେ ଜଗଦୀଶ କାଲନୋରିଆ ରହିଛନ୍ତି। ଆସନ୍ତା ୧୭ ତାରିଖ ସନ୍ଧ୍ୟା ସାଢ଼େ ୭ଟାରେ ବାବାଙ୍କ ରୁଦ୍ରାଭିଷେକ ଓ ଅନ୍ୟାନ୍ୟ ରୀତିନୀତି ଆରମ୍ଭ ହେବ; ୧୮ ତାରିଖ ବାରାତ ଯାଇ ବିଳମ୍ବିତ ରାତ୍ରି ଶୁଭ ଲଗ୍ନରେ ବିବାହୋତ୍ସବ ବୈଦିକ ରୀତିରେ ଅନୁଷ୍ଠିତ ହେବ। ୧୯ ତାରିଖ ରାତି ୧୧ଟାରେ ଯୁଗଳ ଦର୍ଶନ ଶୋଭାଯାତ୍ରା ସହର ପରିକ୍ରମା ପାଇଁ ବାହାରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଶୋଭାଯାତ୍ରା ପୂର୍ବରୁ ବୁଢ଼ୀମା ମନ୍ଦିର ସମ୍ମୁଖରେ ଏକ ଭବ୍ୟ ମହାଆଳତୀ କରାଯିବ।




ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ସକାଶେ ବଡ଼ବଜାରର ଶ୍ରୀଶୀତଳେଶ୍ୱର ବାବାଙ୍କ ଦେବବିବାହ ଓ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ପୂର୍ବାହ୍ଣରେ ସମଲେଶ୍ୱରୀ ମନ୍ଦିର ପରିସରସ୍ଥ ସୂଚନା କେନ୍ଦ୍ରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଥିଲା। ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ୨୩ତମ ବର୍ଷରେ ପଦାର୍ପଣ କରିଛି। ଯାତ୍ରାକୁ ଅଧିକ ଭବ୍ୟ ଓ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ପ୍ରାୟ ୪୦ ଲକ୍ଷ ଟଙ୍କାର ବଜେଟ୍ କରାଯାଇଛି। ଚଳିତବର୍ଷ ମୋଟ ୨୨ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୃତ୍ୟ ଦଳ ଯାତ୍ରାରେ ସାମିଲ ହେବେ। ତନ୍ମଧ୍ୟରେ କାଳିନ୍ଦୀ ନୃତ୍ୟ, ଘୁଡୁକୁଡୁ, ଦାନବାଡ଼ି ନାଚ, ପଞ୍ଜାବୀ ଢୋଲ, ସମ୍ପ୍ରଦା, ମୟୁର ଚୁଳିଆ ନାଚ, ମହିଳା ଝାଞ୍ଜ, ଦୁଲଦୁଲି, ଘଣ୍ଟ ବାଦ୍ୟ, ଶଙ୍ଖୁଆ, ଅଘୋରୀ ଦଳ ସହ ରାଧାକୃଷ୍ଣ ମେଢ଼, ଉଜ୍ଜୟିନୀରୁ ଡମ୍ବରୁ ଦଳ, କଲିକତା, ଭୁବନେଶ୍ୱର, ରାଉରକେଲା ଓ ଆସାମରୁ ରଥ ନାଚ ସହିତ ପ୍ରଜ୍ଞାପନ ମେଢ଼, ହନୁମାନ ପରଭା, ରାଧାକୃଷ୍ଣ ପରଭା, ଦେବଦମ୍ପତିଙ୍କ ମୁଖ୍ୟ ପରଭା ରହିବ। ଏହାସହ ଡିଜେ ଲାଇଟ୍ ମଧ୍ୟ ରହିବ। ଶୀତଳଷଷ୍ଠୀ ଶୋଭାଯାତ୍ରାରେ ପାରମ୍ପରିକ ଲୁପ୍ତପ୍ରାୟ କଳା ସହିତ ଜାତୀୟସ୍ତରର କଳାକାରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ ବୋଲି ସମ୍ପାଦକ ରାମଦାସ ପଣ୍ଡା ସୂଚନା ଦେଇଛନ୍ତି।

ଆସନ୍ତା ୧୬ ତାରିଖରେ ପତରପେଁଡି, ୧୭ରେ ଦେ'ନିଉତା ପରେ ୧୮ ତାରିଖ ରାତି ୧୦ଟାରେ ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବାଙ୍କ ବାରାତ ବାହାରି ସମଲେଶ୍ୱରୀ ମନ୍ଦିର, କୁଞ୍ଜେଲପଡ଼ା ଛକ, ମୁଦିପଡ଼ା ଛକ, ପାଣିଟାଙ୍କି ଗଳି ଦେଇ କନ୍ୟାଗୃହରେ ପହଞ୍ଚିବ। ବିଳମ୍ବିତ ରାତ୍ରି ଶୁଭ ଲଗ୍ନରେ ଦେବବିବାହ ସମ୍ପନ୍ନ ହେବ। ନଗର ପରିକ୍ରମା ଶୋଭାଯାତ୍ରା ୧୯ ତାରିଖ ରାତି ୧୧ ଟାରେ ବୁଢ଼ୀମା ମନ୍ଦିରରୁ ବାହାରିବ। ସେଠାରେ ଏକ ଭବ୍ୟ ମହା ଆଳତୀ କରାଯିବ। ଏହା ପାଟଣେଶ୍ୱରୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର ଦେଇ ଗତି କରିବ। ପରଦିନ ୨୦ ତାରିଖ ସକାଳ ୧୦ଟାରେ ଭବ୍ୟ ଆଳତୀ ପରେ ବଡ଼ବଜାର ଛକରୁ ଶୋଭାଯାତ୍ରା ଆରମ୍ଭ ହେବ ଏବଂ ଏହା କ୍ଷେତରାଜପୁର, ଫାର୍ମରୋଡ, ଚେରୁଆପଡ଼ା ଛକ, କମଲିବଜାର ଛକ, ସମଲେଶ୍ୱରୀ ମନ୍ଦିର ଦେଇ ଶୀତଳେଶ୍ୱର ବାବାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଯାତ୍ରା କମିଟି ଉପସଭାପତି କିଶୋର ମେହେର, ସାଂସ୍କୃତିକ ସମ୍ପାଦକ ଦିଲ୍ଲୀପ ସାହୁ ଓ ତ୍ରିଲୋଚନ ସରାଫ ମଞ୍ଚାସୀନ ଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯାତ୍ରା କମିଟି ଉପସଭାପତି ମନୋଜ ପାଲସନିଆ, ଭୋପାଲ ବଘେଲ, ସହସମ୍ପାଦକ କୁନ୍ଦନ ପ୍ରଧାନ, ଶୁଭମ ମେହେର, କୋଷାଧ୍ୟକ୍ଷ ଭାବେଶ ଚାନ୍ଦ, ସାଂସ୍କୃତିକ ସମ୍ପାଦକ କୁନାଲ ପ୍ରଧାନ, ସାଜସଜ୍ଜା ସମ୍ପାଦକ ମଣ୍ଟୁ ସାହୁ, ବୁଦ୍ଧଦେବ ପ୍ରଧାନ, ନରେଶ ମାଝି, ପୂଜକ ସଞ୍ଜୟ ବଡ଼ମାଲି, ବିକାଶ ବଗର୍ତ୍ତୀ, ପ୍ରିୟାଂଶୁ ପ୍ରଧାନ, କାହ୍ନା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ବସନ୍ତପୁରରେ ୫୩୩ ଚାଷୀ ବିକିବେ ରବି ଧାନ

ସମ୍ବଲପୁର, ୯।୬ (ସମିସ) : ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ୍ ବସନ୍ତପୁର ଗପଞ୍ଚାୟତର ୫୩୩ ଜଣ ଚାଷୀଙ୍କୁ ୨୦୨୫-୨୬ ରବି ଋତୁରେ ସେମାନଙ୍କ ଉପାର୍ଜିତ ଧାନ ବିକ୍ରୟ କରିବାକୁ ଅନୁମତି ମିଳିଛି। ଅଞ୍ଚଳର ଚାଷୀ ମାନଙ୍କ ସକାଶେ ଏହା ଏକ ସୁଖବର। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ଚିପିଲିମା ପାୱାର କେନାଲ୍ ଏବଂ ସମ୍ପ୍ରସାରଣ ପାଇଁ ସରକାର ଜମି ଗୁଡ଼ିକ ଅଧିଗ୍ରହଣ କରିଥିଲେ ଏବଂ କ୍ଷତିପୂରଣ ମଧ୍ୟ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଯୋଜନାରେ ପରିବର୍ତ୍ତନ ଯୋଗୁଁ କେବଳ ପାୱାର କେନାଲ୍ ନିର୍ମାଣ କରାଗଲା ଏବଂ ଅବଶିଷ୍ଟ ଜମି ଜଳସେଚନ ବିଭାଗ ନାମରେ ରହିଲା। ଏହି ଜମିଗୁଡ଼ିକ ଚାଷୀମାନଙ୍କ ପୂର୍ବପୁରୁଷଙ୍କ ହୋଇଥିବାରୁ, ସେମାନେ ଏଥିରେ ଚାଷ କାର୍ଯ୍ୟ ଜାରି ରଖିଥିଲେ। ମାତ୍ର ସରକାରୀ ରେକର୍ଡ ଅନୁଯାୟୀ ଏହାକୁ ଜବରଦଖଲ ବୋଲି କୁହାଯାଉଥିଲା। ସେଠାରେ ନିୟମିତ ଭାବେ ଚାଷ କରିଆନ୍ତି କିନ୍ତୁ ସରକାରୀ ଜମିରେ ଚାଷ ଯୋଗୁଁ ଖରିଫ୍ ଓ ରବି ଋତୁରେ ସରକାର ଏହାକୁ ଧାନସଂଗ୍ରହ ସମୟରେ ସାମିଲ କରନ୍ତି ନାହିଁ। ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ସୁଦାମ ଚରଣ ମଣ୍ଡଳ ସମ୍ବଲପୁର ଜିଲ୍ଲାପାଳଙ୍କୁ ଚିଠି ସଂଖ୍ୟା ୯୫୧୨ ତା ୮-୬-୨୦୨୬ ଜରିଆରେ ସୂଚନା ଦେଇଛନ୍ତି ଯେ, ସରକାର ବସନ୍ତପୁର ଗ୍ରାମ ପଞ୍ଚାୟତର ୫୩୩ ଜଣ ଚାଷୀଙ୍କୁ ସ୍ୱତନ୍ତ୍ର ଭାବେ ଜଳସଚନ ବିଭାଗର ଜମିରେ ଚାଷ କରାଯାଇଥିବା ଧାନ ପଞ୍ଜୀକରଣ ପୋର୍ଟାଲରେ ରବି ଧାନ ସଂଗ୍ରହ ୨୦୨୫-୨୬ରେ ବିକ୍ରୟ ନିମନ୍ତେ ପଞ୍ଜୀକରଣ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏହାସହ ସଚିବ ସ୍ପଷ୍ଟ କରିଛନ୍ତି ଯେ, ସମ୍ପୃକ୍ତ ୫୩୩ ଜଣ ଚାଷୀଙ୍କୁ ଆଗାମୀ ଦିନରେ ଏହି ସରକାରୀ ଜମିରେ ଚାଷ ନ କରିବାକୁ ସୂଚିତ କରାଯାଉ। କାରଣ ଭବିଷ୍ୟତରେ ସରକାରୀ ଜମିରେ ହେଉଥିବା ଚାଷରୁ ଉତ୍ପାଦିତ ଧାନ ସରକାର ଆଦୌ ଗ୍ରହଣ କରିବେ ନାହିଁ। ଏହି ପ୍ରକ୍ରିୟାକୁ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଓଆରଏସଏସି ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରୋଜେକ୍ଟ ସପୋର୍ଟ ଟିମକୁ ଆବଶ୍ୟକୀୟ ବୈଷୟିକ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ, ଧାନବିକ୍ରି ପାଇଁ ଅନୁମିତ ପାଇଥିବା ୫୩୩ ଜଣ ଚାଷୀଙ୍କ ମଧ୍ୟରୁ କର୍ଡୋଲା ଅଞ୍ଚଳର ୪୧୯ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ବଳକା ଚାଷୀ ଆସନ୍ତାକାଲି ପଞ୍ଜିକରଣ କରିବେ ବୋଲି ଜଣାପଡ଼ିଛି।

## ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ



ସମ୍ବଲପୁର, ୯।୬(ସମିସ):ଜଳ, ଜଙ୍ଗଲ ଓ ଜମିର ଅଧିକାର ପାଇଁ ଆଦିବାସୀ ସମାଜକୁ ସଂଗଠିତ କରି ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମର ବିଗୁଲ ବଜାଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀ ଜନନାୟକ ବୀର ବିର୍ସା ମୁଣ୍ଡାଙ୍କ ୧୨୬ତମ ବଳିଦାନ ଦିବସ ଅବସରରେ ବିଜୁ ଜନତା ଦଳ ସମ୍ବଲପୁର ପକ୍ଷରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜୁ ଜନତା ଦଳର ସଭାପତି ଇଂ. ରୋହିତ ପୂଜାରୀଙ୍କ ନିର୍ଦ୍ଦେଶନାରେ ଏବଂ ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତିଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେଡି ନେତା ବେଣୁଧର ଦାଶ, ଗୁରୁ ବାବୁ ମେହେର, ସତ୍ୟେନ୍ଦ୍ର ଦାଶ, ପ୍ରହଲ୍ଲାଦ ଗୁରୁ, ସୁକେଶ ସିଂ, ତପନ ମେହେର, କିଶୋର ମୁଣ୍ଡା, ବିବେକ ମୁଣ୍ଡା, ଦିନେଶ ମୁଣ୍ଡା, ରାହୁଲ ସାହୁଙ୍କ ସମେତ ମହିଳା ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ମେହେର, ନୀଳିମା ନାୟକ, ସୁସ୍ମିତା ଦୀପ, ପୂଜା ଯାଦବ, ସରିତା ଦାଶ, ସୁନୀ ମୁଣ୍ଡା, ସୀତା ମୁଣ୍ଡା, ଡଲି ମୁଣ୍ଡା, ଅର୍ପିତା ରାଜହଂସ, ଗୁଣାଣୀ ରବିଡା ଓ ସୋନା ପ୍ରମୁଖ ଉପସ୍ଥିତ ଥିଲେ।

## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ

କୁଚିଣ୍ଡା, ୯।୬(ସମିସ): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତର ଠାକୁରନିକ୍ତିମାଲ ଠାରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ଦିନ ହେବ ଅଚଳ ହୋଇପଡିଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଠାକୁରନିକ୍ତିମାଲ ଛକ ଠାରେ ବକ୍ସମା ପଞ୍ଚାୟତ ପକ୍ଷରୁ ଦୁଇ ଲକ୍ଷ ଟଙ୍କା ବ୍ୟୟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ତେବେ ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ପାନୀୟ ଜଳ ପ୍ରକଳ୍ପ ପ୍ରାୟ ବର୍ଷେ ହେବ ଅଚଳ ହୋଇପଡ଼ି ରହିଛି। ବର୍ତ୍ତମାନ ପ୍ରବଳ ରୌଦ୍ର ତାପରେ ଗ୍ରାମବାସୀ ଏବଂ ବାଟୋଇ ଥଣ୍ଡା ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅସୁବିଧା ବିଷୟରେ ଗ୍ରାମ ପଞ୍ଚାୟତର ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ କେବଳ ଏହି ଗୋଟିଏ ପ୍ରକଳ୍ପ ନୁହେଁ, ସେହି ଗ୍ରାମରେ ସୋଲାର ପ୍ୟାନେଲ ଦ୍ୱାର ସଂଯୋଗ ହୋଇଥିବା ଆଉ ଏକ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଅଚଳ ହୋଇ ପଡ଼ିଥିବା ଏବଂ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହାର ମରାମତି ପାଇଁ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବାବଦରେ ମତାମତ ପାଇଁ ସଂପୃକ୍ତ ପଞ୍ଚାୟତର ପିଇଓ ରାକେଶ ପଟେଲଙ୍କୁ ଯୋଗାଯୋଗ କରିବାରୁ ମୁଁ ସପ୍ତାହେ ହେବ ଏହି ପଞ୍ଚାୟତରେ ଯୋଗଦାନ କରିଛି, ଏବାବଦରେ କିଛି ଜାଣି ନାହିଁ। ଯଦି ପ୍ରକଳ୍ପ ଗୁଡ଼ିକ ଖରାପ ଥିବ ଖୁବ୍ ଶୀଘ୍ର ଏହାର ମରାମତି କରାଯିବ ବୋଲି କହିଥିଲେ।



## ସମ୍ବଲପୁର ରେଳମଣ୍ଡଳରେ ଅନ୍ତର୍ଜାତୀୟ ରେଳ ଫାଟକ ସଚେତନତା ଦିବସ

ସମ୍ବଲପୁର, ୯।୬ (ସମିସ) : ସମ୍ବଲପୁର ରେଳମଣ୍ଡଳରେ ଅନ୍ତର୍ଜାତୀୟ ରେଳ ଫାଟକ ସଚେତନତା ଦିବସ ପାଳନ କରାଯାଇଛି।



ଗତ ୩ ତାରିଖରୁ ଆଜି ପର୍ଯ୍ୟନ୍ତ ସଚେତନତା ଅଭିଯାନ କରାଯାଇଥିଲା। ମଣ୍ଡଳ ଦ୍ୱାରା ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ବିଭିନ୍ନ ମାନବଯୁକ୍ତ ଲେବଲ କ୍ରସିଂ, ପେଟ୍ରୋଲ ପମ୍ପ, ସାପ୍ତାହିକ ବଜାର ସ୍ଥାନ ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବିଭିନ୍ନ କାର୍ଯ୍ୟକଳାପ କରାଯାଇଥିଲା ଯେପରିକି, ନିରାପତ୍ତା ସମ୍ପର୍କିତ ପ୍ରଚାରପତ୍ର, ପୋଷ୍ଟର, ଷ୍ଟିକର ଇତ୍ୟାଦି ବଣ୍ଟନ। ମାନେଶ୍ୱରରେ ମାନବଯୁକ୍ତ ଲେବଲ କ୍ରସିଂ ଏସ୍‌ଟି-୧୨ରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଦ୍ୱାରା ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

ଏହି ଅବସରରେ, ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାସ ଚନ୍ଦ୍ର ଚୌଧରୀ ସମସ୍ତ ସଡ଼କ ବ୍ୟବହାରକାରୀମାନଙ୍କୁ ନିରାପତ୍ତା ସମ୍ପର୍କିତ ନିୟମ ଗୁଡ଼ିକ ପାଳନ କରିବାକୁ ଏବଂ ରେଳ ଫାଟକ ପାରି ହେବା ସମୟରେ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ପାଇଁ ଅନୁରୋଧ କରିଛନ୍ତି। ସମ୍ବଲପୁର ରେଳ ମଣ୍ଡଳର ନିରାପତ୍ତା ବିଭାଗର କର୍ମଚାରୀ, ସଡ଼କ ପରିବହନ ବିଭାଗର ଅଧିକାରୀ ଓ କର୍ମଚାରୀ ତଥା ସମ୍ବଲପୁରର ସୋସିଆଲ ଷ୍ଟାର କ୍ଲବର ସଦସ୍ୟମାନଙ୍କ ସହିତ ମଣ୍ଡଳ ନିରାପତ୍ତା ଅଧିକାରୀ ଲିଙ୍ଗରାଜ ଗଡ଼ତିଆ ମାନବଯୁକ୍ତ ଲେବଲ କ୍ରସିଂ ଗେଟ୍‌ରେ ସଡ଼କ ବ୍ୟବହାରକାରୀଙ୍କୁ ନିରାପତ୍ତା ସମ୍ପର୍କିତ ପଦକ୍ଷେପ ଓ ନିର୍ଦ୍ଦେଶାବଳୀ ଗୁଡ଼ିକ ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ପାଣିରେ ଭାସୁଥିବା ଶବ ଉଦ୍ଧାର

କୁଚିଣ୍ଡା, ୯।୬(ସମିସ): ଭୋଜପୁର ନିକଟସ୍ଥ ଗନଘୁଷା ଗ୍ରାମର ପ୍ରତାପ ଷଣ୍ଢ (୫୬) ନିକଟସ୍ଥ ଜଙ୍ଗଲକୁ ବାଉଁଶ ଆଣିବାକୁ ଯାଇ ଗତ ରବିବାର ଦିନ ଠାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁତ ଖୋଜା ଖୋଜି ପରେ ନିରାଶ ଥିଲେ। ସୋମବାର ଅପରାହ୍ନରେ ବାଙ୍କସାଲ ଜଳଭଣ୍ଡାର ଦୁମାନ ଠାରେ ଶବ ଭାସୁଥିବା ଖବର ପାଇ ଉକ୍ତ ସ୍ଥାନକୁ ଯାଇଥିଲେ। ପାଣିରେ ଭାସୁଥିବାର ଦେଖି ଜମନକିରା ପୁଲିସକୁ ଖବର ଦେଇଥିଲେ। ଜମନକିରା ପୁଲିସ ଦମକଳବାହିନୀଙ୍କ ସହାୟତାରେ ଶବ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ରାତି ୧୦ଟା ୩୦ରେ ଆଣି ଶବ ଗୃହରେ ରଖିଥିଲେ। ମଙ୍ଗଳବାର ମୃତଦେହ କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଜମନକିରା ଥାନାରେ ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

## ଏସ୍‌ଆଇଆର୍ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା




କୁଚିଣ୍ଡା, ୯।୬(ସମିସ):କୁଚିଣ୍ଡା ସବ୍‌ଡିଭିଜନ୍ କେଶାଇବାହାଲରେ ମଙ୍ଗଳବାର ଏସ୍‌ଆଇଆର୍ ସମ୍ପର୍କିତ ସଚେତନତା ସଭା ଓ ରାଲି ଆୟୋଜନ କରାଯାଇଥିଲା। କୁଚିଣ୍ଡା ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସରୱାନନ୍ ସଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଆର ଓ ତଥା ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପୁଷ୍ପକ ପ୍ରଧାନ, ବିଶାଲ ପଟେଲ,ରବୀନ୍ଦ୍ର ସେଠୀ, ପ୍ରଦୀପ ବିଲୁଙ୍ଗ,ସହକାରୀ ଜିଲ୍ଲାପାଳ ରମେଶ ସାହୁ , ଇଲେକସନ୍ ଆସିଷ୍ଟାଣ୍ଟ ୱିଲିୟମ ବାଘ, ସମସ୍ତ ସୁପରଭାଇଜର ବି ଏଲ କଲେଜ୍‌ର ଶତାଧିକ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ସଭାରେ ଏସ୍‌ଆଇଆର୍‌ର ଉଦ୍ଦେଶ୍ୟ, ମତଦାତା ତାଲିକାର ସଠିକତା ଏବଂ ନାଗରିକ ମାନଙ୍କର ସହଯୋଗ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନିଜର ପରିଗଣନା ଫର୍ମର ସଠିକତା ଯାଞ୍ଚ କରିବା ସହିତ ସାଙ୍ଗସାଥି, ପରିବାର ବର୍ଗ, ସାହିପଡ଼ଶାରେ ଏସଆଇଆର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ପରେ ଆୟୋଜିତ ସଚେତନତା ରାଲି ଛାତ୍ରଛାତ୍ରୀ ଏସ ଆଇଆର ସମ୍ପର୍କିତ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଏସଆଇଆର ସମ୍ପର୍କରେ ସାଧାରଣଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ହୋଇଥିଲା।

## ଗ୍ୟାସ୍ ଗୋଦାମରୁ ଚୋରି ;ଅଭିଯୁକ୍ତ ଗିରଫ

ସମ୍ବଲପୁର, ୯।୬ (ସମିସ) : ଗତ ଏପ୍ରିଲ ୧୯ ତାରିଖ ମଧ୍ୟରାତ୍ରର ବୁର୍ଲା ଥାନା ଅନ୍ତର୍ଗତ ମହତାବନଗରସ୍ଥିତ ଇଣ୍ଡେନ ଗ୍ୟାସ୍ ଗୋଦାମରୁ ହୋଇଥିବା ଚୋରି ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାସହ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ମହତାବନଗରର କରଣ ସେଠ୍ ଓରଫ୍ ବିକି (୨୮) ବୋଲି ପୁଲିସ କହିଛି। ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଛି।




ପୁଲିସ ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୯ ତାରିଖ ମଧ୍ୟରାତ୍ରରେ ଇଣ୍ଡେନ ଗ୍ୟାସ ଗୋଦାମରେ ଚୋରି ହୋଇଥିଲା। ପରଦିନ ୨୦ ତାରିଖ ସକାଳେ ଗୋଦାମ ମାଲିକଙ୍କ ଅଭିଯୋଗକ୍ରମେ ବୁର୍ଲା ପୁଲିସ କେସ ନଂ. ୧୬୫/୨୦୨୬ ଦଫା ୩୩୧ (୪), ୩୦୫ ବିଏନ୍‌ଏସ୍‌ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଜୁନ ୮ ତାରିଖ ରାତି ୧୧ଟା ସମୟର ମହତାବନଗରରେ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତ କରଣ ସେଠଙ୍କୁ ଘରୁ ଗିରଫ କରିବାସହ ଚାରି ସାମଗ୍ରୀ ଜବତ କରିଛି। ଏହି ମାମଲାର ଆଉ ଦୁଇଜଣ ସମ୍ପୃକ୍ତ ଅଛନ୍ତି। ଅଭିଯୁକ୍ତ ନିକଟରୁ ପୁଲିସ ଗୋଟିଏ ସୁଜୁକି ସ୍କୁଟର, ଗୋଟିଏ ଛୁରୀ, ୨ଟି ଖାଲି ଇଣ୍ଡେନ ଗ୍ୟାସ ସିଲିଣ୍ଡର, ଗ୍ୟାସ ରିଫିଲିଂ କେବୁଲ୍, ଏଲଇଡି ଲାଇଟ୍ ସମେତ କମ୍ପ୍ୟୁଟର ମନିଟର, କିବୋର୍ଡ, ମାଉସ୍ ଆଦି ଜବତ କରିଛି। ଅଭିଯୁକ୍ତ ନାଁରେ ବୁର୍ଲା ଥାନାରେ ଅନ୍ୟ ଏକ ଅପରାଧିକ ମାମଲା ରହିଥିବା ପୁଲିସ କହିଛି।

## ଶ୍ରୀନାଥ ଦାସଙ୍କ ଦେହାନ୍ତରେ ଶୋକ



ସମ୍ବଲପୁର, ୯।୬(ସମିସ):ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସମ୍ବଲପୁର ସହର ପଟ୍ଟନାୟକପଡ଼ା ନିବାସୀ ଶ୍ରୀନାଥ ଦାସଙ୍କ ଦେହାନ୍ତ ଗଭୀର ଶୋକ ପ୍ରକଟ କରି କହିଛନ୍ତି ଯେ ସ୍ୱର୍ଗତ ଦାସଙ୍କ ଦେହାନ୍ତ ଖବର ଶୁଣି ଗଭୀର ଦୁଃଖିତ ଏବଂ ମର୍ମାହତ। ସ୍ୱର୍ଗତ ଦାସ ଅଞ୍ଚଳର ଜନମାନସରେ ଜଣେ ସୁପରିଚିତ ବ୍ୟକ୍ତିତ୍ୱ ଥିଲେ। ଏଭଳି ଅସମୟରେ ଇଂ ପୂଜାରୀ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଇଛନ୍ତି, ଅମର ଆତ୍ମାର ସଦଗତି ଏବଂ ପରିବାର ବର୍ଗଙ୍କ ଅସୀମ ଧର୍ଯ୍ୟ ଓ ସାହସ ନିମନ୍ତେ ମାଁ ସମଲେଶ୍ୱରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଅନ୍ନପୂର୍ଣ୍ଣା ମିଶ୍ରଙ୍କ ପରଲୋକ

ସମ୍ବଲପୁର, ୯।୬ (ସମିସ) : ସମ୍ବଲପୁର ଜିଲ୍ଲା ପରମାଣପୁର ନିବାସୀ ଚାଷୀ ନରେନ୍ଦ୍ର ମିଶ୍ରଙ୍କ ମା' ଅନ୍ନପୂର୍ଣ୍ଣା ମିଶ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣା, ମେଳାପୀ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ପଛରେ ପୁଅ ବୋହୂ, ଝିଅ ଜ୍ୱାଇଁ ଓ ନାତିନାତୁଣୀ ଅଛନ୍ତି। ଆସନ୍ତାକାଲି ପରମାଣପୁର ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ, ଅଶ୍ୱିନୀ ହୋତା, ସଞ୍ଜିବ ବାରିକ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ ପ୍ରମୁଖ ଶୋକପ୍ରକାଶ କରିବାସହ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



## 'ନିଟ୍' ପ୍ରଶ୍ନପତ୍ର ଲିକ୍ ମାମଲା ଆକ୍ରୋଶ ରାଲି \ ମାନେଶ୍ୱର ବ୍ଲକ୍‌ରେ କଂଗ୍ରେସର ପ୍ରସ୍ତୁତି ବୈଠକ

ସମ୍ବଲପୁର, ୯।୬(ସମିସ):ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ସାରା ଦେଶରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏହାର ପ୍ରତିବାଦରେ ଆଜି ହେବାକୁ ଥିବା 'ଆକ୍ରୋଶ ରେଲି' ପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାନେଶ୍ୱର ବ୍ଲକଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଆୟୋଜନ ହେବାକୁ ଥିବା ଏହି ମହାସଭାରେ ହଜାର ହଜାର ସଂଖ୍ୟାରେ ଯୁବକ, ଛାତ୍ର ଏବଂ କଂଗ୍ରେସ କର୍ମକର୍ତ୍ତା ଯୋଗଦେବା ନେଇ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ରେଙ୍ଗାଲି ନିର୍ବାଚନ ବିଧାନସଭା ପ୍ରାର୍ଥି ତଥା ସାଧାରଣ ସମ୍ପାଦକ ଦିଲ୍ଲୀପ ଦୁରିଆଙ୍କ ନେତୃତ୍ୱ ଏହି ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ଉପରେ ବର୍ଷିଛନ୍ତି। ପ୍ରଶ୍ନପତ୍ର ଲିକ୍ ମହାଘୋଟାଲାକୁ ନେଇ କେନ୍ଦ୍ର ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ସେ ଗୁରୁତର ଅଭିଯୋଗ କରିଥିଲେ। ଏହା ସହିତ ରାଜ୍ୟରେ ନୂତନ ଭାବେ ବିଜେପି ସରକାର ଆସିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଶ୍ରୀ ଦାସ କହିଥିଲେ। ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳାଯାଉଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଏହି ସଭାରେ ପିସିସି ମେଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ, ଜିଲ୍ଲା ସଭାପତି ଅମିତ ଗୁରୁ,କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ବରିହା, ଛାତ୍ର ନେତା ବିଭୁତି ମହାପାତ୍ର, ଜିତେନ୍ଦ୍ର ପ୍ରଧାନ, ସଞ୍ଜୟ ଛୁରିଆ ସମେତେ ହଜାରେ ରୁ ଉର୍ଦ୍ଧ ଯୁବ ଛାତ୍ର ଉପସ୍ଥିତ ରହିଥିଲେ।।



### ଝୁଝୁମୁରା ଚଷା ଜାତି ସମାଜ ବୈଠକ

# ଆର୍ଥିକ, ସାମାଜିକ ସ୍ତରରେ ପରସ୍ପରକୁ ସହଯୋଗ କରିବ ସମାଜ

ସମ୍ବଲପୁର, ୯।୬(ସମିସ):

ଝୁଝୁମୁରା ଚଷା ଜାତି ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନ୍ଧାରୀ ଗ୍ରାମରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ସମାଜର ଶତାଧିକ ପ୍ରତିନିଧି ଯୋଗଦେଇ ସାମଗ୍ରିକ ବିକାଶ, ସଂସ୍କାର ଏବଂ ଏକତା ଉପରେ ବ୍ୟାପକ ଆଲୋଚନା କରିଥିଲେ।। ସମାଜର ପ୍ରତ୍ୟେକ ପରିବାରକୁ ଆର୍ଥିକ ଏବଂ ସାମାଜିକ ସ୍ତରରେ ସହଯୋଗର ହାତ ବଢ଼ାଇବା ପାଇଁ ବୈଠକରେ ସଂକଳ୍ପ ନିଆଯାଇଛି। ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି ଯେ, ଯଦି ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବେ, ତେବେ ସମାଜର ସବୁ ସମସ୍ୟାର ସହଜ ସମାଧାନ ହୋଇପାରିବ। ସମାଜକୁ ଆଗକୁ ନେବା ପାଇଁ ମହିଳା ଓ ଯୁବ ଗୋଷ୍ଠୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବୈଠକରେ ଜୋର ଦିଆଯାଇଥିଲା। ଆଗାମୀ ଦିନରେ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ନେତୃତ୍ୱରେ ମହିଳା ଓ ଯୁବ ପିଢ଼ିଙ୍କୁ ବିଶେଷ ପ୍ରାଧାନ୍ୟ ଦିଆଯିବ। ଏହାସହ ପିଲାମାନଙ୍କର ଉଜ୍ଜଳ ଭବିଷ୍ୟତ ଗଠନ କରିବା ଏବଂ ସେମାନଙ୍କୁ ଶିକ୍ଷା ତଥା ସଂସ୍କାର ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ସମଗ୍ର ଜ୍ଞାତିକୁଳକୁ ଏକଜୁଟ ହେବାକୁ ପଡ଼ିବ ବୋଲି ବରିଷ୍ଠ କର୍ମକର୍ତ୍ତାମାନେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସମାଜର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାକୁ ସୁଦୃଢ଼ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ସମାଜର ସର୍ବସମ୍ମତି କ୍ରମେ କୁଳ ଦେବୀଙ୍କ ଭବ୍ୟ ମନ୍ଦିର ନିର୍ମାଣ କରିବାକୁ ସହମତି ପ୍ରକାଶ ପାଇଛି। ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ଏବଂ ଏଥିପାଇଁ ସମସ୍ତ ସଦସ୍ୟ ନିଜର ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବେଦବ୍ୟାସ ପ୍ରଧାନ ସଭାପତିତ୍ୱ ସଭାରେ ସୁରେଶ ପ୍ରଧାନ, ଭିକାରି ପ୍ରଧାନ, କୁନୁ ବିଶ୍ୱାଳ, ପ୍ରହଲ୍ଲାଦ ପ୍ରଧାନ, ଗିରିଧାରୀ ବିଶ୍ୱାଳ, ରଙ୍କ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, କ୍ଷୀର ପ୍ରଧାନ, ଜୟନ୍ତ ପ୍ରଧାନ, କିରଣ ପ୍ରଧାନ, ଓମ ପ୍ରକାଶ ବିଶ୍ୱାଳ, ଜୀନୁ ବିଶ୍ୱାଳ, ପ୍ରମୋଦ ପ୍ରଧାନ, ଦିବାକର ପ୍ରଧାନ, ଲକ୍ଷ୍ମୀକାନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



# ସେଲ୍ ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ)ଙ୍କ ଆର୍‌ଏସ୍‌ପି ଗସ୍ତ

ରାଉରକେଲା, ୯।୬(ସମିସ)

ସେଲ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ) ଦିଲୀପ କୁମାର ରାଉରକେଲା ଇସ୍ପାତ କାରଖାନାକୁ ଏକ ୩ ଦିନିଆ ସରକାରୀ ଗସ୍ତରେ ଆସି ଜୁନ୍ ୮ ତାରିଖରେ ପହଞ୍ଚିଛନ୍ତି। ତାଙ୍କ ସହିତ ସେଲ୍‌ର କାର୍ଯ୍ୟକାରୀ ଇଡି (ସତର୍କତା) ଜ୍ଞାନେଶ ଝା ମଧ୍ୟ ଉପସ୍ଥିତ ଥିଲେ। ରାଉରକେଲା ହାଉସ୍‌ଠାରେ ମୁଖ୍ୟ ମହାପ୍ରବନ୍ଧକ(ଏଚ୍‌ଆର୍) ମାନସ ରଞ୍ଜନ ରଥ ତାଙ୍କୁ

## ବିଭିନ୍ନ ବିଭାଗରେ ସମୀକ୍ଷା ସହ ଯୁବ ଅଧିକାରୀଙ୍କ ସହ ମତବିନିମୟ

ସ୍ୱାଗତ କରିଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ଭିଜିଲାନ୍ସ) ଏବଂ ଅତିରିକ୍ତ ମୁଖ୍ୟ ଭିଜିଲାନ୍ସ ଅଫିସର (ଆର୍‌ଏସ୍‌ପି) ରଞ୍ଜନ ଭାରତୀ ମଧ୍ୟ ଉପସ୍ଥିତ ଥିଲେ।

ଶ୍ରୀ କୁମାର ଆରଏସପିର କାର୍ଯ୍ୟକଳାପ, ଆଧୁନିକୀକରଣ ପଦକ୍ଷେପ ଏବଂ ଉତ୍ପାଦନ ସୁବିଧାଗୁଡ଼ିକର ଏକ ସମୀକ୍ଷା କରିବାକୁ କାରଖାନାର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟରର ମଡେଲ୍ ରୁମ୍‌ରେ ଏକ ସଂକ୍ଷିପ୍ତ ସୂଚନା ପ୍ରଦାନ ସହ ଏହି ଗସ୍ତ ଆରମ୍ଭ ହୋଇଥିଲା, ଯେଉଁଠାରେ ମୁଖ୍ୟ ମହାପ୍ରବନ୍ଧକ (ଏଲ୍‌ଆଣ୍ଡଡି) ପି. କେ. ସାହୁ କାରଖାନାର ସୁବିଧା ସୁଯୋଗ, ଅଭିବୃଦ୍ଧିର ଧାରା ଏବଂ ଭବିଷ୍ୟତ ଯୋଜନା ବିଷୟରେ ଉପସ୍ଥାପନ କରିଥିଲେ।

ଏହାପରେ ଶ୍ରୀ କୁମାର କାରଖାନାର ପ୍ରମୁଖ କାର୍ଯ୍ୟ ୟୁନିଟ୍ ଗୁଡ଼ିକ ପରିଦର୍ଶନ କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ ତାଙ୍କ ସହ ଉପସ୍ଥିତ ଥିଲେ। ଗସ୍ତ ସମୟରେ ସିଭିଓଙ୍କୁ ସମ୍ପୃକ୍ତ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଏବଂ ବିଭାଗୀୟ ମୁଖ୍ୟମାନେ ସ୍ୱାଗତ କରିଥିଲେ। ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ବିଭିନ୍ନ ୟୁନିଟ୍‌ରେ ଅନୁସରଣ କରାଯାଉଥିବା ବିଭିନ୍ନ କାର୍ଯ୍ୟ ଓ ପରିଚାଳନାଗତ ପଦ୍ଧତିର ସମୀକ୍ଷା କରିଥିଲେ। ଶ୍ରୀ କୁମାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ)ଙ୍କ ସଚିବାଳୟର ସମ୍ମିଳନୀ କକ୍ଷ 'ସମାଗମ' ଠାରେ ବ୍ଲାଷ୍ଟ ଫର୍ଣ୍ଣେସ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ର ମୁଖ୍ୟ ମହାପ୍ରବନ୍ଧକ ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହାସହିତ, ସିଭିଓ ରାଉରକେଲା ହାଉସ୍ ଠାରେ ଖଣି ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଖଣି କାର୍ଯ୍ୟ ଓ ଏହା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା ମଧ୍ୟ କରିଥିଲେ। ସେ ଯୁବ ଅଧିକାରୀଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମରେ ସେମାନଙ୍କୁ ନିଜ କ୍ୟାରିୟରରେ ସାଧୁତା, ସ୍ୱଚ୍ଛତା ଏବଂ ବୃତ୍ତିଗତ ଉତ୍କର୍ଷର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ।

ପରେ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ଓ ମୁଖ୍ୟ ମହାପ୍ରବନ୍ଧକମାନଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷ 'ମନ୍ଥନ' ଠାରେ ଆୟୋଜିତ ହୋଇଥିଲା। ଅତିରିକ୍ତ ମୁଖ୍ୟ ଭିଜିଲାନ୍ସ ଅଫିସର (ଆରଏସପି) ଏବଂ ସତର୍କତା ବିଭାଗର ଟିମ୍ ସମ୍ପୂର୍ଣ୍ଣ ଗସ୍ତ କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରିଥିଲେ।






# ଭାଇଜାଗ୍ ଇସ୍ପାତ କାରଖାନା ଦୁର୍ଘଟଣାରେ ଆର୍‌ଏମ୍‌ଏସ୍‌ର ଉଦ୍‌ବେଗ

ରାଉରକେଲା, ୯।୬(ସମିସ): ରାଷ୍ଟ୍ରାୟତ୍ତ ଇସ୍ପାତ ଉଦ୍ୟୋଗ ଭାଇଜାଗ ଷ୍ଟିଲ ପ୍ଲାଣ୍ଟର ଏସ୍‌ଏମ୍‌ଏସ -୧ ବିଭାଗରେ ଗତକାଲି ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୮ ଜଣ ଶ୍ରମିକ କର୍ମଚାରୀଙ୍କର ଅକାଳ ବିୟୋଗ ଘଟିଥିବାବେଳେ ବହୁ ଶ୍ରମିକ ପୋଡ଼ିଯାଇ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ଦୁର୍ଘଟଣା ପାଇଁ ଗଭୀର ଉଦବେଗ ପ୍ରକାଶ କରିଛି ରାଉରକେଲା ମଜଦୂର ସଂଘ (ଆରଏମଏସ)। ସଂଘ ପକ୍ଷରୁ କୁହାଯାଉଛି ଯେ, ତରଳ ଲୌହ ଢାଳି ହୋଇ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ପାଇଁ ମୃତ୍ୟୁର କାରଣ ହେଲା ଓ ବହୁ ଶ୍ରମିକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପ୍ରତିକୂଳ ପରିସ୍ଥିତିରେ ଓ କେନ୍ଦ୍ର ସରକାରଙ୍କ ଭାଇଜାଗ ପ୍ଲାଣ୍ଟକୁ ଘରୋଇକରଣ ଉଦ୍ୟମକୁ ପ୍ରତିହତ କରି ଉତ୍ପାଦନ କରିବା ସହ ନିଜର ଜୀବନ ଜୀବିକାକୁ ବଜାୟ ରଖିବା ପାଇଁ ଅହରହ ସଂଘର୍ଷ କରୁଥିବା ଶ୍ରମିକ କାରଖାନା କର୍ତ୍ତୃପକ୍ଷଙ୍କର ଉଦାସୀନ ଓ ତ୍ରୁଟିପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାର ଫଳସ୍ୱରୂପ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହେଲେ ବୋଲି ରାଉରକେଲା ମଜଦୂର ସଭାର ସଭାପତି ଶଶଧର ନାୟକ ଅଭିଯୋଗ କରି ଏନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ରାଷ୍ଟ୍ରାୟତ୍ତ ଇସ୍ପାତ ଶିଳ୍ପରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିଲେ ହେଁ ଉତ୍ପାଦନ ଓ ଲାଭାର୍ଜନ ନେଇ ଇସ୍ପାତ କାରଖାନାର କର୍ତ୍ତୃପକ୍ଷଙ୍କ ସୁରକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ହେଉନାହିଁ। ଏଭଳି ଦୁର୍ଘଟଣା ଅନ୍ୟତମ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେଲ୍ ପାଇଁ ଏକ ସତର୍କ ଘଣ୍ଟି। ସ୍ୱଳ୍ପ ଲୋକ ଶକ୍ତିରେ ଠିକାଦାରୀକରଣକୁ ପ୍ରୋତ୍ସାହନ ଦେଇ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାର ଚେଷ୍ଟା, ସୁରକ୍ଷା ନେଇ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଉଦ୍ଦିଷ୍ଟ ଯୁଗ୍ମ କମିଟି ବୈଠକ ନ ଡାକିବା ଆଭିମୁଖ୍ୟକୁ ପରିହାର କରି ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ନେଇ ସୁରକ୍ଷା ନୀତି ପ୍ରବର୍ତ୍ତନ କରିବାକୁ ମଜଦୂର ସଭା ପକ୍ଷରୁ କୁହାଯାଇଛି। ପୁଣି ଭାଇଜାଗ୍ ଇସ୍ପାତ କାରଖାନାରେ ଘଟିଥିବା ଏହି ଦୁର୍ଘଟଣାର କାରଣ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ଓ ଏଥିନେଇ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

# ଜେଲ୍ ଗଲା ନାବାଳିକା ଦୁଷ୍କର୍ମକାରୀ

ରାଉରକେଲା, ୯।୬(ସମିସ): ସୁନ୍ଦରଗଡ଼ ଜିଲ୍ଲାର କିଞ୍ଜିରକେଲା ଥାନା ଅନ୍ତର୍ଗତ ଲେଫ୍ରିପଡ଼ା ବ୍ଲକ୍ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଦୀନବନ୍ଧୁ କପାଟ(୨୦) ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଜଣେ ୧୫ ବର୍ଷୀୟା ନାବାଳିକା ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବାବେଳେ ପୂର୍ବରୁ ସେଠାରେ ଥିବା ଅଭିଯୁକ୍ତ ଦୀନବନ୍ଧୁ ତାଙ୍କୁ ଏକୁଟିଆ ଦେଖି ଆମ୍ବ ତୋଳି ଦେବାର ପ୍ରଲୋଭନ ଦେଖାଇଥିଲା। ପରେ ଜୋରଜବରଦସ୍ତ ପାଖ ଅଙ୍ଗନବାଡ଼ି କେନ୍ଦ୍ର ବାରଣ୍ଡାକୁ ନେଇ ଦୁଷ୍କର୍ମ କରି ଛାଡ଼ି ପଳାଇଥିଲା। ଘରକୁ ଫେରି ନାବାଳିକା ପରିବାର ଲୋକଙ୍କୁ ସମସ୍ତ ଘଟଣା କହିବା ପରେ ପରିବାର ପକ୍ଷରୁ କିଞ୍ଜିରକେଲା ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ଅଭିଯୁକ୍ତ ଦୀନବନ୍ଧୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସବଡେଗା ବ୍ଲକ୍ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ରାଉରକେଲା, ୯।୬(ସମିସ): ସବଡେଗା ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୬୧ଟି ଅଭିଯୋଗ ଆସିଥିବାବେଳେ ସେଥିରୁ ୩୬ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ଥିଲା। ଗୋଟିଏ ଅଭିଯୋଗ ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସାମଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

● କିନ୍ନର ସମାଜରେ ନୂତନ ସଦସ୍ୟଙ୍କ ସାମିଲ

# ବିଶାଳ ଶୋଭାଯାତ୍ରା ଓ ପୂଜାର୍ଚ୍ଚନା

ଧର୍ମଗଡ଼, ୯।୬(ସମିସ): କିନ୍ନର (ତୃତୀୟ ଲିଙ୍ଗୀ) ସମାଜର ନିଜସ୍ୱ ସାମାଜିକ ପରମ୍ପରା, ରୀତିନୀତି ଓ ଆଧ୍ୟାତ୍ମିକ ବିଶ୍ୱାସ ରହିଛି। ଏହି ପରମ୍ପରା ଅନୁଯାୟୀ ଜଣେ ନୂତନ ସଦସ୍ୟ ସମାଜରେ ଯୋଗ ଦେଲେ ତାଙ୍କୁ ତୁରନ୍ତ ମୁଖ୍ୟ ସ୍ରୋତରେ ସାମିଲ କରାଯାଏ ନାହିଁ। ପ୍ରଥମେ ସମାଜର ନିୟମ ଅନୁସାରେ ୨୧ ଦିନ ପର୍ଯ୍ୟନ୍ତ ତାଙ୍କୁ ଏକ ସ୍ୱତନ୍ତ୍ର କୋଠରୀରେ ରଖାଯାଇଥାଏ ଏବଂ ଏହି ସମୟ ମଧ୍ୟରେ ସେମାନଙ୍କ ଆରାଧ୍ୟ ଦେବୀ ମା' ମଙ୍ଗଳମୁଖୀଙ୍କ ନିକଟରେ ନିରନ୍ତର ପୂଜାର୍ଚ୍ଚନା କରାଯାଇଥାଏ। ୨୧ ଦିନର ଏହି ଧାର୍ମିକ ଓ ସାମାଜିକ ପ୍ରକ୍ରିୟା ସମାପ୍ତ ହେବା ପରେ ଅଞ୍ଚଳର ବିଭିନ୍ନ ସ୍ଥାନର କିନ୍ନର ସମ୍ପ୍ରଦାୟର ସଦସ୍ୟମାନେ ଏକତ୍ରିତ ହୋଇ ମହାପୂଜା ଓ ସ୍ୱାଗତ ଉତ୍ସବର ଆୟୋଜନ କରିଥାନ୍ତି। ଏହାପରେ ନୂତନ ସଦସ୍ୟଙ୍କୁ ଆନୁଷ୍ଠାନିକ ଭାବେ କିନ୍ନର ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଏ। ଧର୍ମଗଡ଼ କିନ୍ନର ସମାଜ ପକ୍ଷରୁ ନୂତନ ସଦସ୍ୟଙ୍କ ସ୍ୱାଗତ ଅବସରରେ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସଦସ୍ୟମାନେ ଆନନ୍ଦ ଓ ଉତ୍ସାହର ସହ ନାଚଗୀତ କରି ସହର ପରିକ୍ରମା କରିଥିଲେ। ପରେ ମା' ଭଣ୍ଡାରଘରଣୀଙ୍କ ମନ୍ଦିରରେ ପହଞ୍ଚି ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସମାଜର ମୁଖ୍ୟ ସ୍ରୋତରୁ ଅନେକ ସମୟରେ ଦୂରେଇ ରହୁଥିବା କିନ୍ନର ସମ୍ପ୍ରଦାୟର ଏହି ସକାରାତ୍ମକ ଓ ସାମାଜିକ ସଦ୍‌ଭାବନାର ପଦକ୍ଷେପ ଧର୍ମଗଡ଼ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ସେଲ୍ ହକି ଏକାଡେମୀରେ କ୍ୟାଡେଟ୍ ଚୟନ ୧୧ରୁ ୧୪

ରାଉରକେଲା, ୯।୬(ସମିସ): ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ରାଉରକେଲାରେ ପରିଚାଳିତ ସେଲ୍ ହକି ଏକାଡେମୀରେ କ୍ୟାଡେଟ୍ ନାମଲେଖା ପାଇଁ ଚୟନ ପ୍ରକ୍ରିୟା ଆସନ୍ତା ୧୧ରୁ ୧୪ ଜୁନ୍ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ବ୍ୟାଟେରୀ ଟେଷ୍ଟରେ ଯୋଗ୍ୟତା ଅର୍ଜନ କରିବା ପାଇଁ ଆବେଦନକାରୀଙ୍କ ବୟସ ୨୦୨୬ ଜୁଲାଇ ୧ ତାରିଖ ସୁଦ୍ଧା ୧୪ରୁ ୧୬ ବର୍ଷ ହୋଇଥିବା ଆବଶ୍ୟକ। ପ୍ରାର୍ଥୀମାନେ ଆବେଦନ ପତ୍ର ପୂରଣ କରି, ଜଣେ ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ସତ୍ୟାପିତ ଆବଶ୍ୟକୀୟ ପ୍ରମାଣପତ୍ର / ଦସ୍ତାବିଜ୍‌ର ଫଟୋକପି ସହିତ ୧୦ ଜୁନ୍ ପୂର୍ବାହ୍ନରେ ସେକ୍ଟର-୫, ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍‌ରେ ରିପୋର୍ଟ କରିବେ। ଜନ୍ମ ତାରିଖର ପ୍ରମାଣ ସ୍ୱରୂପ ମାଟ୍ରିକ୍ୟୁଲେସନ୍ ସାର୍ଟିଫିକେଟ୍/ଜନ୍ମ ଓ ମୃତ୍ୟୁ ପଞ୍ଜୀକାରକ କିମ୍ବା ସକ୍ଷମ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ସହିତ ଆଧାରକାର୍ଡ ଗ୍ରହଣ କରାଯିବ। ଯାଞ୍ଚ ପାଇଁ ମୂଳ ପ୍ରମାଣପତ୍ର ଗୁଡ଼ିକ ଉପସ୍ଥାପନ କରିବାକୁ ହେବ। ବିଭିନ୍ନ ଅନୁଷ୍ଠାନ/ଆସୋସିଏସନ/କାରଖାନା ଗୁଡ଼ିକ ସର୍ବାଧିକ ୪ଜଣ ପୁରୁଷ ଖେଳାଳି ମନୋନୟନ ପାଇଁ ପଠାଇପାରିବେ। ଚୟନ ପ୍ରକ୍ରିୟା ସମୟରେ ଖେଳାଳିମାନଙ୍କୁ ରାଉରକେଲାରେ ମାଗଣା ରହିବା ଏବଂ ଖାଇବା ସୁବିଧା ଯୋଗାଇ ଦିଆଯିବ।

ବାହାର ଟ୍ରକ୍‌କୁ ଲୋଡିଂ, ସ୍ଥାନୀୟଙ୍କୁ ଅଣଦେଖାର ପ୍ରତିବାଦ

# ରଘୁନାଥପାଲି ଟିପ୍ପର ମାଲିକ ସଂଘର ଆନ୍ଦୋଳନ ୨ୟ ଦିନରେ

ରାଉରକେଲା, ୯।୬(ସମିସ): ରାଉରକେଲା ଇସ୍ପାତ କାରଖାନାରୁ ବିଓଏଫ ସ୍ଲାଗ୍ ପରିବହନ ପାଇଁ ସ୍ଥାନୀୟ ଟିପ୍ପରକୁ ଅଣଦେଖା କରି ବାହାର ରାଜ୍ୟର ଟିପ୍ପରଗୁଡିକୁ ଲୋଡିଂ ଦିଆଯିବା ପ୍ରତିବାଦରେ ଆରମ୍ଭ ହୋଇଥିବା ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଆଜି ରଘୁନାଥପାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋଡର୍ ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଏହାକୁ ସମର୍ଥନ କରିଥିଲେ।




## ଆନ୍ଦୋଳନକୁ ରଘୁନାଥପାଲି ବିଧାୟକଙ୍କ ସମର୍ଥନ

ପ୍ରକାଶ ଯେ, ରଘୁନାଥପାଲି ଟିପ୍ପର ଓନର୍ସ ଆସୋସିଏସନ ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଅବନୀ ରଂଜନ ଷଡଙ୍ଗୀଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ରାଉରକେଲା ଇସ୍ପାତ କାରଖାନାର ସ୍ଲାଗ୍ ଗ୍ରାନୁଲେସନ ପ୍ଲାଣ୍ଟ ସମ୍ମୁଖରେ ଗତ ୨ ଦିନ ଧରି ଆନ୍ଦୋଳନରେ ବସି ରହିଛନ୍ତି। ବାହାର ରାଜ୍ୟରୁ ସ୍ଲାଗ୍ ଲୋଡିଂ ପାଇଁ ଆସିଥିବା ସମସ୍ତ ଟ୍ରକ ଓ ଟିପ୍ପରକୁ ଭିତରକୁ ଛାଡୁନାହାନ୍ତି। ସୂଚନା ଥାଉକି, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସ୍ଥାନୀୟ ଟିପ୍ପର ଓ ହାଇୱା ଗୁଡ଼ିକୁ ମାଲ ପରିବହନ ପାଇଁ ଅନୁମତି ନଦେଇ, ବାହାରୁ ଗାଡ଼ି ଆଣି କାମରେ ଲଗାଯାଉଥିବାରୁ ରଘୁନାଥପାଲ୍ଲୀ ଟିପ୍ପର ଓନର୍ସ ଆସୋସିଏସନର ପ୍ରାୟ ୨୦୦ଟି ଟିପ୍ପର ଲୋଡିଂ ନପାଇ ମାସ ମାସ ଧରି ଛିଡ଼ା ହୋଇଛି। ତେବେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ରଘୁନାଥପାଲି ଟିପ୍ପର ଓନର୍ସ ଆସୋସିଏସନ ସହ ଆଲୋଚନା କରାଯାଇ ପ୍ରତି ଟନ ପିଛା ୧୫୦ ଟଙ୍କାରେ ସ୍ଲାଗ୍ ପରିବହନ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଆସୋସିଏସନ ପକ୍ଷରୁ ପ୍ରତ୍ୟାଖ୍ୟାନ କରି ଦିଆଯାଇଛି। ଏ ନେଇ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଭାପତି ଅଶୋକ ପଟ୍ଟନାୟକ କହିଛନ୍ତି, ବାହାର ରାଜ୍ୟରୁ ଆସିଥିବା ଟିପ୍ପରକୁ ଟନ୍ ପିଛା ୪୩୦ ଟଙ୍କା ଦିଆଯାଉଥିବା ବେଳେ ଲୋକାଲ ଟିପ୍ପରକୁ ୧୫୦ଟଙ୍କା ପ୍ରସ୍ତାବ ଦୁର୍ଭାଗ୍ୟଜନକ। ସେ କହିଛନ୍ତି ଯେ, ଲୋକାଲ ଟିପ୍ପର ଆର୍‌ଏସପି ଫାଟକ ସମ୍ମୁଖରେ ମାସ ମାସ ଧରି ଛିଡା ହୋଇ ରହିଥିବା ବେଳେ ବାହାର ରାଜ୍ୟରୁ ଆସିଥିବା ଟିପ୍ପରଗୁଡ଼ିକ ଦିନକୁ ୫ ଟ୍ରିପ ଲେଖାଏଁ ଲୋଡିଂ ପାଉଛନ୍ତି। ଯେ ପର୍ଯ୍ୟନ୍ତ ଆର୍‌ଏସପି କର୍ତ୍ତୃପକ୍ଷ ଏହି ସମସ୍ୟା ସମାଧାନ ନ କରିଛନ୍ତି, ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଆନ୍ଦୋଳନକୁ ସମର୍ଥନ କରି କହିଛନ୍ତି ଯେ, ଆରଏସପି ଭିତରେ ବିହାରୀ ଅଫିସରରାଜ୍‌କୁ ଆଦୌ ସହ୍ୟ କରାଯିବ ନାହିଁ। ଲୋକାଲ ଟିପ୍ପର ମାଲିକଙ୍କୁ ଅଣଦେଖା କରି ବାହାର ରାଜ୍ୟର ଟିପର ଗୁଡ଼ିକୁ ଲୋଡିଂରେ ପ୍ରାଧାନ୍ୟ ଦେବା ଦୁର୍ଭାଗ୍ୟଜନକ। ଏଠାକାର ଲୋକ, କଣ୍ଟ୍ରାକ୍ଟରମାନ ଓ ଟ୍ରକ ମାଲିକମାନଙ୍କୁ ଯଦି କାମ ନମିଳିବ ଆନ୍ଦୋଳନ ଆହୁରି ତୀବ୍ର ହେବ। ଆନ୍ଦୋଳନରେ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡ଼ଙ୍ଗୀ, ଉପସଭାପତି ଦେବ ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ବ୍ରଜ କିଶୋର ସାମଲ, ସହସମ୍ପାଦକ ଅଜିତ ଛୋଟରାୟ, ସହସମ୍ପାଦକ ସୌମ୍ୟ ରଞ୍ଜନ ନାୟକଙ୍କ ସମେତ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଦସ୍ୟ ଧାରଣାରେ ବସି ରହିଛନ୍ତି।

# ଝିରପାଣି ଗ୍ରାମରୁ କୁଟୁରା ଛୁଆ ଉଦ୍ଧାର

ବଣାଇ/କୋଇଡା, ୧୦।୬ (ସମିସ): ବଣାଇ ବନଖଣ୍ଡ କୋଇଡା ରେଞ୍ଜ ତୋଡ଼ା ସେକ୍ସନ ଅନ୍ତର୍ଗତ ଝିରପାଣି ଗ୍ରାମରୁ ଏକ କୁଟୁରା ଛୁଆକୁ ଉଦ୍ଧାର କରିଛି ବଣାଇଁ ବନବିଭାଗ। ଏହି କୁଟୁରା ଛୁଆଟି ଝିରପାଣି ଗାଁ ବସ୍ତି ଅଞ୍ଚଳରେ ବୁଲୁଥିବା ଗତକାଲି ବନ ବିଭାଗକୁ ସୂଚନା ମିଳିଥିଲା। ବଣାଇ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜାମଡ଼ିହି ଓ ତୋଡା ସେକ୍ସନର କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ସକାଳେ ଝିରପାଣି ଗ୍ରାମରେ ପହଞ୍ଚି ସର୍ଚ୍ଚ ଅପରେସନ ଚଳାଇ କୁଟୁରା ଛୁଆଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। କୁଟୁରା ଛୁଆଟି କିଛି ମାସ ପୂର୍ବରୁ ଛେଳି ଦଳ ସହ ଜଣେ ବ୍ୟକ୍ତିଙ୍କ ଘରକୁ ଚାଲି ଆସିଥିବା ବେଳେ ସେ ଏହାକୁ ଘରେ ରଖିଥିବା ଜଣାପଡ଼ିଥିଲା। ଉଦ୍ଧାର ପରେ କୁଟୁରା ଛୁଆକୁ ବଣାଇ ବନଖଣ୍ଡ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ପଶୁ ଚିକିତ୍ସା ଅଧିକାରୀ ଏହାର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୁଟୁରା ଛୁଆଟି ସୁସ୍ଥ ଥିବାରୁ ଆବଶ୍ୟକ ପ୍ରକ୍ରିୟା ଶେଷ ପରେ ତାକୁ ପୁଣି ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ ସୂଚନା ଦେଇଛନ୍ତି। ଉଦ୍ଧାର ହୋଇଥିବା କୁଟୁରା ଛୁଆର ବୟସ ଆନୁମାନିକ ୬ ମାସ ହେବ। ଉଦ୍ଧାରକାରୀ ଟିମ୍‌ରେ ଜାମଡିହି ବନପାଳ ପଦ୍ମଲୋଚନ ସିଂ, ମୂରଲୀ ଧର ମୁଣ୍ଡା, ପ୍ରତାପ କୁମାର ସାହୁ, ବନରକ୍ଷୀ ସସ୍ମିତା ମହାକୁଡ଼, ତରୁଲତା କିସାନ, ବନ୍ୟଜନ୍ତୁ ବିଶେଷଜ୍ଞ ବିପିନ ପ୍ରଧାନ ଓ ସ୍କ୍ୱାଡ୍ କର୍ମଚାରୀ ସାମିଲ ଥିଲେ।



# ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ

ରାଉରକେଲା, ୯।୬(ସମିସ)

ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ୧୨୬ ତମ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ରା ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳୀ ସହ ମାଲ୍ୟାର୍ପଣ କରାଯାଇଥିଲା। ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟିର ସଂପାଦକ ପ୍ରଫେସର ବିଜୟ କୁମାର ଟପ୍ପୋଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ରାଉରକେଲା ମହାନଗର ନିଗମର ଯୁଗ୍ମ-ଆୟୁକ୍ତ ପଲ୍ଲବୀ ନାୟକ, ହରିହର ରାଉତରାୟ, ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର କୁଜୁର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫଡିମା ଏକ୍କା ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଜେପି ରାଜ୍ୟ ସଂପାଦିକା ଲତିକା ପଟ୍ଟନାୟକ, ରାଜ୍ୟ ଶକ୍ତବାହିନୀ ସଭାନେତ୍ରୀ ଶ୍ରଦ୍ଧା ଷଡ଼ଙ୍ଗୀ, ହମିରପୁର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସୁମନ ଦତ୍ତ, ବିଜେପି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଷ୍ଟାଚ୍ୟୁ କମିଟି ସଦସ୍ୟ ଗଗନ ପଣ୍ଡା, ବରିଷ୍ଠ ବିଜେଡି ନେତା ବୀରେନ ସେନାପତି, ବରିଷ୍ଠ କଂଗ୍ରେସ ନେତା ରାମାନନ୍ଦ ଶ୍ରୀଚନ୍ଦନଙ୍କ ସମେତ ତଥା ଅନ୍ୟାନ୍ୟ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଧରିତୀ ଆବ୍‌ବା ବୀର ବିର୍ସା ମୁଣ୍ଡାଙ୍କ ପ୍ରତି ଭକ୍ତିପୁତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କମିଟିର ସଂପାଦକ ପ୍ରେସର ଟପ୍ପୋ କହିଲେ ଯେ ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ଅନେକ ଜନ ହିତକର କାର୍ଯ୍ୟ ହାତକୁ ନିଆଯାଇଛି। ନଭେମ୍ବର ୧୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କଳାପରେ ରାଜ୍ୟ ସରକାର ଷ୍ଟାଚ୍ୟୁ କମିଟିକୁ ପ୍ରଦାନ କରିଥିବା ୧୦ ଏକର ଜମିକୁ ତୁରନ୍ତ ହସ୍ତାନ୍ତର କରିବାକୁ ସମସ୍ତ କାଗଜପତ୍ର ଅର୍ପଣ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନଥିବାରୁ ପୁନଃ ମୁଖ୍ୟମନ୍ତ୍ରୀ ଏଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟାଚ୍ୟୁ କମିଟିର ଉପସଭାପତି ମାର୍ସେଲ କାଣ୍ଡୁଲାନା ଓ ଡା.ଏମ. ସୋରେନ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ପି.ଏଲ.ନାୟକ, ମନୋରଂଜନ କାଣ୍ଡୁଲାନା, ପ୍ରମୋଦ କୁମାର ବକ୍ସି ପ୍ରମୁଖ ସହଯୋଗ କରିଥିଲେ। ଷ୍ଟାଚ୍ୟୁ କମିଟିର ଯୁଗ୍ମ-ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଡା ସୋରେନ ଧନ୍ୟବାଦ ଦେଇଥିଲେ।




# ରେଳବାଇର ନୂତନ ସେତୁ ପାଇଁ ଜବରଦଖଲ ଉଚ୍ଛେଦ





ରାଉରକେଲା, ୯।୬(ସମିସ): ଗତକାଲି ମହତାବରୋଡର ମୀନାପଡ଼ାରେ ୬ ଜଣ ଡ୍ରଗ୍ସ ମାଫିଆଙ୍କ ଘରେ ବୁଲ୍‌ଡୋଜର ବୁଲିବା ପରେ ଆଜି ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରହମତନଗର ଓ ଶିବଶଙ୍କରନଗରରେ ୪୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି ପ୍ରଶାସନ। ଦକ୍ଷିଣ-ପୂର୍ବ ରେଳବାଇର

## ରହମତନଗର ଓ ଶିବଶଙ୍କରନଗରରେ ୪୦ରୁ ଅଧିକ ଘର ଭାଙ୍ଗିଲା

ନୂତନ ସେତୁ ପ୍ରକଳ୍ପ ନିର୍ମାଣ ପାଇଁ ରେଳବାଇ ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରଥମ ଦିନରେ, ରେଳବାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶିବଶଙ୍କରନଗର ବସ୍ତିରେ ୪୦ରୁ ଅଧିକ ଘର ଭାଙ୍ଗି ଦିଆଯାଇଥିଲା।

୧୯୫୦ରେ ନିର୍ମିତ ରେଳବାଇର ପୁରୁଣା ସେତୁ ପାଖରେ ଆଉ ଏକ ନୂତନ ରେଳସେତୁ ନିର୍ମାଣ ପାଇଁ ଆବଶ୍ୟକ ଜମିରୁ ଉଚ୍ଛେଦ କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ପ୍ରସ୍ତାବିତ ସେତୁ ସଂଯୋଜନରେ ବାଧା ସୃଷ୍ଟି କରୁଥିବା ପ୍ରମୁଖ ଜବରଦଖଲ ଭାବରେ ଶିବ ଶଙ୍କର ନଗର ଏବଂ ରହମତ ନଗରରେ ବସତିଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି, ପ୍ରକଳ୍ପକୁ ସହଜ କରିବା ପାଇଁ ଅନଧିକୃତ ନିର୍ମାଣକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ରେଳ ସୁରକ୍ଷା ବଳ (ଆର୍‌ପିଏଫ୍), ସରକାରୀ ରେଳବାଇ ପୁଲିସ (ଜିଆର୍‌ପି) ଏବଂ ସ୍ଥାନୀୟ ପ୍ରଶାସନର ସହାୟତାରେ ରେଳ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଆଇନ ଶୃଙ୍ଖଳା ବଜାୟ ରଖିବାକୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଏହି ପ୍ରକଳ୍ପ ବୃହତର ଜନସ୍ୱାର୍ଥରେ କରାଯାଉଛି ଏବଂ ଏହା ଅଞ୍ଚଳରେ ରେଳ ପରିଚାଳନା ଏବଂ ଟ୍ରାଫିକ୍ ପରିଚାଳନାରେ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଅତିରିକ୍ତ ଏସପି ରାଜକିଶୋର ମିଶ୍ର କହିଛନ୍ତି।

# ସମ୍ପାଦକୀୟ



ଅନ୍ଧ ଭାବରେ କୌଣସି ପ୍ରସଙ୍ଗକୁ ବିଶ୍ୱାସ ନ କରି ତାହାର ଗୂଢ଼ ତତ୍ତ୍ୱକୁ ବୁଝିବା ଦିଗରେ ଅଟଳ ରହିବା ଉଚିତ।
ଜେ. କ୍ରିଷ୍ଣମୂର୍ତ୍ତି

ସକାଳ THE SAKALA

## ସରକାରୀ ଡାକ୍ତରଖାନା କାହା ପାଇଁ?

ଓଡ଼ିଶା ମନ୍ତ୍ରିପରିଷଦର ଜନୈକ ସଦସ୍ୟ ପେଟ ଯନ୍ତ୍ରଣାର ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହେବାର ଖବର ଗଣମାଧ୍ୟମରେ ସ୍ଥାନ ପାଇଛି। ଶାସନ କ୍ଷମତାରେ ଥିବା କୌଣସି ଦଳର କିମ୍ବା ମନ୍ତ୍ରିପରିଷଦର ସଦସ୍ୟମାନେ ମାମୁଲି ଚିକିତ୍ସା ପାଇଁ ମଧ୍ୟ ଘରୋଇ ଡାକ୍ତରଖାନାକୁ ପସନ୍ଦ କରିବା ଏବଂ ସେଠାରେ ଚିକିତ୍ସିତ ହେବା ନୂଆ ଘଟଣା ନୁହେଁ। ସାଧାରଣ ଜଣାପଡୁଥିବା ଏହି ଖବର ପଛରେ କିନ୍ତୁ ଅନେକ ଗହନ ପ୍ରଶ୍ନ ଉଙ୍କି ମାରୁଛି। ଯେଉଁ ପ୍ରଶ୍ନଟି ପ୍ରଥମେ ଜଣେ ସାଧାରଣ ଲୋକଙ୍କର ମନକୁ ଆସୁଛି, ତାହା ହେଉଛି ସରକାର ଚଳାଉଥିବା ବ୍ୟକ୍ତିତ୍ୱମାନଙ୍କର ସରକାରୀ ଅନୁଷ୍ଠାନ ଉପରେ ଭରସା ରହୁନାହିଁ କାହିଁକି? ଏହି ଉତ୍ତରବିହୀନ ପ୍ରଶ୍ନ ପଛକୁ ପଛ ଆସୁଥିବା ଆହୁରି କେତେକ ପ୍ରଶ୍ନ ହେଉଛି, ଯେତେବେଳେ ନିଜେ ଗଢ଼ିଥିବା ବ୍ୟବସ୍ଥା ଉପରେ ସରକାରୀ କଳର ବିଶ୍ୱାସ କିମ୍ବା ଭରସା ରହୁନାହିଁ ସାଧାରଣ ଲୋକେ ବିଶ୍ୱାସ କରିବେ କେମିତି? ସରକାରୀ ଲୋକମାନେ ସାଧାରଣ ଲୋକଙ୍କ ଜୀବନକୁ ତୁଚ୍ଛ ମଣୁ ନାହାନ୍ତି କି? ଯେଉଁମାନଙ୍କ ଭୋଟ ବଳରେ ସରକାର ଗଢ଼ିଛନ୍ତି ବା କ୍ଷମତାକୁ ଆସିଛନ୍ତି ସେମାନଙ୍କୁ କେବଳ ନିରାମୟ ଔଷଧ ଓ ମାଗଣା ନିଦାନରେ ସନ୍ତୁଷ୍ଟ କରି ନିଜ କର୍ତ୍ତବ୍ୟ ସରିଗଲା ବୋଲି ନେତାମନ୍ତ୍ରୀମାନେ ଭାବୁନାହାନ୍ତି କି?

ଉପରୋକ୍ତ ସମସ୍ତ ପ୍ରଶ୍ନର ଉତ୍ତର ଅସ୍ତିବାଚକ। କିନ୍ତୁ ସରକାରଙ୍କ ବ୍ୟାଖ୍ୟାନ କିମ୍ଭୂତକିମାକାର ଏବଂ ଜନତା ନିର୍ବିକାର। ଏହି କାରଣରୁ ସରକାରୀ ଡାକ୍ତରଖାନାମାନଙ୍କର ସର୍ବନିମ୍ନ ମୌଳିକ ଚିକିତ୍ସା ସୁବିଧା ଦିନକୁ ଦିନ ହ୍ରାସ ପାଇ ଚାଲିଥିବା ବେଳେ ଘରୋଇ ଡାକ୍ତରଖାନାମାନଙ୍କର ସଂଖ୍ୟା ବଢ଼ି ଚାଲିଛି। ସରକାରୀ ଡାକ୍ତରଖାନାଗୁଡ଼ିକରେ ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ପାଖରେ ସମ୍ବଳର ଅଭାବ ନାହିଁ। କିନ୍ତୁ ଯଦି ସରକାରୀ ଡାକ୍ତରଖାନାଗୁଡ଼ିକରେ ସବୁପ୍ରକାର ଚିକିତ୍ସା ସୁବିଧାସୁଯୋଗ ମିଳିଯିବ ଘରୋଇ ଡାକ୍ତରଖାନାଗୁଡ଼ିକର ବ୍ୟବସାୟ ଚାଲିବ କେମିତି? ଘରୋଇ ଡାକ୍ତରଖାନାମାନଙ୍କରେ ନେତାମନ୍ତ୍ରୀମାନଙ୍କର ବିପୁଳ ପରିମାଣର କଳାଧନ ନିବେଶ ହୋଇଥିବା ଅଭିଯୋଗ ହୋଇଆସୁଛି। ଯଦି ଏହି ଅଭିଯୋଗ ସତ ହୋଇଥାଏ ତେବେ ସରକାରୀ ଡାକ୍ତରଖାନାରେ କସ୍ମିନ୍‌କାଳେ ସୁଧାର ଆସିବ ନାହିଁ। କାରଣ ଲୋକେ ଘରୋଇ ଡାକ୍ତରଖାନା ମୁହାଁ ନ ହେଲେ ନିବେଶ ହୋଇଥିବା କଳାଧନରୁ ଲାଭାଂଶ ମିଳିବ ନାହିଁ। ଘରୋଇ ଡାକ୍ତରଖାନା ଓ ନେତାମନ୍ତ୍ରୀଙ୍କ ଭିତରେ ମଧୁଚନ୍ଦ୍ରିକା ଥିବା ପର୍ଯ୍ୟନ୍ତ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶରେ ସରକାରୀ ଡାକ୍ତରଖାନା କେବଳ ମଳିମୁଣ୍ଡିଆଙ୍କ ପାଇଁ ଭାଗ୍ୟ ଓ ଶେଷ ଭରସା ହୋଇ ରହିଯିବା ସାର ହେବ।

ଓଡ଼ିଶାରେ ସରକାରୀ ଚିକିତ୍ସା ସେବାକୁ କିଭଳି ପଙ୍ଗୁ କରିବାର ଚକ୍ରାନ୍ତ ହେଉଛି ସେ ସମ୍ପର୍କରେ ଦୃଷ୍ଟି ଦିଆଯାଉ। ଗତ ସରକାର ଅମଳରେ ଏମ୍‌ବିବିଏସ୍ ବା ଡାକ୍ତରୀ ପାସ୍ କରୁଥିବା ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ତତ୍କାଳ ଚୁକ୍ତିଭିତ୍ତିକ ନିଯୁକ୍ତି ମିଳୁଥିଲା। ଯେଉଁମାନଙ୍କୁ ଉପାନ୍ତ ବା ଦୁର୍ଗମ ଅଞ୍ଚଳରେ ନିଯୁକ୍ତି ମିଳୁଥିଲା ସେମାନଙ୍କୁ ଅଧିକ ପାରିଶ୍ରମିକ ଦିଆଯାଉଥିଲା। କିନ୍ତୁ ଗତ ଦୁଇବର୍ଷ ହେଲା ଆଉ ସେ ନିଯୁକ୍ତି ହେଉନାହିଁ। ରାଜ୍ୟରେ ଖାଲିଥିବା ଡାକ୍ତର ସଂଖ୍ୟା ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ମେରିଟ୍ ଲିଷ୍ଟ ଗତ ବର୍ଷେ ତଳୁ ପ୍ରକାଶ ପାଇଥିବା ସତ୍ତ୍ୱେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁନାହିଁ। ଏହାମଧ୍ୟରେ ଆଉ ଏକ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଶୁଣିବାକୁ ମିଳୁଛି କୁଆଡ଼େ ସରକାରୀ ନିଯୁକ୍ତିପତ୍ର ପାଇବା ପାଇଁ ଯେଉଁ ପରିମାଣର ପାରିତୋଷିକ ଦାବି କରାଯାଉଛି ତାହା ଦେବାକୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ରାଜି ହେଉ ନଥିବାରୁ ନିଯୁକ୍ତି ମେଳାମାନ ଆୟୋଜନ ହେବାରେ ବିଳମ୍ବ ହେଉଛି।

ଓଡ଼ିଶା ସ୍ୱାସ୍ଥ୍ୟ ସେବାର ବିକଳ ସ୍ଥିତିକୁ ପରଖିବା ପାଇଁ ରାଜଧାନୀର ଛାତି ଉପରେ ଥିଠବା କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଉଦାହରଣ ରୂପେ ନିଆଯାଇପାରେ। ଏକଦା ଜଟିଳ ଅସ୍ତ୍ରୋପଚାର ହେଉଥିବା ଏହି ସରକାରୀ ଡାକ୍ତରଖାନା ଇତିମଧ୍ୟରେ କେବଳ ଏକ ରେଫର ହସ୍ପିଟାଲ୍‌ର ଦୁର୍ନାମ ଅର୍ଜନ କରିଚାଲିଛି। ଏକଦା ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ଉପରେ ନିର୍ଭର କରୁଥିଲେ। ବିଶେଷକରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାନ୍ତ ଯନ୍ତ୍ରଣାର ଉପଶମ ପାଇଁ ଏକାଧିକ ଥର କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଚିକିତ୍ସା କରିଥିବା ଖବର ମିଛ ନୁହେଁ। କିନ୍ତୁ ଗତ ଦୁଇବର୍ଷ ଧରି ଦନ୍ତ ବିଭାଗ କେବଳ ପ୍ରେସ୍କ୍ରିପ୍‌ସନ୍ ଲେଖାରେ ସୀମିତ ରହିଯାଇଛି। ଆଶୁ ଚିକିତ୍ସା କଥା ନ କହିଲେ ଭଲ। ଠିକାରେ ନିଯୁକ୍ତ ଡାକ୍ତରମାନେ ଘରୋଇ ଡାକ୍ତରଖାନାମାନଙ୍କରେ ସିଫ୍ଟ ଡ୍ୟୁଟି କରୁଥିବାରୁ ରାତିରେ ରୋଗୀ ଆସିଲେ ଘରୋଇ ଡାକ୍ତରଖାନା କିମ୍ବା ବଡ଼ ଡାକ୍ତରଖାନାକୁ ରେଫର କରିଦେଉଥିବା ଅଭିଯୋଗ ପଛରେ ଅସ୍ୱାଭାବିକତା ନାହିଁ। ଏହି ସୁଯୋଗକୁ ସେଠାରେ ଉପସ୍ଥିତ ଦଲାଲମାନେ ଅପେକ୍ଷା କରି ରହୁଛନ୍ତି ଏବଂ ରୋଗୀକୁ ଲୁଟିବାରେ କୌଣସି ଅବହେଳା କରୁନାହାନ୍ତି। ଏ ସମ୍ପର୍କରେ ରୋଗୀଟିଏ ଅଭିଯୋଗ ବା କରିବ କାହାକୁ? ନିର୍ଦ୍ଦେଶକ ଓ ଅଧୀକ୍ଷକ ପଦ ଦୀର୍ଘଦିନ ଧରି ଖାଲି ପଡ଼ିଛି। ତେଣୁ ସରକାରଙ୍କ ଉଦ୍ଦେଶ୍ୟ ଆଉ ବୁଝାଇ କହିବା ଆବଶ୍ୟକ ନାହିଁ। ଗାଁ କଥା ନ କହିବା ଭଲ। ସେଠାରେ ଏବେ ମଧ୍ୟ କ୍ୱାକ୍ ଓ ଗୁଣିଗାରେଡ଼ି ଉପରେ ଲୋକେ ଭରସା କରିବାକୁ ବାଧ୍ୟ ହେଉଛନ୍ତି।

ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଯେ ପ୍ରତିବର୍ଷ ରାଜ୍ୟରୁ ହଜାରେରୁ ଊର୍ଦ୍ଧ୍ୱ ଡାକ୍ତରୀ ଛାତ୍ର ଉତ୍ତୀର୍ଣ୍ଣ ହେଉଛନ୍ତି। କିନ୍ତୁ ଡାକ୍ତରୀ ଅଭାବ ବଢ଼ି ଚାଲିଛି କେମିତି? ସରକାର ଗୋଟିଏ ପରେ ଗୋଟିଏ ନୂଆ ମେଡିକାଲ୍ କଲେଜ୍ ଖୋଲିଚାଲିଛନ୍ତି। ଅତ୍ୟାଧୁନିକ କରିବାର ଘୋଷଣା ମଧ୍ୟ କରୁଛନ୍ତି। କିନ୍ତୁ କେବଳ କୋଠା ନିର୍ମାଣ ଓ ଘୋଷଣାର ପ୍ରହସନରେ ମେଡିକାଲ୍ କଲେଜର ଲକ୍ଷ୍ୟ ସୀମିତ ରହିଯାଉଛି। ବିନା ଶୈକ୍ଷିକ ଭିତ୍ତିଭୂମିରେ ନବନିର୍ମିତ ମେଡିକାଲ୍ କଲେଜ୍‌ମାନଙ୍କରେ ଡାକ୍ତରୀ ପାଠପଢ଼ା କିଭଳି ଚାଲିଥିବ ଅନୁମେୟ।

ଆପେ ବଞ୍ଚିଲେ ବାପର ନାଁ - ବୋଧହୁଏ ସରକାର ମଧ୍ୟ ଏହି ଆପ୍ତବାକ୍ୟକୁ ଜୀବନମନ୍ତ୍ରୀ କରିସାରିଛନ୍ତି। ଯେନତେନ ପ୍ରକାରେଣ ପାଞ୍ଚ ବର୍ଷ ବିତିଗଲା ପରେ ପୁଣି ଆଉ ନିର୍ବାଚନ ବେଳକୁ ପ୍ରତାରଣଭରା ପ୍ରତିଶ୍ରୁତିମାନ ଦେଇ ଆଉ ପାଞ୍ଚବର୍ଷ କ୍ଷମତାସୀନ ହେଲେ କଥା ସରିଲା। ସବୁକଥା ଓ ସବୁ ଅଭିଯୋଗର ଉତ୍ତର ଦେବାକୁ ଶାସନ ମୁଖ୍ୟ କୁଆଡ଼େ ବାଧ୍ୟ ନୁହନ୍ତି ବୋଲି ସେ କହିଥିବା ଶୁଣାଯାଉଛି। ତେଣୁ ଓଡ଼ିଶାବାସୀ କେବଳ ଭାଗ୍ୟ ଓ ଭଗବାନଙ୍କ ଭରସା କରିବା ଛଡ଼ା ବିକଳ୍ପ ନାହିଁ।।

## ମହିଳା ସୁରକ୍ଷା ଆଇନ ଓ ନିର୍ଦ୍ଦୋଷ ପୁରୁଷ

**ଡକ୍ଟର ଅବଶ ପରିଡ଼ା**

ଜଣେ ଟେଲିଭିଜନ ଅଭିନେତ୍ରୀଙ୍କ ସ୍ୱୀକାରୋକ୍ତି ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ଅଛି। ନଅ ବର୍ଷ ତଳେ ଜଣେ ପୁରୁଷ ଟିଭି ପ୍ରଯୋଜକଙ୍କ ଉପରେ ଯୌନ ଉତ୍ପୀଡ଼ନର ମିଥ୍ୟା ଅଭିଯୋଗ ଆଣି ଆଇନର ସାହାଯ୍ୟ ନେଇଥିଲେ ବୋଲି ଅଭିନେତ୍ରୀ କହୁଛନ୍ତି। ଏହାକୁ ନେଇ ବିତର୍କର ଝଡ଼ ସୃଷ୍ଟି ହୋଇଛି। ଏହାର ପୃଷ୍ଠଭୂମି ହେଉଛି ମହିଳା ସୁରକ୍ଷା ଆଇନ ବନାମ ଉଦ୍ଦେଶ୍ୟମୂଳକ ଭାବେ ଏହାର ଅପବ୍ୟବହାର। ଅଭିଯୋଗ ହେଉଛି ଯେ ମହିଳା ସୁରକ୍ଷା ଆଇନଗୁଡ଼ିକ ମହିଳାଙ୍କୁ ହିଂସା, ଉତ୍ପୀଡ଼ନ ଓ ଭେଦଭାବରୁ ରକ୍ଷା କରିବା ପାଇଁ ପ୍ରଣୟନ କରାଯାଇଥିଲା। କିନ୍ତୁ ବିଡ଼ମ୍ବନା ଯେ କିଛି ମହିଳା ଓ ସେମାନଙ୍କ ପରିବାର ଏହାକୁ ଜାଣିଶୁଣି କିମ୍ବା ମିଥ୍ୟା ଅଭିଯୋଗରେ ପୁରୁଷ ଓ ସେମାନଙ୍କ ପରିବାର ବିରୁଦ୍ଧରେ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି। ଫଳସ୍ୱରୂପ ଏହି ସଂଲଗ୍ନ ମାମଲାଗୁଡ଼ିକ କେବଳ ନିର୍ଦ୍ଦୋଷ ପୁରୁଷଙ୍କ ପ୍ରତିଷ୍ଠା ଓ ଜୀବନକୁ କ୍ଷତି ପହଞ୍ଚାଉ ନାହିଁ, ବରଂ ପୀଡ଼ିତାଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନଗୁଡ଼ିକ ଉପରେ ସାଧାରଣ ବିଶ୍ୱାସକୁ ମଧ୍ୟ ହ୍ରାସ କରୁଛି। ତେଣୁ ମହିଳା କୈନ୍ଦ୍ରିକ ଆଇନର ଅସ୍ୱୀକରଣ ହେଉଛି କି? ଏହାକୁ ନେଇ ଆଜିର ଆଲୋଚନା।

ଜାତୀୟଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି)ର ଏକ ତଥ୍ୟରୁ ଆଲୋଚନା ଆରମ୍ଭ କରିବା। ପୁଲିସ ଦ୍ୱାରା 'ତଥ୍ୟ କିମ୍ବା ଆଇନର ଭୁଲ ଯୋଗୁଁ ଅସତ୍ୟ' ଭାବରେ ବର୍ଗୀକୃତ କିଛି ମାମଲାଗୁଡ଼ିକର ପରିସଂଖ୍ୟାନ ଏଥିରେ ଦିଆଯାଇଛି। ମହିଳା ଆଇନର ଅପବ୍ୟବହାର, ମିଥ୍ୟା ଅଭିଯୋଗ କିମ୍ବା ତଥ୍ୟର ଅନୁପସ୍ଥିତିକୁ ତୁଳନା କଲେ ଜଣାଯିବ ଯେ ଏହା ମୋଟ ମାମଲାର କମ୍ ପ୍ରତିଶତ ଅଟେ। ଉଦାହରଣ ସ୍ୱରୂପ, ପୁରୁଣା ଧାରା ୪୯୮ ଏ ଆଇପିସି ବା ବର୍ତ୍ତମାନ ଭାରତୀୟ ନ୍ୟାୟ ସଂହିତାର ଧାରା ୮୫ ଅନୁଯାୟୀ ସ୍ୱାମୀ କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁରତା ସମ୍ବନ୍ଧୀୟ ମାମଲାର ତଦନ୍ତ ପରେ ୩.୬ ପ୍ରତିଶତ ମାମଲାକୁ ମିଥ୍ୟା ଭାବରେ ବର୍ଗୀକୃତ କରାଯାଇଥିଲା। ସେହିପରି ପୁଲିସ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାୟ ୯.୭ ପ୍ରତିଶତ ବଳାତ୍କାର ମାମଲା ଏବଂ ୧୫.୨ ପ୍ରତିଶତ ବଳାତ୍କାର ଉଦ୍ୟମ ମାମଲା ମିଥ୍ୟା ବୋଲି ଜଣାପଡ଼ିଥିଲା। ଯୌତୁକ ନିରୋଧ ଆଇନ ଅନୁଯାୟୀ ମାମଲାରେ ଏହି ଅନୁପାତ ଥିଲା ଜମା ୧.୬ ପ୍ରତିଶତ। ତେଣୁ ମହିଳା ଆଇନର ଅପବ୍ୟବହାର ହେଉନାହିଁ କିମ୍ବା ଯଦି ହେଉଛି ତେବେ ଖୁବ କମ୍। ଯାହା ଏହି ସରକାରୀ ରିପୋର୍ଟ ଦର୍ଶାଉଛି। କିନ୍ତୁ ଆଇନ ବିଶାରଦମାନଙ୍କ ଯୁକ୍ତି ଏଥିରୁ ଭିନ୍ନ। ସେମାନଙ୍କ ମତରେ ମହିଳା ଆଇନର ସମ୍ଭାବ୍ୟ ଅପବ୍ୟବହାର ପରିମାଣ ସହ ଏହି ସଂଖ୍ୟାଗୁଡ଼ିକର କୌଣସି ସମ୍ପର୍କ ନାହିଁ।

ଯଦି ଅଦାଲତର ବିଚାର ଫଳାଫଳ ଦେଖିବା ତେବେ ପୁରୁଷ ଓ ସେମାନଙ୍କ ପରିବାର ପାଇଁ ଏହା ହେଉଛି ଏକ ବଡ଼ ଚିନ୍ତା। ଉଦାହରଣ ସ୍ୱରୂପ ଯୌତୁକ ଓ ଘରୋଇ ହିଂସା ମାମଲାରେ ଦୋଷୀ ସାବ୍ୟସ୍ତ ହେବାର ହାର ନିରନ୍ତର ଭାବରେ ୧୪ ରୁ ୨୦ ପ୍ରତିଶତ ମଧ୍ୟରେ ରହିଛି। ଅର୍ଥାତ୍ ପାଞ୍ଚଟି ମାମଲାରୁ ପ୍ରାୟ ଚାରିଟି ମାମଲା ପରିଶେଷରେ ଦୋଷମୁକ୍ତ, ଛାଡ଼ କିମ୍ବା ଖାରଜରେ ଶେଷ ହୁଏ। ସେହିପରି ବଳାତ୍କାର ମାମଲାଗୁଡ଼ିକରେ ଦୋଷମୁକ୍ତିର ହାର ଅଧିକ। ଏହା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟା ହେଉଛି ସମ୍ମତିଭିତ୍ତିକ ସମ୍ପର୍କ। ଯାହା ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ ବିବାହର ପ୍ରତିଶ୍ରୁତି ଭାଙ୍ଗି ଗଲା ପରେ ଏହା ସ୍ୱୟଂଚାଳିତ ଭାବରେ ବଳାତ୍କାର ବା ଦୁଷ୍କର୍ମ ଅଭିଯୋଗ ଆଡ଼କୁ ଗତି କରୁଛି। ପଞ୍ଜିକୃତ ମାମଲା ଓ ଦୋଷୀ ସାବ୍ୟସ୍ତ ମଧ୍ୟରେ ଏକ ବଡ଼ ବ୍ୟବଧାନ ଅଛି ବୋଲି ଆଇନ ବିଶେଷଜ୍ଞମାନେ ଦୃଢ଼ୋକ୍ତି ଦିଅନ୍ତି।

ମହିଳା ସୁରକ୍ଷା ଆଇନର ଅପବ୍ୟବହାର ସମ୍ପର୍କରେ ନ୍ୟାୟପାଳିକା ବାରମ୍ବାର ଚିନ୍ତା ପ୍ରକାଶ କରିଛନ୍ତି। ଭାରତୀୟ ନ୍ୟାୟପାଳିକା ଏହାକୁ 'ଆଇନଗତ ଆତଙ୍କବାଦ' ଭାବେ ମଧ୍ୟ ନାମକରଣ କରିଛନ୍ତି। ସୁଶୀଲ କୁମାର ଶର୍ମା ବନାମ ଭାରତ ସଂଘ ମାମଲାରେ, ସୁପ୍ରିମକୋର୍ଟ ମତ ଦେଇଥିଲେ ଯେ ନିଷ୍ଠୁରତା ବିରୁଦ୍ଧରେ ଢାଲ ଭାବରେ ଉଦ୍ଦିଷ୍ଟ ଆଇନ କଦାପି ହଇରାଣର ଅସ୍ତ୍ର ହେବା ଉଚିତ୍ ନୁହେଁ। କାରଣ ଏବେ ଦେଖାଯାଉଛି ଯେ ଅସନ୍ତୁଷ୍ଟ ପତ୍ନୀମାନେ ଏହାକୁ ପତି ଏବଂ ସେମାନଙ୍କ ସମ୍ପର୍କୀୟମାନଙ୍କୁ ହଇରାଣ କରିବା ପାଇଁ ଏକ ଅସ୍ତ୍ର ଭାବରେ ଭାବରେ ବ୍ୟବହାର କରୁଛନ୍ତି। ସେହିପରି ଅର୍ଣ୍ଣେଶ କୁମାର ବନାମ ବିହାର ରାଜ୍ୟ ମାମଲାରେ ମାନ୍ୟବର ଅଦାଲତ କହିଥିଲେ ଯେ କୌଣସି ଯାଞ୍ଚ ବିନା ବୃଦ୍ଧ ପିତାମାତା ଓ ସମ୍ପର୍କୀୟମାନଙ୍କୁ ଗିରଫ କରିବା ପାଇଁ ଧାରା ୪୯୮ ଏ ବ୍ୟବହାର କରାଯାଉଥିଲା। ତେଣୁ ସୁପ୍ରିମକୋର୍ଟ ସାତ ବର୍ଷରୁ କମ୍ ଦଣ୍ଡାଦେଶ ଥିବା ମାମଲାରେ ତୁରନ୍ତ ଗିରଫଦାରୀକୁ ନିଷିଦ୍ଧ କରିଥିଲେ। ଏହାଦ୍ୱାରା ପ୍ରାରମ୍ଭିକ ତଦନ୍ତକୁ ଏବେ ବାଧ୍ୟତାମୂଳକ କରାଯାଇଛି। ପରିଶେଷରେ ଦିଲ୍ଲୀ ହାଇକୋର୍ଟ ଉଲ୍ଲେଖ କରିଥିଲେ ଯେ ମିଥ୍ୟା ବଳାତ୍କାର ଅଭିଯୋଗ ଦ୍ୱାରା ଭୁଲ ଅଭିଯୁକ୍ତ ହୋଇଥିବା ପୁରୁଷମାନଙ୍କ ଉପରେ ଜୀବନବ୍ୟାପୀ ଦାଗ, ସାମାଜିକ ଅପମାନ ଓ ଆର୍ଥିକ ଚାପ ପଡୁଛି। ଏକ ସରଳ ନିର୍ଦ୍ଦୋଷ ପୁରୁଷ ଉପରେ ହୋଇଥିବା କ୍ଷତିକୁ କେବେ ବି ପୁନଃସ୍ଥାପନ କରାଯାଇପାରିବ ନାହିଁ। ସାଂଗଠନିକ ସ୍ତରରେ ମିଥ୍ୟା ମାମଲା ଦ୍ୱାରା କୋର୍ଟ ଓ ଆଇନ ପ୍ରବର୍ତ୍ତନ ଅନୁଷ୍ଠାନଗୁଡ଼ିକ ଉପରେ ବୋଝ ବଢ଼ିପାରେ। ଏପରିକି ନ୍ୟାୟ ଖୋଜୁଥିବା ପ୍ରକୃତ ପୀଡ଼ିତାଙ୍କଠାରୁ ଆଇନଗତ ସୁବିଧା ଓ ସମ୍ବଳ ଦୂରେଇ ଯାଇପାରେ। ଯେହେତୁ ଜାଣିଶୁଣି ମିଥ୍ୟା ଅଭିଯୋଗ ଦାଖଲ କରିବା ପରେ ସେମିତି କଡ଼ା ଦଣ୍ଡ ନାହିଁ। ତେଣୁ ଉତ୍ତରଦାୟିତ୍ୱ କମି ଯାଉଛି ଏବଂ କିଛି ପରିସ୍ଥିତିରେ ଏହାର ଅପବ୍ୟବହାର କରିବା ପାଇଁ ଅନେକ ଉତ୍ସାହିତ ବି ହେଉଛନ୍ତି।

ମହିଳା ସୁରକ୍ଷା ଆଇନର (ଅପ)ବ୍ୟବହାରକୁ ନେଇ ସମାଜବିଜ୍ଞାନୀଙ୍କ ମତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ମତରେ ଏହି ସବୁ ପରିସଂଖ୍ୟାନରୁ ସରଳ ନିଷ୍କର୍ଷ ବାହାର କରିବା ନିରର୍ଥକ। ଏହାକୁ ନେଇ କୌଣସି ଧାରଣା ବା ପୂର୍ବାଗ୍ରହ ଗଢ଼ିବା ବିରୁଦ୍ଧରେ ସତର୍କ ମଧ୍ୟ କରାଇଛନ୍ତି। ଭୟ, ଅପମାନ ଓ ସାମାଜିକ ଚାପ ଯୋଗୁଁ ଭାରତରେ ଅସଂଖ୍ୟ ଘରୋଇ ହିଂସା ଓ ଯୌନ ନିର୍ଯାତନା ରିପୋର୍ଟ ଦାଖଲ ହୁଏ ନାହିଁ। ଏହାବ୍ୟତୀତ ଅନେକ ମାମଲା ଆପୋସ ବୁଝାମଣା କିମ୍ବା ଆର୍ଥିକ ଆଲୋଚନା ମାଧ୍ୟମରେ କୋର୍ଟ ବାହାରେ ସମାଧାନ କରାଯାଏ। ଏହାଦ୍ୱାରା ମାମଲାଟି ଆପେ ଆପେ ପ୍ରତ୍ୟାହାର କିମ୍ବା ଦୋଷମୁକ୍ତ ହୋଇଯାଏ। ଅନେକ ଗବେଷଣା ଏହା ମଧ୍ୟ ସୂଚାଇ ଦିଏ ଯେ ସହରାଞ୍ଚଳ ଓ ଶିକ୍ଷିତ ଜନସଂଖ୍ୟା ଯେଉଁଠି ଅଧିକ ଆଇନଗତ ସଚେତନତା ଓ ଆଇନଗତ ସମ୍ବଳ ଉପଲବ୍ଧ, ସେଠାରେ ହିଁ ମହିଳା ସୁରକ୍ଷା ଆଇନର ଅପବ୍ୟବହାର ଅଧିକ।

ଏହାର ଜବାବରେ ଅଦାଲତ ଓ ଆଇନ ବିଶେଷଜ୍ଞମାନେ ଗିରଫ ପୂର୍ବରୁ ପ୍ରାରମ୍ଭିକ ତଦନ୍ତ, ଅଧିକ ନ୍ୟାୟିକ ଯାଞ୍ଚ ଏବଂ ମିଥ୍ୟା ଅଭିଯୋଗ ଚିହ୍ନଟ କରିବା ପାଇଁ ଏକ ଦୃଢ଼ତନ୍ତ୍ର-ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସାରା ବିଶ୍ୱରେ ଲିଙ୍ଗ-ନିରପେକ୍ଷ ଆଇନ ଗ୍ରହଣ କରିବା ବିଷୟରେ ଏବେ ଆଲୋଚନା ହେଉଛି। ଯାହାଦ୍ୱାରା ଲିଙ୍ଗ ନିର୍ବିଶେଷରେ ପୀଡ଼ିତଙ୍କୁ ସୁରକ୍ଷା ଦେବା ଉପରେ ଅଧିକ ଧ୍ୟାନ ଦିଆଯାଇପାରିବ। ଏହି ପରିପ୍ରେକ୍ଷୀରେ ୟୁ କେ ଓ କାନାଡ଼ା ଭଳି ଦେଶ ଘରୋଇ ହିଂସା ଓ ନିର୍ଯାତନା ସମାଧାନ କରିବାରେ ଲିଙ୍ଗ-ନିରପେକ୍ଷ ପଦ୍ଧତିକୁ ଏବେ ଗ୍ରହଣ କରିଛନ୍ତି। ନିର୍ଦ୍ଦୋଷ ପୁରୁଷଙ୍କ ଉପରେ କିଛି ମହିଳାଙ୍କ ଦ୍ୱାରା ଆଇନର ଅପବ୍ୟବହାର ଦ୍ୱାରା 'ରେଡ୍ ପିଲ୍' ଭଳି ଏକ ମୌଳବାଦୀ ଚିନ୍ତାଧାରା ଏବେ ବ୍ୟାପକ ହେଉଛି। 'ରେଡପିଲ୍ ଆଇଡିଓଲୋଜି' ହେଉଛି ଏକ ବିଚାରଧାରା, ଯାହା ବିଶ୍ୱାସ କରେ ଯେ ପୁରୁଷମାନେ ନାରୀବାଦୀ-ପ୍ରାଧାନ୍ୟ ସମାଜ ଓ ନାରୀ ସୁରକ୍ଷା ଆଇନ ଦ୍ୱାରା ନିର୍ଯାତିତ। ନିଜକୁ ସୁରକ୍ଷା ଦେବା ଓ ବାସ୍ତବତା ପ୍ରତି ଜାଗ୍ରତ ହେବା ଆବଶ୍ୟକ। ଏଠାରେ ଜାଣି ରଖିବାକୁ ହେବ ଯେ ଯେଉଁମାନେ ଏହି ଚିନ୍ତାଧାରାକୁ ଗ୍ରହଣ କରନ୍ତି ନାହିଁ ସେମାନେ ହେଉଛନ୍ତି 'ବ୍ଲୁ ପିଲ୍'।

ମହିଳା-କୈନ୍ଦ୍ରିକ ଆଇନଗୁଡ଼ିକର ଅସ୍ୱୀକରଣ ବିତର୍କରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ଅଛି। ପ୍ରଥମ ହେଉଛି ପ୍ରକୃତ ପୀଡ଼ିତାଙ୍କୁ ନ୍ୟାୟ ଦେବା ଏବଂ ଦ୍ୱିତୀୟଟି ହେଉଛି ମିଥ୍ୟା ଅଭିଯୋଗରୁ ନିର୍ଦ୍ଦୋଷ ପୁରୁଷ ଓ ସେମାନଙ୍କ ପରିବାରକୁ ସୁରକ୍ଷା ଦେବା। ଏଥିନିମନ୍ତେ ଏକ ନିରପେକ୍ଷ ଆଇନଗତ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ। ତେଣୁ ନିର୍ଯାତନା ଓ ହିଂସାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା ନ୍ୟାୟିକ ବ୍ୟବସ୍ଥାର ପ୍ରାଥମିକତା ହେବା ଉଚିତ। ଏହାସହିତ ବ୍ୟକ୍ତିଗତ ପ୍ରତିଶୋଧ, ବଳପ୍ରୟୋଗ କିମ୍ବା ଉତ୍ପୀଡ଼ନ ପାଇଁ ଆଇନର ଅପବ୍ୟବହାରକୁ ରୋକିବା ମଧ୍ୟ ସେତିକି ଦରକାର। ଏହି ସନ୍ତୁଳନ ହାସଲ କରିବା ହେଉଛି ଭାରତୀୟ ନ୍ୟାୟ ବ୍ୟବସ୍ଥା ସମ୍ମୁଖରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## କର୍ମଚାରୀର ଖୁସିରେ ଅନୁଷ୍ଠାନର ପ୍ରଗତି

**ରାକେଶ ପଣ୍ଡା**

ଗୋଟିଏ ଅନୁଷ୍ଠାନ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ, ଶିଖରରେ ଛିଡ଼ାହୋଇ ସଫଳତାର ଗୀତ ଗାଏ, ପ୍ରଗତିର ସ୍ୱାଦ ଚାଖେ, ସେଥିରେ ତା'ର ସଦସ୍ୟ ତଥା କର୍ମଚାରୀମାନଙ୍କର ତ୍ୟାଗ ଓ ଅବଦାନ ରହିଥାଏ। କର୍ମଚାରୀଟିଏ ଖରା, ବର୍ଷା ଓ ଶୀତର ପ୍ରକୋପକୁ ବେଖାତିର କରି ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରେ। ଅ

ନେକ ସମୟରେ ଏହା ଲକ୍ଷ୍ୟ କରାଯାଏ ଯେ, ସଂସ୍ଥାର ଲାଭ ଓ ହିତରେ ନିରନ୍ତର ଅବଦାନ ଦେଉଥିବା କର୍ମଚାରୀଟିଏ ଯେତେବେଳେ ନିଜର କୌଣସି ଏକ ବ୍ୟକ୍ତିଗତ ଆବଶ୍ୟକତାକୁ ନେଇ ସାଧାରଣ ଛୁଟି ନିମନ୍ତେ ମାଲିକ କିମ୍ବା ପରିଚାଳକଙ୍କ ନିକଟରେ ପହଞ୍ଚିଥାଏ ସେତେବେଳେ ଆଶ୍ଚର୍ଯ୍ୟ ଭାବରେ ସେମାନଙ୍କର ମୁହଁ ଓ ଆଚରଣରେ ଏକ ନକାରାତ୍ମକ ଅଭିବ୍ୟକ୍ତି ଓ ପ୍ରତିକ୍ରିୟା ପ୍ରତିଫଳିତ ହୋଇଥାଏ। ଛୁଟି ଅନୁମୋଦିତ ହୋଇ ନ'ଥାଏ କିମ୍ବା କାଣ୍ଟଛାଣ୍ଟ କରି ଗୋଟିଏ ଦିନ ବହୁକଷ୍ଟରେ ଉପଲବ୍ଧ ହୁଏ। ଏମିତି ଅନେକ ଅନୁଷ୍ଠାନ ଅଛନ୍ତି, ଯେଉଁଠାରେ କର୍ମଚାରୀମାନଙ୍କୁ ସାପ୍ତାହିକ ଛୁଟି ମଧ୍ୟ ଉପଲବ୍ଧ କରାଯାଏ ନାହିଁ। ଏହାଦ୍ୱାରା କର୍ମଚାରୀ କାର୍ଯ୍ୟ କରିବାର କ୍ଷମତା ହରାଇବା ସହ ତା'ର ବ୍ୟକ୍ତିଗତ ତଥା ପାରିବାରିକ ଜୀବନ ମଧ୍ୟ ଅନେକ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହୋଇଥାଏ। ଏହା ପରବର୍ତ୍ତୀ ସମୟରେ ସେମାନଙ୍କ ମନରେ ସଂସ୍ଥା ପ୍ରତି ନକାରାତ୍ମକ ମନୋଭାବ ସୃଷ୍ଟି କରିଥାଏ। କିଛି ଭଲ କର୍ମଚାରୀ ହତାଶ ଓ ନିରାଶ ହୋଇ ସଂସ୍ଥାଟିକୁ ଛାଡ଼ିବାକୁ ବାଧ୍ୟ ହୁଅନ୍ତି। ଏକ ଅନୁଷ୍ଠାନ ଜଣେ ଦକ୍ଷ ମାନବ ସମ୍ବଳ, ମୂଲ୍ୟବାନ ସମ୍ପତ୍ତି ଏବଂ ସଚ୍ଚୋଟ ଓ ପରିଶ୍ରମୀ ସଦସ୍ୟକୁ ହରାଇଥାଏ। ଏହା ସଂସ୍ଥାର ଭବିଷ୍ୟତକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ କରେ।

ସାଧାରଣତଃ, ନିରନ୍ତର ୬ ଦିନ କାର୍ଯ୍ୟ ଦିବସ ପରେ ୭ମ ଦିବସଟିକୁ ସାପ୍ତାହିକ ଛୁଟି ଭାବରେ ଗ୍ରହଣ କରାଯାଇଥାଏ। ରବିବାର ଦିନଟିକୁ ଅଧିକାଂଶ ସଂସ୍ଥା ଛୁଟି ଭାବରେ ଉପଲବ୍ଧ କରାଇଥା'ନ୍ତି। ସାପ୍ତାହିକ ଛୁଟି 'ପେଡ୍ ଡାଉନଟାଇମ୍' ଭାବରେ ଜଣାଶୁଣା। ଭାରତୀୟ ଟ୍ରେଡ ୟୁନିୟନ ଆନ୍ଦୋଳନର ଜନକ ନାରାୟଣ ମେଘାଜୀ ଲୋଖଣ୍ଡେଙ୍କ ଉଦ୍ୟମ ହେତୁ ୧୦ ଜୁନ୍ ୧୮୯୦ରେ ବମ୍ବେ ମିଲ୍ ହ୍ୟାଣ୍ଡସ୍ ଆସୋସିଏସନ୍‌ର ଶ୍ରମିକମାନେ ଭାରତରେ ସର୍ବପ୍ରଥମେ ରବିବାର ଦିନ ସାପ୍ତାହିକ ଛୁଟି ପାଇଥିଲେ। ବର୍ତ୍ତମାନ ଦେଶରେ ନିଯୁକ୍ତିଦାତାମାନଙ୍କ ପାଇଁ ସେମାନଙ୍କ କର୍ମଚାରୀମାନଙ୍କୁ ସାପ୍ତାହିକ ଛୁଟି ଯୋଗାଇବା ଆଇନଗତ ବାଧ୍ୟତାମୂଳକ ଆବଶ୍ୟକତା। ଭାରତର ଶ୍ରମ ଆଇନ ଅନୁଯାୟୀ, ସାପ୍ତାହିକ ଛୁଟି କର୍ମଚାରୀମାନଙ୍କ ପାଇଁ ଏକ ସଂରକ୍ଷିତ ଅଧିକାର। ଏଥିରେ ପ୍ରତ୍ୟେକ କର୍ମଚାରୀଙ୍କୁ ସପ୍ତାହରେ ଥରେ କିମ୍ବା ସପ୍ତାହର ପ୍ରଥମ ଦିନ ରବିବାରରେ ସର୍ବନିମ୍ନ ୨୪ ଘଣ୍ଟା ବିଶ୍ରାମ ସମୟ ନେବାକୁ ଅନୁମତି ଦିଆଯାଇଛି। କୌଣସି କମ୍ପାନୀ ଜଣେ କର୍ମଚାରୀଙ୍କୁ ସପ୍ତାହରେ ସାତ ଦିନ କାମ କରିବାକୁ ବାଧ୍ୟ କରିପାରିବେ ନାହିଁ। ଯଦି ଏପରି କରାଯାଏ ତେବେ ସଂସ୍ଥାର ମାଲିକ ଅଥବା ପରିଚାଳକଙ୍କ ବିରୁଦ୍ଧରେ ମକଦ୍ଦମା ଦାୟର ହେବାର ପ୍ରାବଧାନ ରହିଛି। ଏକ ସୁସଂଗତ କାର୍ଯ୍ୟଧାରା, ଜୀବନ ସନ୍ତୁଳନ ରକ୍ଷା କରିବା ଏବଂ କର୍ମଚାରୀଙ୍କ ସାମଗ୍ରିକ ସୁସ୍ଥତା ପାଇଁ ସାପ୍ତାହିକ ବିରତି ଜରୁରୀ। ମାନସିକ ସ୍ତରରେ ଏହା ଆରାମ, ଆଗ୍ରହ ଅନୁସରଣ କରିବା, ପରିବାର ଓ ସାଙ୍ଗମାନଙ୍କ ସହିତ ବନ୍ଧନ ଏବଂ ଅବକାଶ କାର୍ଯ୍ୟରେ ନିୟୋଜିତ ହେବା, ସୃଜନଶୀଳତା ଓ ଦୃଢ଼ତା ପାଇଁ ସୁଯୋଗ ପ୍ରଦାନ କରେ। ସାପ୍ତାହିକ ଛୁଟି ଉତ୍ପାଦକତା ଏବଂ ଚାକିରି ସନ୍ତୋଷରେ ଉନ୍ନତି ଆଣିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହି ବ୍ୟବସ୍ଥା ମଧ୍ୟ ନିଯୁକ୍ତିଦାତାମାନଙ୍କୁ କର୍ମଚାରୀଙ୍କୁ ଆକର୍ଷିତ କରିବାରେ ସାହାଯ୍ୟ କରିଥାଏ। ମୋଟ ଉପରେ ସକାରାତ୍ମକ କାର୍ଯ୍ୟ ସଂସ୍କୃତି ସୃଷ୍ଟି କରିବାରେ ଏବଂ କର୍ମଚାରୀଙ୍କ ମନୋବଳକୁ ଉନ୍ନତ କରିବାରେ ଛୁଟି ଦିବସ ଉତ୍ତମ ପରିବେଶଟିଏ ସୃଷ୍ଟି କରିଥାଏ।

ଉଭୟ ସଂସ୍ଥାର ବିଦ୍ୟମାନତା, ଅସ୍ତିତ୍ୱ, ଲାଭ ଓ ପ୍ରତିଷ୍ଠା ପ୍ରାପ୍ତି ସହ ଜଣେ କର୍ମଚାରୀର କାର୍ଯ୍ୟ କରିବାର ସୀମା, ବ୍ୟକ୍ତିଗତ ଆବଶ୍ୟକତା ଓ ଖୁସିକୁ ଆଖି ଆଗରେ ରଖି ସଂସ୍ଥା ପରିଚାଳକଙ୍କ ଚିନ୍ତାଧାରା ଓ ବିଚାରରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସିବା ଜରୁରୀ। ପ୍ରତିଟି ସଂସ୍ଥାର ନିଜ କର୍ମଚାରୀ ଓ ସେମାନଙ୍କର ଭବିଷ୍ୟତ ନିମନ୍ତେ ଅନେକ ଦାୟିତ୍ୱବୋଧ ରହିଛି। ପରିବେଶ ଓ କର୍ମକ୍ଷେତ୍ରରେ ସେମାନଙ୍କୁ ସ୍ୱାଧୀନତା ପ୍ରଦାନ କରିବା ସହ ବିନା ଦ୍ୱିଧା ଓ ସଂକୋଚରେ ସାପ୍ତାହିକ ଛୁଟି ତଥା ସେମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ସମୟରେ ସାଧାରଣ ଛୁଟି ପ୍ରଦାନ କରିବା ଉଚିତ। ଫଳରେ ପ୍ରତିଟି କର୍ମଚାରୀ ବିନା ଚାପରେ, ସଠିକ ଢଙ୍ଗରେ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସକ୍ଷମ ହେବେ ଏବଂ ସେମାନଙ୍କ ମନରେ କାର୍ଯ୍ୟରତ ସଂସ୍ଥା ପ୍ରତି ମାତୃଭାବ ସୃଷ୍ଟି ହେବ। ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନଶୈଳୀରେ ସମନ୍ୱୟ ରକ୍ଷା କରିବା ସହ ସେମାନେ ଖୁସି ଓ ଆନନ୍ଦରେ ଜୀବନ ନିର୍ବାହ କରିପାରିବେ। ଯଦି ଗୋଟିଏ ଅନୁଷ୍ଠାନର ପ୍ରତିଟି କର୍ମଚାରୀ ଖୁସି ଓ ସୁଖୀ ରହିବେ, ତେବେ ସଂସ୍ଥାର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ।

ବନ୍ଧାଲୋ(କଟକ), ମୋ: ୯୩୩୭୮୯୭୬୫୦

## ଦାରୁବ୍ରହ୍ମ ଗୀତାରେ ଶ୍ରୀଜଗନ୍ନାଥ

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଦ୍ୱାପର ଯୁଗ ଶେଷ ହୋଇ ଆସୁଥିଲା। ଅଭିଶପ୍ତ ଯଦୁବଂଶ ଧ୍ୱଂସ ହୋଇଗଲା। କ୍ଲାନ୍ତ ଦ୍ୱାରକାଧୀଶ ଶ୍ରୀକୃଷ୍ଣ ଜଙ୍ଗଲର ଏକ ଶିଆଳିଲତାର ଦୋଳିରେ ବିଶ୍ରାମ ନେଉଥିଲେ। ଏହି ସମୟରେ ଜାରା ନାମକ ଜଣେ ଶବର ମନରେ ଶ୍ରୀକୃଷ୍ଣଙ୍କ ସୁନ୍ଦର ପାଦ ଦୂରରୁ ମୃଗ କାନର ଭ୍ରମ ସୃଷ୍ଟି କଲା। ସେଠାରେ ମୃଗ ଶୋଇଥିବା ଭାବି ଜାରା ଶର ନିକ୍ଷେପ କଲା। କିନ୍ତୁ ପାଖକୁ ଯିବା ପରେ ସେ ବାସ୍ତବତା ଜାଣିପାରି ରୋଦନ କରିବାକୁ ଲାଗିଲା। ଶରାହତ କୃଷ୍ଣ ଜାରାକୁ ଆଶ୍ୱସ୍ତ କଲେ ଏବଂ ହସ୍ତିନାକୁ ଯାଇ ଅର୍ଜୁନଙ୍କୁ ଡାକି ଆଣିବା ପାଇଁ ନିର୍ଦ୍ଦେଶ ଦେଲେ। ପାଣ୍ଡବ ପାଞ୍ଚ ଭାଇ ସେଠାରେ ପହଞ୍ଚିବା ପରେ ଓ ଶର ମୁନରେ ଅର୍ଜୁନଙ୍କ କଳାହରଣ କରିସାରି ଶ୍ରୀକୃଷ୍ଣ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ କଲେ। ତାଙ୍କର ପାର୍ଥିବ ଶରୀର ସେଠାରେ ପଡ଼ିରହିଲା।

ପାଣ୍ଡବମାନେ କୃଷ୍ଣଙ୍କ ଶରୀରର ଦାହ ସଂସ୍କାର ବିଷୟରେ ଆଲୋଚନା କଲେ। ସହଦେବଙ୍କ ପରାମର୍ଶରେ ଭଗବାନ ଶ୍ରୀକୃଷ୍ଣଙ୍କ ଶରୀରର ଦାହ ସଂସ୍କାର ସେଠାରୁ ଚାରିଶହ କ୍ରୋଶ (ଆଠ ଶହ ମାଇଲ) ଦୂରରେ ଅବସ୍ଥିତ ଯାମନିକ ତୀର୍ଥରେ(ପୁରୁଷୋତ୍ତମ କ୍ଷେତ୍ର) କରିବା ପାଇଁ ନିଷ୍ପତ୍ତି ନେଲେ। ଚନ୍ଦନ କାଠର ଏକ କୋକେଇରେ ଦିବ୍ୟପିଣ୍ଡକୁ ରଖି ପୁରୁଷୋତ୍ତମ କ୍ଷେତ୍ରକୁ ନେଇ ଆସିଲେ। ନୀଳଗିରି ଜଙ୍ଗଲରୁ ଚନ୍ଦନ କାଠ ସଂଗ୍ରହ କରି ଜୁଇ ପ୍ରସ୍ତୁତ କଲେ ଓ ପିଣ୍ଡକୁ ଦାହ କରିବା ପାଇଁ ପ୍ରୟାସ କଲେ। ଚନ୍ଦନ କାଠର ଜୁଇ ଛଅ ଦିନ ପର୍ଯ୍ୟନ୍ତ ଜାଳି ରଖିଲେ ମଧ୍ୟ ପିଣ୍ଡ ଦାହ ହେବାର କୌଣସି ଲକ୍ଷଣ ଦେଖାଗଲା ନାହିଁ। ଶୂନ୍ୟବାଣୀ ଶୁଣାଗଲା- 'ପାଣ୍ଡବଗଣ! ଅଯଥା ଚେଷ୍ଟା ନ କରି ଏ ପିଣ୍ଡକୁ ସମୁଦ୍ରରେ ଭସାଇ ଦିଅ।' ଶୂନ୍ୟବାଣୀ ଶୁଣିବାପରେ ସହଦେବ ନିଜର ହସ୍ତରେଖା ଦେଖି ଜାଣି ପାରିଲେ ଯେ ଦ୍ୱାପର ଯୁଗ ଶେଷ ହୋଇ କଳିଯୁଗ ପ୍ରବେଶ କରି ସାରିଥିଲା। ଏହି ପିଣ୍ଡ ଅପାଣିପାଦ ହୋଇ ବୌଦ୍ଧାବତାର ଗ୍ରହଣ କରି ନୀଳଚଳରେ ଆରାଧିତ ହେବେ। ତେଣୁ ସେମାନେ ଅର୍ଦ୍ଧଦଗ୍ଧ ପିଣ୍ଡକୁ ମହୋଦଧିରେ ଭସେଇ ଦେଇ ହସ୍ତିନା ଫେରିଗଲେ।

ଅର୍ଦ୍ଧଦଗ୍ଧ ପିଣ୍ଡ ମହୋଦଧିରେ ଭାସି ଭାସି ଏକ ଗୋପନୀୟ ସ୍ଥାନରେ କୂଳରେ ଲାଗିଲେ। ବସୁ ନାମକ ଜଣେ ଶବର ଶିକାର ପାଇଁ ମହୋଦଧି କୂଳରେ ବୁଲୁଥିବା ବେଳେ ଅକସ୍ମାତ୍ ସେ ଦିବ୍ୟଦାରୁଙ୍କୁ ଦର୍ଶନ କରି ତା' ଶରୀରରେ ଭକ୍ତିର ଶିହରଣ ଜାତ ହେଲା ଏବଂ ପିଣ୍ଡକୁ ପୂଜା କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହେଲା। କିନ୍ତୁ ସେ ଜାତିରେ ଶବର ଥିବାରୁ ପୂଜା କରିବା ପାଇଁ ତା'ର ଯୋଗ୍ୟତା ବିଷୟରେ ସନ୍ଦେହ ଥିଲା। ଏହି ସମୟରେ ଦେବତାମାନେ ସେଠାରେ ଉପସ୍ଥିତ ହୋଇ ସେ ପିଣ୍ଡକୁ କଳ୍ପବଟ ମୂଳରେ ସ୍ଥାପନ କରି ପୂଜା କରିବା ପାଇଁ ପରାମର୍ଶ ଦେଲେ। ତା' ପରେ ବସୁ କଳ୍ପବଟ ମୂଳରେ ପିଣ୍ଡକୁ ସ୍ଥାପନା କରି ଫୁଲଫଳ ସମର୍ପଣ କରି ପୂଜା କଲା। କିନ୍ତୁ ସେ କଥା ସେ କାହାରି ଆଗରେ ପ୍ରକାଶ କଲା ନାହିଁ।

ସେ ସମୟରେ ନୀଳଗିରି ଅଞ୍ଚଳରେ ଜଣେ ବିଷ୍ଣୁଭକ୍ତ ରାଜା ରାଜତ୍ୱ କରୁଥିଲେ। ବିଷ୍ଣୁ ତାଙ୍କ ରାଜ୍ୟର କୌଣସି ଯାଗାରେ ପୂଜା ପାଉଛନ୍ତି ବୋଲି ସେ ଜାଣିବାକୁ ପାଇ ସନ୍ଧାନ କରିବାକୁ ଦୂତ ପଠେଇଲେ। ଦକ୍ଷିଣ ଦିଗକୁ ଯାଇଥିବା ଦୂତ ନୀଳାଚଳର ଶବର ପଲ୍ଲୀରେ ବସୁ ଶବରକୁ ଭେଟିଲା। ସେ ବିଷ୍ଣୁଙ୍କର ପୂଜା ସାରି ଫେରୁଥିବାରୁ ତା' ଦେହରୁ ଦିବ୍ୟ ସୁଗନ୍ଧ ନିର୍ଗତ ହେଉଥିଲା। ଦୂତ ସେଠାରେ କିଛିଦିନ ରହିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବସୁକୁ ଯୋଡ଼ହସ୍ତ ହୋଇ ଅନୁରୋଧ କଲା। ଅନେକ କାକୁତିମିନତି ପରେ ଶବର ଦୂତକୁ ଦିଅଁ ଦର୍ଶନ କରାଇଲା। ସେ ଦିନ ମହାପ୍ରଭୁ ଶବରଠାରୁ ପ୍ରସାଦ ଗ୍ରହଣ ନ କରି ଅନ୍ତର୍ଦ୍ଧାନ ହୋଇ ଗଲେ। ତା' ପରେ ଶୂନ୍ୟବାଣୀ ହେଲା- 'ବସୁ! ମୁଁ ଏଣିକି ଆଉ ଜଙ୍ଗଲର ଫଳମୂଳ ପ୍ରସାଦ ରୂପେ ଗ୍ରହଣ କରିବି ନାହିଁ। ନୀଳାଚଳରେ ଦାରୁବ୍ରହ୍ମରୂପେ ବିରାଜମାନ କରି ଛପନ ପ୍ରକାରର ଷାଠିଏ ପୌଟି ପ୍ରସାଦ ଗ୍ରହଣ କରିବି।' ସେ ପିଣ୍ଡ ପୁଣି ମହୋଦଧିରେ ଭାସିଭାସି ବାଙ୍କି ମୁହାଣରେ ଲାଗିଲେ। ରାଜା ସ୍ୱପ୍ନାଦେଶ ପାଇ ବାଙ୍କି ମୁହାଣରୁ ଦିବ୍ୟଦାରୁଙ୍କୁ ସଂଗ୍ରହ କରି ଏକ ଭବ୍ୟ ମନ୍ଦିରରେ ସ୍ଥାନିତ କଲେ। ଷୋଳଦିନ ପାଇଁ ମନ୍ଦିରର ଦ୍ୱାର ବନ୍ଦ କରି ଦିଆଗଲା। ଷୋଳଦିନ ପରେ କବାଟ ଖୋଲା ପରେ ଦେଖାଗଲା ଯେ ଚତୁର୍ଦ୍ଧାମୂର୍ତ୍ତି ମନ୍ଦିର ସିଂହାସନରେ ବିରାଜମାନ କରିଥିଲେ। ରାଜା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମନ୍ଦିରରେ ପ୍ରତିଷ୍ଠା କରି ସେବାପୂଜା ପାଇଁ ଛତିଶା ନିଯୋଗ ନିଯୁକ୍ତ କଲେ।

(ଆଧାର: ଦାରୁବ୍ରହ୍ମ ଗୀତା- ଜଗନ୍ନାଥ ଦାସ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଂଗ୍ରେସ ପ୍ରାର୍ଥୀ...

ସତ୍ୟପାଠରେ କିଛି ତଥ୍ୟ ଲୁଚାଇଛନ୍ତି । ତେଲେଙ୍ଗାନାର ଏକ ଅଦାଲତରେ ତାଙ୍କ ନାମରେ ଫୌଜଦାରୀ ମାମଲା ବିଚାରାଧୀନ ରହିଛି । ଏହା ସେ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରି ନାହାନ୍ତି । ଏସଂପର୍କରେ ତାଙ୍କର ପକ୍ଷ ରଖିବା ଲାଗି ରିଟର୍ଣ୍ଣିଂ ଅଫିସର ଶ୍ରୀମତୀ ନଟରାଜନଙ୍କୁ ଆଜି ସନ୍ଧ୍ୟା ୬ଟା ସୁଦ୍ଧା ସମୟ ଦେଇଥିଲେ । କିନ୍ତୁ ନଟରାଜନଙ୍କ ସ୍ୱଷ୍ଟୀକରଣରେ ସନ୍ତୁଷ୍ଟ ନଥିଲେ ରିଟର୍ଣ୍ଣିଂ ଅଫିସର । ଶେଷରେ ତାଙ୍କର ପ୍ରାର୍ଥିପତ୍ରକୁ ନାକଚ କରି ଦିଆଯାଇଛି । ଫଳରେ ଗୋଟିଏ ନିଶ୍ଚିତ ଆସନରୁ ବଞ୍ଚିତ ହୋଇଛି କଂଗ୍ରେସ । ଅନ୍ୟପକ୍ଷରେ ମଧ୍ୟପ୍ରଦେଶର କଂଗ୍ରେସ ପ୍ରଭାରୀ ହରିଶ ଚୌଧୁରୀ କହିଛନ୍ତି ଯେ ତେଲେଙ୍ଗାନା ଅଦାଲତରେ ନଟରାଜନଙ୍କ ବିରୋଧରେ କୌଣସି ଫୌଜଦାରୀ ମାମଲା ବିଚାରାଧୀନ ନୁହେଁ । କଂଗ୍ରେସ ପ୍ରାର୍ଥୀଙ୍କୁ ହଇରାଣ କରିବା ଲାଗି ବିଜେପି ଏଭଳି ଅଭିଯୋଗ ଆଣୁଛି । ସେ କହିଲେ ଯେ ନଟରାଜନଙ୍କୁ କୋର୍ଟ ନୋଟିସ ମିଳିଛି ଏବଂ ଏହାକୁ ସତ୍ୟପାଠରେ ଉଲ୍ଲେଖ କରିବା ଜରୁରୀ ନୁହେଁ । ନିର୍ବାଚନ କମିସନଙ୍କ ସ୍ୱଷ୍ଟ ଆଦେଶ ରହିଛି ଯେ ମାମଲା ଦାୟର ହେଲେ ଯାଇ ସତ୍ୟପାଠରେ ଏହାର ଉଲ୍ଲେଖ ରହିବ । ନୋଟିସ ମିଳିଲେ ଏହାକୁ ଉଲ୍ଲେଖ କରିବା ଜରୁରୀ ନୁହେଁ । ତେଣୁ ଏଭଳି କାରଣ ଦର୍ଶାଇ ନଟରାଜନଙ୍କ ପ୍ରାର୍ଥିପତ୍ର ନାକଚ କରାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ ୨୩୦ ସଭ୍ୟ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାରେ ୩ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାର ଥିଲା । ସଂଖ୍ୟା ଦୃଷ୍ଟିରୁ ବିଜେପିକୁ ଦୁଇଟି ଏବଂ କଂଗ୍ରେସକୁ ଗୋଟିଏ ଆସନ ମିଳିବା ନିଶ୍ଚିତ ଥିଲା । ସଂଖ୍ୟା ଦୃଷ୍ଟିରୁ ତୃତୀୟ ଆସନ ଅସମ୍ଭବ ଥିଲେ ମଧ୍ୟ ବିଜେପି ତିନିଟି ଯାକ ଆସନରେ ପ୍ରାର୍ଥୀ ଦେଇଥିଲା । କ୍ରସଭୋଟିଂ ଭୟରେ କଂଗ୍ରେସ ଏହାର ବିଧାୟକମାନଙ୍କୁ କର୍ଣ୍ଣାଟକ ପଠାଇଥିଲା ।

## ଜଗନ୍ନାଥ 'ଧାମ'...

ସେମାନଙ୍କୁ ଜଣାଇ ଦିଆଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର ମଧ ଉପସ୍ଥିତ ଥିଲେ । ମଙ୍ଗଳବାର ପୁରୀ ସାଂସଦ ସମ୍ବିତ ପାତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚିଠିକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ପଶ୍ଚିମବଙ୍ଗ ସଚିବାଳୟରେ ପ୍ରଦାନ କରିଥିଲେ । ଚିଠିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରି କହିଥିଲେ ଯେ 'ଜଗନ୍ନାଥ ଧାମ' ଶବ୍ଦଟି ଭାରତର ପବିତ୍ର ଚାରି ଧାମ ମଧ୍ୟରୁ ଅନ୍ୟତମ, ପୁରୀସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ବାସସ୍ଥଳୀ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହି ନାମକରଣ ସହିତ ଗଭୀର ଆଧ୍ୟାତ୍ମିକ, ଐତିହାସିକ ଏବଂ ସାଂସ୍କୃତିକ ମହତ୍ତ୍ୱ ଜଡ଼ିତ ରହିଛି, ଯାହା ଅଗଣିତ ଭକ୍ତଙ୍କ ବିଶ୍ୱାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପୁରୀ ଶ୍ରୀ ଜଗନ୍ନାଥ ଧାମର ପବିତ୍ରତା ଏବଂ ସ୍ୱତନ୍ତ୍ର ପରିଚୟ ବଜାୟ ରଖିବା ପାଇଁ ଦୀଘାରେ ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦକୁ ହଟାଇବାକୁ ଅନୁରୋଧ କରୁଛି ବୋଲି କହିଥିଲେ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତି ପରେ ସାମାଜିକ ଗଣମାଧ୍ୟମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧୁବାଦ ଜଣାଇଛନ୍ତି । ଏହି ନିଷ୍ପତ୍ତି ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଥିବା ଭ୍ରାତୃଭାବ ଏବଂ ସାଂସ୍କୃତିକ ସୌହାର୍ଦ୍ଦ୍ୟକୁ ଆହୁରି ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ ୨୦୨୫ ଏପ୍ରିଲରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୀଘାଠାରେ ନିର୍ମିତ ମନ୍ଦିରର ନାମ ଜଗନ୍ନାଥ ଧାମ ରଖିଥିଲେ । ଯାହାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

## ଟ୍ରକ୍ ଚାପାରେ...

ଜବତ କରି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଅପରପକ୍ଷେ ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା ।

ଅନ୍ୟପକ୍ଷରେ, ଆଜିର ଏହି ଦୁର୍ଘଟଣା ପାଇଁ ପୌର ପରିଷଦକୁ ଦାୟୀ କରିଛି କଂଗ୍ରେସ । ପୋଖରୀ କାମ ଯୋଗୁଁ ଉଠାଯାଇଥିବା ମାଟି ରାସ୍ତାରେ ପଡ଼ି ରହିଛି । ତାହା ସଫା ହେଉନଥିବାରୁ ସୋମବାର ରାତିରେ ହୋଇଥିବା ବର୍ଷା ଯୋଗୁ ରାସ୍ତା ସାରା କାଦୁଅ ହୋଇଛି । କାଦୁଅରେ ସ୍କୁଟି ଖସିଯିବାରୁ ମାଆ ଝିଅ ଦୁର୍ଘଟଣାର ଶିକାର ହୋଇଥିବା କଂଗ୍ରେସ ଅଭିଯୋଗ କରିଛି ।

## ପାର୍ଲରରେ ଯୁବତୀଙ୍କୁ...

ଏତଲା ଦେବା ପରେ ପୂରା ଘଟଣା ପଦାକୁ ଆସିଥିଲା । ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ମାଜିଷ୍ଟ୍ରେଟଙ୍କ ଦ୍ୱାରା କୋର୍ଟରେ ବୟାନ ରେକର୍ଡ କରିଥିଲା । ସାଇଣ୍ଟିଫିକ୍ ଟିମ୍ ସହଯୋଗରେ ପାର୍ଲରରୁ ବିଭିନ୍ନ ନମୁନା ସଂଗ୍ରହ କରିଥିଲା । ପାର୍ଲର ଭିତରୁ ବହୁ ଅପତ୍ତିଜନକ ସାମଗ୍ରୀ ମଧ୍ୟ ଜବତ ହୋଇଥିଲା । ସେପଟେ, ଗିରଫଦାରୀ ଏଡ଼ାଇବାକୁ ଖସିଯିବା ବେଳେ ରବୀନ୍ଦ୍ର ଓ ସନ୍ତୋଷକୁ କାବୁ କରିଥିଲା ପୁଲିସ । ସେମାନଙ୍କଠାରୁ ଜବତ ହୋଇଥିବା ମୋବାଇଲରୁ ବହୁ ଚାଞ୍ଚଲ୍ୟକର ତଥ୍ୟ ପୁଲିସ ହାତରେ ଲାଗିଛି । ହ୍ୱାଟସ୍‌ଆପ୍‌ରେ ଏକ ନିର୍ଦ୍ଦିଷ୍ଟ ଗ୍ରୁପ୍ ଥିବା ବେଳେ ସେଥିରେ ଅନେକ ଓଡ଼ିଆ ଓ ବଙ୍ଗୀୟ ଯୁବତୀଙ୍କ ଫଟୋ ରହିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି । ରବୀନ୍ଦ୍ର ଓ ସନ୍ତୋଷର ଡାକ୍ତରୀମାଇନା କରିବା ପରେ ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇଛି । ଫେରାର୍ ଥିବା ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛି ।

## ବିପର୍ଯ୍ୟୟ ସୂଚୀଭୁକ୍ତ...

ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏବେ ଏ ବାବଦରେ ରାସ୍ତା ଖୋଲିଛି । ତେଣୁ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକରୀୟ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ବର୍ତ୍ତମାନ ଉତ୍ତର ପ୍ରଦେଶ ଓ କେରଳ ଭଳି ରାଜ୍ୟ ବନ୍ୟପ୍ରାଣୀ ଜନିତ ଆକ୍ରମଣକୁ ରାଜ୍ୟ ଭିତ୍ତିକ ବିପର୍ଯ୍ୟ ତାଲିକାରେ ରଖିଥିବା ବେଳେ ଏବେ ବାବଦକୁ ଦିଆଯାଉଥିବା କ୍ଷତିପୂରଣ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ପ୍ରଦାନ କରୁଛନ୍ତି । ମାତ୍ର ଓଡ଼ିଶାରେ ବନ୍ୟପ୍ରାଣୀ ଆକ୍ରମଣ ଏପର୍ଯ୍ୟନ୍ତ ଏହି ତାଲିକାରେ ସାମିଲ ନ ହେବା ପ୍ରଶାସନିକ ଉଦାସୀନତାକୁ ଦର୍ଶାଉଥିବା ଅଭିଯୋଗ ହୋଇଛି ।

## ଖାସି, ଚାଉଳ...

ଦେଇପାରି ନ ଥିଲେ । ଫଳରେ ସମାଜରୁ ତାଙ୍କୁ ବାସନ୍ଦ କରାଯାଇଥିଲା । "ମୋର ଭୁଲ୍ ଯଦି ଥିଲା, ତାହା ପାଇଁ ଏତେ ବଡ଼ ଦଣ୍ଡ କାହିଁକି? ୧୨ ବର୍ଷ ହେଲା ନ୍ୟାୟ ପାଇଁ ଦୌଡ଼ୁଛି, କେହି ଶୁଣୁ ନାହାନ୍ତି" ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ, ସ୍ଥାନୀୟ ଅଞ୍ଚଳର କିଛି ସାମାଜିକ କର୍ମୀ ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସମାଜର ନିୟମକୁ ସମ୍ମାନ ଦିଆଯାଉଥିଲେ ମଧ୍ୟ ଜଣେ ଅସହାୟ ମହିଳା ଓ ତାଙ୍କ ଶଯ୍ୟାଶାୟୀ ମା'ଙ୍କୁ ଏଭଳି ଦୀର୍ଘବର୍ଷ ବାସନ୍ଦ ଅମାନବୀୟ ବୋଲି କହିଛନ୍ତି । ଘଟଣା ସମ୍ପର୍କରେ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଷୟଟି ତାଙ୍କ ନଜରକୁ ଆସିଛି । ସେ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ।

# ବ୍ରାହ୍ମଣୀରୁ ମିଳିଲା ୨ ନିଖୋଜଙ୍କ ଶବ

ତାଳଚେର, ୯ା୬ (ସମିସ): ଗତକାଲି ଗାଧୋଇବା ବେଳେ ବ୍ରାହ୍ମଣୀରେ ବୁଡ଼ି ନିଖୋଜ ହୋଇଯାଇଥିବା ୨ ଛାତ୍ରଙ୍କ ଶବ ଆଜି ଉଦ୍ଧାର ହୋଇଛି । ମୃତକଦ୍ୱୟ ହେଲେ, ଶକ୍ତି ସାହୁ (୧୫) ଓ ପ୍ରିନ୍ସ ଲୋହାର (୧୮) । ଢେଙ୍କାନାଳ ଜିଲ୍ଲା ସରାଙ୍ଗ ଅନନ୍ତ ଶୟନ ଜଟିଆବ୍ରିଜ୍ ନିକଟରୁ ଆଜି ଦୁହିଁଙ୍କ ଶବ ଉଦ୍ଧାର ହୋଇଛି । ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଇଛି । ସୂଚନାନୁଯାୟୀ, ଗତକାଲି ଦିନ ପ୍ରାୟ ୧ଟାରେ ତାଳଚେର ହାଣ୍ଡିଧୁଆଁ ଷ୍ଟେସନ୍ ଅଞ୍ଚଳର ୮ ଛାତ୍ର ବ୍ରାହ୍ମଣୀ ନଦୀ କଳମ୍ବୁରୀ ତୁଠକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣ ଭାସି ଯାଇଥିଲେ । ଗତକାଲି ଜଣଙ୍କର ଶବ ଜବତ ହୋଇଥିବା ବେଳେ ଅନ୍ୟ ୨ଜଣ ନିଖୋଜ ଥିଲେ ।

### ଡକୁମେଣ୍ଟ ହଜିଛି

ଆମ୍ଭେ ଶ୍ରୀ ଜ୍ୟୋତିରଞ୍ଜନ ବିଶ୍ୱାଳ ପିତା-ଜୟଦେବ ବିଶ୍ୱାଳ ସା-ଅଲରା, ପୋ.ଥା-ନରସିଂହପୁର, ଜିଲ୍ଲା-କଟକ ଏକଜୁଟିଭ ମାଜିଷ୍ଟ୍ରେଟ ନରସିଂହପୁର ଙ୍କ ନିକଟରେ ଉପସ୍ଥିତ ରହି ସତ୍ୟପାଠ ନଂ-୫୨୬୨ ତା. ୮.୬.୨୦୨୬ ରିଖ ରେ ଏହା ଘୋଷଣା କରୁଅଛୁ କି ଗତ ତା. ୧୪.୧୨.୨୦୨୫ ରିଖରେ ଆମ୍ଭେ ମୋଟର ସାଇକେଲ ଯୋଗେ ଅଲରା ରୁ ନରସିଂହପୁର ଯାଉଥିବା ସମୟ ରେ ମୋର ବ୍ୟାଗ ରେ ଥିବା ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି, ରାଉରକେଲା ର ଇଞ୍ଜିନିୟରିଂ ଡିଗ୍ରୀ ସାର୍ଟିଫିକେଟ ରେ. ନଂ- 1921311022, ସିରିଏଲ ନଂ-D11190125379/2021-22 ସମେତ ସମସ୍ତ ଡିଗ୍ରୀ ସାଟିଫିକେଟ ବାଟ ରେ କେଉଁଠାରେ ହଜିଯାଇଛି । ଯଦି, କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା 9337544137 ମୋବାଇଲ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ ।

### AFFIDAVIT

I LAXMI PRUSTY W/O SASHI BHUSAN PRUSTI , RESIDENT AT-KUTHARI TEMPLE STREET,BERHAMPUR PIN-760009, PS-BADA BAZAR, DIST-GANJAM, ODISHA DECLARE BY THIS AFFIDAVIT NO-1185, DT 30.05.2026. THAT NOW ON WARDS I SHALL BE KNOWN AS **LAXMI PRUSTI** FOR ALL FEATURES PURPOSES

### AFFIDAVIT

I SASHIBHUSAN PRUSTY S/O RADHANATH PRUSTI, RESIDENT AT-KUTHARI TEMPLE STREET, BERHAMPUR PIN-760009, PS-BADA BAZAR, DIST-GANJAM, ODISHA DECLARE BY THIS AFFIDAVIT NO-1182, DT 30.05.2026. THAT NOW ON WARDS I SHALL BE KNOWN AS **SASHI BHUSAN PRUSTI** FOR ALL FEATURE PURPOSES

### NAME CHANGE

By virtue of an affidavit sworn before the Executive Magistrate, Daspalla, AF.NO. 1352, dated 08/06/2026, I, **BIRENDRA MALIK**, S/o Parameswara Malik resident of village At: Gurha, PO: Kulurukumpa, PS: Banigochha, Dist: Nayagarh, State- Odisha, Pin: 752089 declare that I have changed my minor son's name from **BIBEKANANDA MALIK** (Old Name) to **VIBEKANANDA MALIK** (New Name). Henceforth, he shall be known as **VIBEKANANDA MALIK** for all future purposes.

(Sd- **BIRENDRA MALIK**)

### THE SAMBALPUR DISTRICT CO-OPERATIVE CENTRAL BANK LIMITED
**Quotation Call Notice**

Letter No.: 1125 Date: 08.06.2026

The Sambalpur District Co-operative Central Bank (SDCCB) invites Quotation Call Notice for AMC of Computer Peripherals for Various Branches & H.O. under the Sambalpur District Co-Operative Central Bank Ltd. (SDCCB), Bargarh, Odisha. For details please visit Bank's website: www.sambalpurdccb.bank.in. The last date for receipt of proposal is **17.06.2026, 2:00 P.M.** SDCCB reserves the right to accept/reject any/all quotation without assigning any reason thereof.

Sd/- Chief Executive Officer

THE SAMBALPUR DISTRICT CO-OPERATIVE CENTRAL BANKHead Office: Bargarh – 768028, Email: headoffice@sambalpurdccb.com

### AFFIDAVIT

By virtue of an affidavit sworn before Executive Magistrate, Jharsuguda, dated- 02/06/2026. I, **Awasthy Krishna Bikashkumar**, Address: Near Prabhat Press, Jhanda Chowk, Jharsuguda - 768201, Odisha declare that I have changed my name from **Krishna Awasthy** to **Awasthy Krishna Bikashkumar.** Henceforth, I shall be known as **Awasthy Krishna Bikashkumar** for all purpose.

Awasthy Krishna Bikashkumar

### ZILLA SWASTHYA SAMITI, DHENKANAL
### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

10001/250/2627

**Advertisement(In-House)**

Interested In-house candidates presently working in other districts under NHM desiring to be posted in Dhenkanal district under NHM of OSH & FWS may log on to www. dhenkanal. odisha.gov.in for details (Advertisement, terms, conditions & application form etc.).

**The fresh candidates or the candidates who are not working under National Health Mission of OSH & FW Society need not to apply for the above mentioned posts.**

Sd/-

OIPR-10001/10059/1/26-27/0006 Chief District Medical & PH Officer, Dhenkanal


### CIVIL, GIS & CAD ENGINEERS
**Cross-Country Petroleum Pipeline Project**

**SECON,** a 45-year-old Bangalore-based GIS-driven Engineering Consultancy Firm, requires Trained / Fresh Engineers, Retired Revenue Surveyors and Officers for its ongoing Cross-Country Petroleum Pipeline Project.

**WORK INVOLVES:**
- Pipeline Route Survey
- Land Acquisition
- Forest Clearance
- Obtaining Permissions
- Way Leave Licences for Road, Rail, River & Canal Crossings
- Related Pipeline Right of Use (RoU) Activities

**PROJECT LOCATION:**
Vizag – Vijayanagaram (A.P.) – Raigad – Kantabanji (Odisha) – Mahasamund – Raipur (Chhattisgarh) covering approx. 540 km.

Candidates willing to undertake field work and camp life only need apply.

**CIVIL ENGINEERS / DIPLOMA CIVIL**
(With / Without Experience, Below 26 Years)
- Site Data Acquisition
- Alignment & Crossing Drawings
- Land Acquisition Follow-up
- Documentation
- CAD Compilation of Pipeline RoU
- GIS Compatible Database Generation

**GIS ENGINEERS / DATA ENTRY OPERATORS**
Post Graduates / Degree Holders in Geospatial / Computer Science.

**REVENUE SURVEYORS (RETD.) / ACCOUNTANTS**
Talati, Revenue Surveyors, Dy. Tahsildars with experience in Land Acquisition and assistance to Competent Authority for Pipeline Projects. Local candidates preferred.

**EXCELLENT TERMS OFFERED**

SECON
Apply with full particulars to:
**SECON**
7B Road, EPIP, Whitefield, Bangalore – 560066
www.secon.in
jobs@secon.in
Mob.: 9380578292


### ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
### OFFICE OF THE MUNICIPAL COUNCIL: JEYPORE

Phone No.: 06854-231098, e-Mail: ulbjeypore@gmail.com

**Quotation call notice** 13001/835/2627

Sealed Quotations are inviting for Supply of user fees Books, Jeypore quotation will be received on or before 18.06.2026 1.00 PM and it will be opened on same day at 4.00 PM in presence of the agency or his authorized representative if any. If the date of opening falls on holidays. Then the next working date will be treated as date of opening at the same time. The authority reverses the rights to reject any or all tender without assigning any reason thereof. The quotational should submit the PAN card & GST Registration certificate along with the quotation.

| SI No | Description | Unit | Quantity | Rate in Rs. |
|---|---|---|---|---|
| | Supply of user fees book | | | |

OIPR-13001/13079/1/26-27/0017

Executive Officer
Jeypore Municipality

### TPNODL
TP NORTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

## TP Northern Odisha Distribution Limited

Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT) June 10th, 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl.No. | Tender Enquiry No. | Work Description |
|---|---|---|
| 1 | TPNODL/OT/2026-27/2500001205 | 1 Year Rate Contract for Supply of Resin Cast Ring Type LT CT |
| 2 | TPNODL/OT/2026-27/2500001208 | One Year Rate Contract for supply of SMC Meter Box |
| 3 | TPNODL/OT/2026-27/2500001211 | 1 Year RC for Hiring of Diesel/Petrol Vehicles on Monthly Basis |
| 4 | TPNODL/OT/2026-27/2500001213 | RC for Hiring of EV Vehicles on Monthly Basis |
| 5 | TPNODL/OT/2026-27/2500001214 | RC for Hiring of On Call Vehicles in PAN TPNODL Locations |

* MSMEs registered in the State of Odisha shall pay tender fee of **Rs. 1,000/- including GST.**
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com.** All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**

### OFFICE OF THE NOTIFIED AREA COUNCIL, KUCHINDA
At/Po-Kuchinda, Dist-Sambalpur, Odisha, Pin-768222

ପତ୍ର ସଂଖ୍ୟା 1175 / ଏନଏସି. ତାରିଖ. 09.06.2026

**ଅଭିବ୍ୟକ୍ତି ପ୍ରକାଶନ**

ଏତଦ୍ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡାର ସମସ୍ତ ୧୧ ଗୋଟି ୱାର୍ଡର ସ୍ୱୟଂସହାୟକ ଗୋଷ୍ଠୀଙ୍କ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ AMRUT Mitra Initiative Scheme ଅଧୀନରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ଅଞ୍ଚଳର ଥିବା ନିମ୍ନଲିଖିତ ବନ୍ଧ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (*Operation & Maintenance*) ନିମନ୍ତେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଠାରୁ ମୁଦା ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ବନ୍ଧ ଗୁଡ଼ିକର ବିବରଣୀ
୧. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର - ୩ ର ରୁଗିଡି ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୨. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର - ୩ ର ତଲିକଟା ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୩. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର -୫ ର କୋଲ୍ହୁପଡା ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୪. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର -୯ ର କୁଣ୍ଡାପୋଖରୀ ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ
୫. କୁଚିଣ୍ଡା ଏନଏସି ଅଧୀନରେ ୱାର୍ଡ ନମ୍ବର - ୧୦ ର ସଇଡା ନୂଆ ବନ୍ଧର ପରିଚାଳନା ଏବଂ ରକ୍ଷଣାବେକ୍ଷଣ

ଏହି ଦରଖାସ୍ତ ମୁଦା ଲଫାପାରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା କାର୍ଯାଳୟ ରେ ତା: ୧୯/୦୬/୨୦୨୬, ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ଦାଖଲ କରିପାରିବେ । ଅଧିକ ବିବରଣୀ ପାଇଁ ଆପଣ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା କାର୍ଯାଳୟରେ ଯୋଗାଯୋଗ କରିପାରିବେ ।

ସ୍ୱା/-
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା

### GOVERNMENT OF ODISHA
### OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA
(E-mail ID: eemirayagada@gmail.com)

**NOTICE INVITING TENDER**
**e-Procurement Notice**

e-Procurement Notice No. SEMIDRGD-05/2026-27
Letter No. 2813 Dated. 06/06/26 **32001/366/2627**

The Superintending Engineer, Minor Irrigation Division, Rayagada on behalf of Governor of Odisha invites Percentage rate bids in both Single & Double cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work: Construction of 28 (Twenty-Eight) Nos. of New Check Dams under MATY 3.0 in different Blocks of Rayagada District & Improvement to 02 (Two) Nos. of MIP in Kashipur Blocks of Rayagada District under DMF for the year 2026-27.
2. Total Number of works: 30 (Thirty) Nos.
3. Estimated cost: Approximately varies from **Rs.12.86Lakh to Rs. 93.40Lakh.**
4. Period of completion: As mentioned against each work in Annexure to Bid Notice
5. Class of Contractor: As mentioned against each work in Annexure to Bid Notice
6. Date and time of availability of bid documents in the portal: From 10:00 A.M of 11.06.2026 to 5:00 PM of 25.06.2026
7. Last date/time for receipt of bids in the portal: 5:00 PM of 25.06.2026
8. Date of opening of bid: At 11:00 AM on 29.06.2026 in website (www.tendersodisha.gov.in)
9. Submission of Bids: Online mode
10. Name of the Officer inviting Bid: Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha **Website: www.tendersodisha.gov.in**

OIPR-32001/32056/1/26-27/0003

Superintending Engineer
M.I. Division, Rayagada

### GOVT. OF ODISHA DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER
### PURI IRRIGATION DIVISION, PURI

32001/359/2627

E Mail I.D. eapuri eicwr.od@nic.in.& cepuriirrigation@yahoo.com
No. 1648 (WE)/ Dated, Puri, the 6.6.2026

**"e" PROCUREMENT NOTICE No. PID-02 OF 2026-27**
**Bid Identification No. PID-97 2026-27 to PID-134 of 2026-27**

| | | | |
|---|---|---|---|
| 1 | Name of the work | : | River/Saline/Canal/Road |
| 2 | Total No of package | : | 38Nos. |
| 3 | Tender Cost | : | Rs23.80 Lakhs to 41.86Lakhs |
| 4 | EMD | : | As per Column No.6 (Online Payment Mode) |
| 5 | Class of contractor | : | "D" Class to "B" Class |
| 6 | Cost of tender paper | : | Rs.6000/- (Online Payment Mode) respectively shown as per Column No. 5 |
| 7 | Period of completion | : | Six Calander months |
| 8 | Technical Bid Opening | : | Dt. 23.6.2026 at 11.00 AM |
| 9 | Transparent lottery among L1 Bidders (if more than one Bidders in same rate) | : | Will be intimated latter. |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Place of opening of Tender O/o the Superintending Engineer, Puri Irrigation Division, Puri | | Period of Completion |
|---|---|---|---|---|---|---|---|
| | | From | To | | Opening of tender | Date and time of lottery if required | |
| Superintending Engineer, Puri Irrigation Division, Puri | PID-97 of 2026-27 to PID-134 of 2026-27 | 11.6.2026 at 10.30 Hours | 22.06.2026 at 17.30 Hours | 22.06.2026 upto 5.30 PM during office hours | 23.06.2026 at 11.00 Hours | Will be intimated while uploading the Financial Bid Opening Summary | Six Calander months |

Further detail conditions can be seen from the Govt. website http://www.tendersorissa.gov.in All Corrigendum/cancellation of tender anything regarding tender will be shown in Govt. website http://www.tendersorissa.gov.in only.

OIPR-32001/32011/1/26-27/0002

Superintending Engineer
Puri Irrigation Division, Puri

### ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ — Union Bank of India
A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୫.୦୬.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| **ଗୁଡିଆଳି ଶାଖା, ସା/ପୋ: ଗୁଡିଆଳି, ଜିଲ୍ଲା: ଗଞ୍ଜାମ-୭୬୧୧୦୪, ମୋ.: ୮୨୯୫୬୬୯୦୦୨** | | | |
| ୧. | ଅଭିମନ୍ୟୁ ଭୂୟାଁ, ପିତା: ସୁମ ଭୂୟାଁ, ସା/ପୋ: ଗୁଡିଆଳି, ଭାୟା: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୦୪ / ୦୧୭୬୧୬୫୪୦୦୦୧୦୧୧ | ୧୧.୦୦ | ୧୨.୦୦ |
| ୨. | ପୂର୍ଣ୍ଣ ଚନ୍ଦ୍ର ସାହୁ, ପିତା: ରଘୁନାଥ ସାହୁ, ସା: ଗୁଡିଆପଲ୍ଲୀ, ପୋ: ବୁଢ଼ାମ୍ବ, ପୋଲସରା, ଥାନା: କବିସୂର୍ଯ୍ୟନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୦୪ / ୦୧୭୬୧୬୬୩୦୦୦୨୦୩୫ | ୧୯.୦୦ | ୨୫.୦୦ |
| **କଙ୍କୋରଡା ଶାଖା, ମେଡିକାଲ ସ୍କୋୟାର ନିକଟ, ମେନ୍ ରୋଡ୍, କଙ୍କୋରଡା, ଜିଲ୍ଲା: ଗଞ୍ଜାମ-୭୬୧୧୪୪, ମୋ.: ୯୯୩୮୪୯୯୬୪୬** | | | |
| ୧. | ସନ୍ୟାସୀ ନାୟକ, ସା: କରଖଣ୍ଡ, ହିଞ୍ଜିଳି, କଙ୍କୋରଡା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୪୪ / ୩୩୦୭୨୬୫୪୦୦୦୩୧୭୦ | ୧୩.୫୦ | ୧୫.୦୦ |
| **ପୋଲସରା ଶାଖା, ତହସିଲ ଅଫିସ୍ ନିକଟ, ମେନ୍ ରୋଡ୍, ପୋଲସରା, ଜିଲ୍ଲା: ଗଞ୍ଜାମ-୭୬୧୧୦୫, ମୋ.: ୭୯୭୮୭୧୦୪୫୨** | | | |
| ୧. | ବିଦେଶୀ ସାହୁ, ପିତା: ଉପେନ୍ଦ୍ର ସାହୁ, ସା/ପୋ: ସୁବଳୟା ବଡ ସାହି, ପୋଲସରା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୦୫ / ୦୪୫୩୩୦୧୦୦୧୬୩୯୪୪ | ୨୫.୦୦ | ୪୨.୩୦ |
| ୨. | ସାଗରିକା ମହାରଣା, ସ୍ୱାମୀ: ସୁଦର୍ଶନ ମହାରଣା, ସା: ବୁଢ଼ାମ୍ବ, ପୋଲସରା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୦୫ / ୦୪୫୩୧୬୫୪୦୦୧୦୪୩୮ | ୨୧.୦୦ | ୨୯.୦୦ |
| **ପୁରୁଷୋତ୍ତମପୁର ମୁଖ୍ୟ ଶାଖା, ତହସିଲ ଅଫିସ୍ ସମ୍ମୁଖ, ଗଞ୍ଜାମ-୭୬୧୦୧୮, ମୋ.: ୭୭୧୦୦୩୧୧୩୬** | | | |
| ୧. | ଅଶୋକ କୁମାର ସାହୁ, ପିତା: ୰ ହରିହର ସାହୁ, ସା: ବଳରାମପୁର, ପୋ: ରାମେଶ୍ୱର ନାରାୟଣପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୪୧ / ୧୩୪୪୩୦୧୦୦୦୫୬୭୯୬ | ୭୬.୩୯ | ୯୪.୮୪ |
| ୨. | ପ୍ରମୋଦିନୀ ପଟ୍ଟନାଏକ, ସ୍ୱାମୀ: ଗୁପ୍ତେଶ୍ୱର ପଟ୍ଟନାଏକ, ସା: ରାମ ନଗର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୧୦ / ୧୩୪୪୩୦୧୦୦୦୪୮୮୧୨ | ୧୨୭.୩୬ | ୧୬୨.୯୩ |
| ୩. | ପ୍ରମୋଦିନୀ ପଟ୍ଟନାଏକ, ସ୍ୱାମୀ: ଗୁପ୍ତେଶ୍ୱର ପଟ୍ଟନାଏକ, ସା: ରାମ ନଗର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୧୦ / ୧୩୪୪୩୦୧୦୦୦୪୮୮୨୧ | ୧୪୪.୮୦ | ୧୬୭.୪୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**
୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୯.୦୬.୨୦୨୬ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 905, dated 06-06-2026, I, ARCHIT BHATRA, S/o - Motiram Bhatra, Permanent Resident of Village - Bamuni, PO - Mokia, PS - Papadahandi, Dist- Nabarangpur, Odisha, Pin - 764071, declare that I have changed the name of my Daughter from DAMANI BHATRA to JAMBUBATI BHATRA. Henceforth, she shall be known as **JAMBUBATI BHATRA** for all purposes.

Sd/- Archit Bhatra

### AFFIDAVIT

By virtue of an affidavit sworn before The Executive Magistrate, Tigiria vide No- 01 Dt. 09.06.2026, I, Atiyatul Kayam, D/o. S.K. Rasidulla, of Vill- Karadapalli, Po/Ps- Tigiria, Dist- Cuttack declare that I have changed my name from Atayatul Kayam to Atiyatul Kayam. Henceforth, I shall be known as **"Atiyatul Kayam"** for all purposes.

Sd/- Atiyatul Kayam

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 904, dated 06-06-2026, I, NANDA BHATRA, S/o - Dasharath Bhatra, Permanent Resident of Village - Mantriguda, PO - Dongarbheja, PS - Nabarangpur, Dist - Nabarangpur, Odisha, Pin - 764078, declare that I have changed the name of my Daughter from DASHAMAINI BHATRA to JASMIN BHATRA. Henceforth, she shall be known as **JASMIN BHATRA** for all purposes.

Sd/- Nanda Bhatra

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 909, dated 08.06.2026, I, JAYANTI BHATRA, Daughter of - Somanath Bhatra & Wife of - Padmanava Pujari, Permanent Resident of Village- Majhiguda, PO - Junapani, PS - Dabugam, Dist- Nabarangpur, Odisha, Pin - 764072, declare that I have changed my name from JAYANTI BHATARA to JAYANTI BHATRA. Henceforth, I shall be known as **JAYANTI BHATRA** for all purposes.

Sd/- Jayanti Bhatra

### AFFIDAVIT

By virtue of an affidavit SI No4002 dtd 20.12.2025 in the court of the Executive Magistrate Khurdha, At/Po- Dhanasimulia, Via- Nampo, Jaleswar, Balàsore, PIN-756084,I Narotam Jena declare that, I have changed my daughter name from Bandita Jena to Jyotirmayee Jena, Henceforth she shall be known as **Jyotirmayee Jena** for all purposes.

Sd/- Narotama Jena

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 886, dated 03.06.2026 I, MAMATA NAYAK, Daughter of - Late. Pasa Nayak, Permanent Resident of Village - Gulipatna, PO - Umerkote, PS - Umerkote, Dist- Nabarangpur, Odisha, Pin - 764073, declare that I have changed my name from SONALI NAYAK to MAMATA NAYAK. Henceforth, I shall be known as **MAMATA NAYAK** for all purposes.

Sd/- Mamata Nayak

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 908, dated 08.06.2026, I, SEKH MUMATAJ, Wife of- Abadul Ajait, Resident of - Main Road, Gadabaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from MAMATAZ BEGAM to SEKH MUMATAJ. Henceforth, I shall be known as **SEKH MUMATAJ** for all purposes.

Sd/- Sekh Mumataj

## ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ




ତରଭା, ୯ ।୬(ସମିସ): ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଳିକଙ୍କ ଅଧ୍ୟକ୍ଷତାରେ ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ନିର୍ବାହୀ ଅଧିକାରୀ ଶ୍ରୀ ମଳିକ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସମ୍ପତ୍ତି କର ମୂଲ୍ୟାଙ୍କନ, ସଂଶୋଧନ, ଗୃହ ନିର୍ମାଣ ଯୋଜନା ଅନୁମୋଦନ, ପରିମଳ ସେବା ଓ ସ୍ୱଚ୍ଛତା, ବ୍ୟବସାୟ ଅନୁମତି ଆବେଦନ ଓ ନବୀକରଣ ପ ଆଦି ବିଭିନ୍ନ ଜନାଭିମୁଖୀ ଯୋଜନାଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ । ଏଥିରେ ପରିଷଦର ସମସ୍ତ ପରିମଳ କର୍ମଚାରୀ, ମାଳ ଉପଚାର କେନ୍ଦ୍ର କର୍ମଚାରୀ, ସଚେତନ ନାଗରିକଙ୍କ ସମେତ ପରିଷଦର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ ପରିମଳ ବିଶେଷଜ୍ଞ ହରିହର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୟ ମା' ମାଉଲି ରାତ୍ରକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କଣ୍ଟାମାଳ, ୯ ।୬(ସମିସ୍ତ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବସ୍‌ଷ୍ଟାଣ୍ଡଠାରେ ଜୟ ମାଁ ମାଉଳି କ୍ରିକେଟ କ୍ଲବ ୫ମ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । କ୍ଲବ୍ ସଭାପତି ପ୍ରେମରଞ୍ଜନ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବୌଦ୍ଧଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡମ୍ବୁରଧର କହଁର ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ସମାଜସେବୀ ଅନୀଲ ପ୍ରଧାନ, ବରିଷ୍ଠ ଖେଳାଳି ସଦାନନ୍ଦ ମହାନନ୍ଦ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟ ତିନିଦିନ ଧରି ୩୨ଟି ଟିମ ଖେଳ ପ୍ରର୍ଦଶନ କରିବେ । କ୍ଲବ୍ ସମ୍ପାଦକ ପ୍ରତାପ ପୁଟେଲ, ସଦସ୍ୟ ରିଙ୍କୁ ଖଟୁଆ, ଲିଙ୍କନ୍ ସାହୁ, ଦେବାଶିଷ ସାହୁ, କୁନାଲ୍ ବୁଡ଼ାଏକ, ମନୋଜ ସାହୁ, ଶଙ୍କର ମାଝୀ ଖେଳ ପ୍ରଦର୍ଶନ କରିବାପାଇଁ ସହଯୋଗ କରିଛନ୍ତି ।

## ମୁଣ୍ଡାପଡ଼ାରେ ରବି ଧାନ କ୍ରୟ ମଣ୍ଡି ଉଦ୍‌ଘାଟିତ

ଜହ୍ନାପଙ୍କ, ୯ ।୬(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ସେବା ସମବାୟ ସମିତି ପକ୍ଷରୁ ରବି ଧାନ କ୍ରୟ ପାଇଁ ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ସମିତିର ସମ୍ପାଦକ ନେତ୍ରାନନ୍ଦ ପୁରୋହିତ ମଣ୍ଡି ଉଦ୍‌ଘାଟନ କରିଥିଲେ । ଏଥିରେ ନିର୍ଦ୍ଦେଶକ ଶେଷଦେବ ମହାକୁଡ଼, ବିଇଓ ଅଶ୍ୱିନୀ ମହାକୁଡ଼, ସମିତି କର୍ମଚାରୀ ଦେବେନ୍ଦ୍ର ବଗର୍ତ୍ତୀ, ବଶିଷ୍ଠ ଜେନାଙ୍କ ସହ ଚାଷୀମାନେ ଉପସ୍ଥିତ ଥିଲେ । ଚାଷୀ ଶେଷଦେବ ମହାକୁଡ଼, ଲବଣି ମହାକୁଡ଼, ଗଣ୍ଡାଧର ମହାକୁଡ଼, ଅଶୋକ ଭୋଇ, ଗଙ୍ଗାଧର ପ୍ରଧାନ, ଗୁଲେଖ କୁମ୍ଭାରଚାଷୀଙ୍କ ଠାରୁ ୪୩୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା ।

### ବାଲ୍ୟବିବାହ ରୋକିବା ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

# ପରାମର୍ଶ ଓ ସମନ୍ୱୟ ମାଧ୍ୟମରେ ସମସ୍ୟାର ସମାଧାନ ସମ୍ଭବ

ତରଭା, ୯ ।୬(ସମିସ)




ସୁବର୍ଣ୍ଣପୁର ଜିଲ୍ଲାସ୍ତରରେ ବିଭିନ୍ନ ବିଭାଗର ସମନ୍ୱୟରେ କିପରି ଭାବରେ ବାଲ୍ୟବିବାହ ରୋକାଯାଇ ପାରିବ, ସେ ବିଷୟରେ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀକକ୍ଷରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି । କିଶୋରୀ ଗର୍ଭଧାରଣ ଭଳି ଗୁରୁତର ସମସ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୟୁନିସେଫ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନଙ୍କ ସହ ୟୁନିସେଫର ସମ୍ବଳ ବ୍ୟକ୍ତି ଘାସିରାମ ପଣ୍ଡା ଶିକ୍ଷା ପ୍ରଦାନ କରିଥିଲେ । ଜିଲ୍ଲାପାଳ ଡ.ସାହୁ ବାଲ୍ୟ ବିବାହ ସମ୍ବନ୍ଧୀୟ ଘଟଣାରେ ଆଇନ ପ୍ରୟୋଗ ସହିତ ମାନବିକ ଦୃଷ୍ଟିକୋଣକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ । ଯଦିଓ ଯୁବକ-ଯୁବତୀଙ୍କ ବୟସ ବିବାହ ପାଇଁ ଅନୁମତିପ୍ରାପ୍ତ ବୟସରେ ପହଞ୍ଚି ନଥାଏ, ସେମାନଙ୍କ ଭାବନା, ପରିବାରର ପରିସ୍ଥିତି ଏବଂ ସେମାନଙ୍କ ଭବିଷ୍ୟତକୁ ବିଚାର କରି ନିଷ୍ପତ୍ତି ନେବା ଉଚିତ । କେବଳ ଆଇନଗତ ପଦକ୍ଷେପ ନୁହେଁ, ବରଂ ସଚେତନତା, ପରାମର୍ଶ ଓ ସମନ୍ୱୟ ମାଧ୍ୟମରେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ବୋଲି ସେ ମତପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ଚାରିବର୍ଷ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ୧୦୧ଟି ବାଲ୍ୟବିବାହକୁ ରୋକାଯାଇଛି ଏବଂ ୧,୪୫୫ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି । ଜିଲ୍ଲାରେ ଶିଶୁମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଥିବା ବେଳେ, ପ୍ରତ୍ୟେକ ଜିଲ୍ଲା ପରି ସୁବର୍ଣ୍ଣପୁରରେ ମଧ୍ୟ ମହିଳା ସଶକ୍ତିକରଣ କେନ୍ଦ୍ରଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଉଛି । ବୈଠକରେ କିଶୋରୀ ଗର୍ଭଧାରଣ ହାର ହ୍ରାସ କରିବା ଏବଂ ଜିଲ୍ଲାର କିଶୋରୀ ମାନଙ୍କ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ବ୍ୟାପକ କୌଶଳ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଣାପାଣି ମିଶ ପରିଚାଳନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଶିକ୍ଷା ବିଭାଗ, ଶ୍ରମ ବିଭାଗ, ନିଯୁକ୍ତି ବିନିମୟ, ସଂସ୍କୃତି ବିଭାଗ, ଦକ୍ଷତା ବିକାଶ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।

## ମହାପ୍ରଭୁଙ୍କ ଘୋଷ ଯାତ୍ରାପାଇଁ ଗଜପତି ହେବେ ରେଞ୍ଜ ଅଧିକାରୀ




ହରଭଙ୍ଗା, ୯ ।୬(ସମିସ): ଚଳିତବର୍ଷ ଘୋଷଯାତ୍ରା ପାଇଁ ଶ୍ରୀପୁରୁଷୋତ୍ତମ ଧାମ ରଥ ମହୋତ୍ସବ କମିଟି ସଭାପତି ତହସିଲଦାର ତଥା ଦେବୋତ୍ତର ଅଧିକାରୀ କର୍ଣ୍ଣ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ, ପୁରୁଣା କଟକ ରେଞ୍ଜ ଅଧିକାରୀ ଜୟନ୍ତ କୁମାର ଦାଶ, ପୁରୁଣା କଟକ ଥାନା ଏଏସ୍ଆଇ ଅରୁନ୍ଧତୀ ସାହାଣି, ବୌଦ୍ଧ ବିଧାୟକ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ମଧୁସୂଦନ ଦୋରା ଦେବୋତ୍ତର ସହାୟକ ଦେବାଶିଷ ଗାଇଗୋରିଆ ତଥା ବିଦ୍ୟୁତ୍ ବିଭାଗ, ଅଗ୍ନିସମ ବିଭାଗ, କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରତିନିଧି ଯୋଗ ଦେଇଥିଲେ । ପ୍ର

ଥମେ ସମ୍ପାଦକ ବାମଦେବ ଦାଶ ଗତ ବୈଠକର ବିବରଣୀ ପାଠ କରିଥିଲେ । ବୈଠକରେ କୃଷ୍ଣଚନ୍ଦ୍ର ମଲ୍ଲିକ, ବିପୁଳ ବିଶ୍ୱାସ, ବିଭୁଦତ୍ତ ବୋଷ, ଜନକ ପାତ୍ର, ସୁବାସ ଚନ୍ଦ୍ର ପ୍ରଧାନ, ଅର୍ଜୁନ କହଁର, ସିକନ ନାୟକ, ସୁରେଶ ବେହେରା, ବେଦବର ପ୍ରଧାନ, ସମୀର ନାୟକ, ସନ୍ତୋଷ ପାତ୍ର, ଦେବାଶିଷ ଦାସ, ପୁର୍ଣ୍ଣିମା ରାଏ, ନନ୍ଦସେଠୀ, ଅନାଦି ଚରଣ ସାହୁ, ଜନାର୍ଦ୍ଦନ ସାହୁ, ମାଧବ କହଁର ଓ ଶାଶ୍ୱତ ଦାସ, ସମ୍ପାଦକ ସୁଶାନ୍ତ କୁମାର ବେହେରା, ସହ ଉପ ସଭାପତି ସଦାନନ୍ଦ ନାଏକ, ସହ ସମ୍ପାଦକ କୁମୁଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଚଳିତ ବର୍ଷ ଗଜପତି ଭାବେ ଜୟନ୍ତ କୁମାର ଦାସ ପୁରୁଣା କଟକ ରେଞ୍ଜ ଅଧିକାରୀ ଦାୟିତ୍ୱ କରିବାପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି କରାଗଲା । ଦେବୋତ୍ତର ଅଧିକାରୀଙ୍କ ପ୍ରସ୍ତାବ କ୍ରମେ ମନ୍ଦିର ନିର୍ମାଣ ଓ ରଥଯାତ୍ରା ପାଇଁ ବିଶେଷ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ପର୍ଯ୍ୟାୟ କ୍ରମେ ଗଜପତି ଦାୟିତ୍ୱ ନିର୍ବାହ କରିବାକୁ ସୁଯୋଗ ଦେବାକୁ ଆଗତ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା ।

**● ୧୫ ଦିନ ହେଲା ବିଦ୍ୟୁତ ସେବା ବନ୍ଦ**

## ୧୦ ଗ୍ରାମବାସୀଙ୍କ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

ଶଗଡ଼ା, ୯ ।୬(ସମିସ): ବୌଦ୍ଧ ବ୍ଲକ୍ ଅଧୀନ ଶଗଡ଼ା ପଞ୍ଚାୟତର ପ୍ରାୟ ୧୦ ଖଣ୍ଡ ଗାଁରେ ଗତ ୨୫ ତାରିଖରୁ ବିଦ୍ୟୁତ୍ ସେବା ମିଳୁ ନଥିବା ଅଭିଯୋଗ ହୋଇଛି । ବିଦ୍ୟୁତ ସମସ୍ୟା ନେଇ ଅଞ୍ଚଳବାସୀ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଦ୍ୟୁତ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଏତେ ଖରାରେ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶଗଡ଼ା ପଞ୍ଚାୟତ ଅଧୀନ ଖଣ୍ଡି କନପା, ନଳୀକୁପା, ଆଡ଼ସିଂ, ବାରକୁଥୁଲି, ଚାଞ୍ଚେର, ପୁଏର ଭୂଇଁ, ଛଲଣ୍ଡା, ଶସକା ପଦର, କକଟ ପଙ୍ଗା ଆଦି ଗ୍ରାମରେ ଦୀର୍ଘ ୧୫ଦିନ ହେଲା ବିଦ୍ୟୁତ ସରବରାହ ବନ୍ଦ ରହିଛି । ଯାହାଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଆଜି ୧୦ ଖଣ୍ଡ ଗ୍ରାମର ଲୋକେ ବାଉଁଶୁଣୀ ବିଦ୍ୟୁତ୍ ଅଫିସ୍ ଘେରିବା ସହ କନିଷ୍ଠ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଆଗାମୀ ୩ ଦିନ ମଧ୍ୟରେ ବିଦ୍ୟୁତ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ମାଳତୀ ମଲ୍ଲିକଙ୍କ ପରଲୋକ



ତରଭା, ୯ ।୬ (ସମିସ): ତରଭା ବ୍ଲକ୍ ଅଧୀନ ସରଗଜ ପଞ୍ଚାୟତ ବେଲମୁଣ୍ଡା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ରାମଚନ୍ଦ୍ର ମଲ୍ଲିକଙ୍କ ଧର୍ମପତ୍ନୀ ମାଳତୀ ମଲ୍ଲିକ (୬୪)ଙ୍କ ପରଲୋକ ହୋଇଛି । ସୋମବାର ପୂର୍ବାହ୍ନରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାରଲୋକେ ତରଭା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ପରୀକ୍ଷା ପରେ ମୃତ ଘୋଷଣା କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅ ଲକ୍ଷେ ଘର ଗଣ୍ଡାସମାଜର ସଭାପତି ସୁଶୀଳ ମଲ୍ଲିକ, ଭାଇ ସୁଶାନ୍ତ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ । ପୁଅ ସୁଶୀଲ ଓ ସୁଶାନ୍ତ ମୁଖାଗ୍ନି ଦେଇଥିଲେ ତାଙ୍କ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ରକ୍ତଦାନ କରି ମହାନତା ଦେଖାଇଲା ଆମ୍ବେଦକର ସେବା ପରିଷଦ



କଣ୍ଟାମାଳ, ୯ ।୬ (ସମସ): ରକ୍ତଦାନ କରି ମହାନତା ଦେଖାଇଛି ଲମ୍ବସରୀର ସାମାଜିକ ସଂଗଠନ ଆମ୍ବେଦକର ସେବା ପରିଷଦ । ସୋମବାର ଦିନ ପିଣ୍ଡାପଦର୍ ଗ୍ରାମର ସାହାଦେଇ ଭୋଇନା ଅସୁସ୍ଥ ହେବାରୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୋନପୁରରେ ଚିକିତ୍ସିତ ହେଉଥିଲେ । ତାଙ୍କୁ ଜରୁରୀକାଳୀନ "ଓ'- ପଜିଟିଭ ରକ୍ତର ଆବଶ୍ୟକ ବୋଲି ଡାକ୍ତର କହିଥିଲେ । ଚିକିତ୍ସା ପାଇଁ ଆବଶ୍ୟକ ରକ୍ତ ପାଇଁ ସବୁ ପ୍ରକାର ଚେଷ୍ଟା କରି କୌଣସିଠାରୁ ରକ୍ତ ସଂଗ୍ରହ କରି ନପାରି ନିରାଶ ହୋଇଥିଲେ । କୌଣସି ସୂତ୍ରରୁ ଖବରପାଇ ଆମ୍ବେଦକର ସେବା ପରିଷଦ, ଲମ୍ବସରିର ସମ୍ପାଦକ ସମାଜସେବୀ ମନିତ୍ କୁମାର୍ ଭୋଇନାଙ୍କୁ ଯୋଗାଯୋଗ କରିଥଲେ । ଆବଶ୍ୟକ ରକ୍ତ ପାଇଁ ଟ୍ରଷ୍ଟ ପକ୍ଷରୁ ସବୁପ୍ରକାର ଚେଷ୍ଟା କରିଥଲେ କିନ୍ତୁ ତତକ୍ଷଣାତ କୌଣସି ଯୋଗାଯୋଗ ହୋଇ ପାରିନଥିଲା । ଶେଷରେ ଆମ୍ବେଦକର ସେବାଟ୍ରଷ୍ଟର ସମ୍ପାଦକ ଶ୍ରୀ ଭୋଇନା ରକ୍ତଦେଇ ରୋଗୀଙ୍କୁ ସାକ୍ଷାତ କରିଥିଲେ । ସେ କହିଥିଲେ ଆମର ପ୍ରୟାସ ଯେ ରକ୍ତ ଟୋପାଏ ପାଇଁ କାହାର ଜୀବନ ନ ଯାଉ ।

## ୭୫ କେଜି ଗଞ୍ଜେଇ ଜବତ, ମାଫିଆ ଗିରଫ

ଶଗଡା, ୯ ।୬(ସମିସ): ଘଣ୍ଟାପଡ଼ା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ଗଞ୍ଜେଇ ଜବତ କରିଥିବା ବେଳେ ଜଣେ ମାଫିଆକୁ ଗିରଫ କରିଛି । ସୂଚନା



ଅନୁସାରେ ଗଞ୍ଜେଇ ଚାଲାଣ ହେଉଥିବା ଘଣ୍ଟାପଡ଼ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୁନାଶିଳା ଜଙ୍ଗଲରେ ଚଢ଼ଉ କରିଥିଲେ । ଜଙ୍ଗଲରୁ ଚାଲାଣ ହେବାକୁ ଥିବା ୭୫ କେଜି ଗଞ୍ଜେଇ ଜବତ କରିବା ସହ ଗଜମରା ଗ୍ରାମର ସ୍ୱାଧୀନ ଠେଲାକୁ ଗିରଫ କରିଛି । ଏସଂକ୍ରାନ୍ତରେ ଘଣ୍ଟାପଡା ଥାନାରେ ଏକ ମାମଲା ରୁଜୁ କରି ସ୍ୱାଧୀନକୁ ଆଜି କୋର୍ଟ ଚାଲାଣ କରାଯାଇଛି ।

## ସାପକାମୁଡ଼ାରେ ଛାତ୍ରୀ ମୃତ



ତରଭା, ୯ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ଅଧୀନ ମେଣ୍ଡାଗ୍ରାମର ଜଣେ ମେଧାବୀ ଛାତ୍ରୀ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି । ମେଣ୍ଡା ଗ୍ରାମର ଦିବ୍ୟାଙ୍ଗ ପୁରୁଷୋତ୍ତମ ସାହୁଙ୍କ ବଡ଼ ଝିଅ ପ୍ରଣତି ସାହୁ(୧୮) ସୋମବାର ରାତିରେ ଘରେ ତଳେ ଶୋଇଥିବା ବେଳେ ରାତି ପ୍ରାୟ ୨.୩୦ରେ ଏକ ଚିତିସାପ କାମୁଡ଼ି ଦେଇଥିଲା । ତାଙ୍କୁ ସାଙ୍ଗେସାଙ୍ଗେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲକୁ ଅଣାଯାଇ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତରମାନେ ତାଙ୍କୁ ଚିକିତ୍ସା କରିଥିଲେ । ତଥାପି ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ମେଡିକାଲକୁ ରେଫର କରିଥିଲେ । କିନ୍ତୁ ପ୍ରଣତିର ପରିବାରବର୍ଗ ତାଙ୍କୁ ବଲାଙ୍ଗିରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଣତିଙ୍କ ମୃତ୍ୟୁ ଘଟିଥିଲା । ପ୍ରଣତି ମେଣ୍ଡା ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବଲାଙ୍ଗିର ଯୁବୋଦୟ ଯୁକ୍ତ ଦୁଇ ବିଜ୍ଞାନ କଲେଜରେ ଯୁକ୍ତଦୁଇ ପରୀକ୍ଷାରେ ୮୭% ନମ୍ବର ରଖି ଚଳିତବର୍ଷ ପାସ ହୋଇଥିଲେ । ରବିବାର ଦିନ ସେ ଯୁବୋଦୟ କଲେଜକୁ ଆସି ସମ୍ବର୍ଦ୍ଧିତ ହୋଇ ଘରକୁ ଫେରିଥିଲେ । ସୋମବାର ରାତିରେ ଏଭଳି ଦୁଃଖଦ ଘଟଣା ଘଟିଲା । ପ୍ରଣତିଙ୍କ ମୃତ୍ୟୁରେ ତରଭା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବଲାଙ୍ଗିର ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ୫ ଦିନ ହେଲା ଗରମରେ ସିଝୁଛନ୍ତି ୧୨ ଗ୍ରାମବାସୀ

ଶଗଡ଼ା, ୯ ।୬(ସମିସ): ବୌଦ୍ଧ ଜିଲ୍ଲାରେ ଖରା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ବିଦ୍ୟୁତ ଦାଉ ସାଧୁଥିବା ଅଭିଯୋଗ ହୋଇଛି । ଗତ ୫ ଦିନ ହେଲା ମନମୁଣ୍ଡା ସେକ୍ସନ ଘୁଲୁଘୁଲା ପଦର ସେକ୍ସନ ଅଚଳ ହୋଇ ପଡ଼ିରହିଛି । ଯାହାଫଳରେ ସେକ୍ସନ ଅଧୀନ ଘୁଲୁଘୁଲା ପଦର, ଜୁନାନି, ଦପଲା, ଗୁଆବାହଲ, ଆମପାଲି, ଖମେଶ୍ୱରିପାଲି, ନୂଆପଡା, ରୁଗୁଡ଼ି ପାଲି, ଝିଙ୍କର ପାଲି, ବଙ୍ଗେପଦର, କୁଣ୍ଡାମାଳ, ମଲ୍ଲିକ ପଦର ସମେତ ଆହୁରି ଅନେକ ଗ୍ରାମ ଅନ୍ଧାରରେ ରହିଥିବା ଅଭିଯୋଗ ହୋଇଛି । ପ୍ରବଳ ଖରା ସାଙ୍ଗକୁ ଗରମରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁତ ଯୋଗାଣ ନେଇ ଅନେକଥର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି ତାଙ୍କ କଥାକୁ ଶୁଣୁ ନ ଥିବା ଅଭିଯୋଗ ହୋଇଛି ।

## ଯୁଧିଷ୍ଠିର ରଣାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



ଡୁଙ୍ଗୁରିପାଲି, ୯ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଗଜବନ୍ଧ ଗ୍ରାମର ଶିକ୍ଷକ ଯୁଧିଷ୍ଠିର ରଣାଙ୍କୁ ଚଳିତବର୍ଷ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରିଛନ୍ତି ଜିଲ୍ଲାପାଳ ଡ.ନୃପରାଜ ସାହୁ । ସୋନପୁର ବନଖଣ୍ଡ ସଭାଗୃହରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପରିବେଶପ୍ରେମୀଙ୍କ ଉପସ୍ଥିତିରେ ତାଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ପୁରସ୍କାରର ଶ୍ରେୟ ସେ ନିଜ ଛାତ୍ରଛାତ୍ରୀ, ଅଭିଭାବକ ଓ ସହକର୍ମୀଙ୍କୁ ପ୍ରଦାନ କରିଛନ୍ତି । ସେ ଦୀର୍ଘ ବର୍ଷ ହେଲା ବିଭିନ୍ନ ବିଦ୍ୟାଳୟରେ ବ୍ୟାପକ ଚାରା ରୋପଣ, ପ୍ଲାଷ୍ଟିକ ମୁକ୍ତ ପରିବେଶ ତିଆରି, ଜଳ ସଂରକ୍ଷଣ, ଆବର୍ଜନାର ସୁପରିଚାଳନା, ମଞ୍ଜି ସଂରକ୍ଷଣ, ଚାରା ତିଆରି ଓ ବଣ୍ଟନ, ସ୍ୱଚ୍ଛତା, ଶକ୍ତି ସଂରକ୍ଷଣ, ଛାତ୍ରଛାତ୍ରୀଙ୍କ ଜରିଆରେ କ୍ଷୁଦ୍ର ନାଟିକା ଓ ରାଲି ମାଧ୍ୟମରେ ସଚେତନତା ସୃଷ୍ଟି, ପରିବେଶ ସୁରକ୍ଷାରେ ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରୟୋଗ ପାଇଁ କାର୍ଯ୍ୟ କରିବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି । ବିନିକା ବ୍ଲକ୍ ଜୁଲୁଣ୍ଡା ଉଚ୍ଚ ବିଦ୍ୟାଳୟ ଓ ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ରହିବାପରେ ବର୍ତ୍ତମାନ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ।

# କାପାସିରା ଗ୍ରାମ ପରିଦର୍ଶନ କଲେ ଜିଲ୍ଲାପାଳ

ଡୁଙ୍ଗୁରିପାଲି, ୯ ।୬(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ କାପାସିରା ଗ୍ରାମକୁ ଆସି ଜିଲ୍ଲାପାଳ ଡ. ନୃପରାଜ ସାହୁ ବିଭିନ୍ନ ସମସ୍ୟା ଉପରେ ପରିଦର୍ଶନ କରିଛନ୍ତି । ଗତ ୧୮ ତାରିଖରେ ଜିଲ୍ଲାପାଳ କାର୍ଯ୍ୟାଳୟରେ କପାଶିରା ଗ୍ରାମବାସୀତାଙ୍କୁ ସାକ୍ଷାତ କରିବା ସମୟରେ ସେ ଗ୍ରାମକୁ ଆସିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆଜି ସେହି ପ୍ରତିଶ୍ରୁତି ପାଳନ କରି ସେ ଗ୍ରାମବାସୀଙ୍କ ହୃଦୟ ଜିଣିନେଲେ । ଗ୍ରାମର ଶିକ୍ଷା ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଜମି ଯୋଗାଇବା ସକାଶେ ରାମପୁର ତହସିଲଦାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜମି ଉପଲବ୍ଧ ହେବା ପରେ ଶୀଘ୍ର ପ୍ରକଳ୍ପ ଅନୁମୋଦନ ଓ ଅର୍ଥ ମଞ୍ଜୁରୀ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଲେ । ଗ୍ରାମର ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୌରଚାଳିତ ପମ୍ପ ବ୍ୟବସ୍ଥା, ଗୁରାଣ୍ଡି ନାଳାଉପରେ ନିର୍ମିତ ସେତୁର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏହାର ଲୋକାର୍ପଣ ପୂର୍ବରୁ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନରେ ହେଉଥିବା ବିଳମ୍ବ ପ୍ରସଙ୍ଗ ଉପରେ ଅବଗତ କରିଥିଲେ । ଏହା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ ପ୍ରଭାବିତ ଓ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଶୀଘ୍ର ପ୍ରାପ୍ୟ ପ୍ରଦାନ କରିବା ପାଇଁ ରାମପୁର ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଲେ । କୁଟାସିଂହା କପାସିରା ନିର୍ମାଣାଧିନ ଜିଲ୍ଲାପାଳ ଗ୍ରାମର ଉଭୟ ପ୍ରବେଶ ପଥ ଓ ଗ୍ରାମ ମୁଣ୍ଡର ଶୋଚନୀୟ ପରିସ୍ଥିତି ପରିଦର୍ଶନ କରିବା ସହ ଲୋକମାନଙ୍କୁ ପରିବେଶ ପରିଚ୍ଛନ୍ନତା, କୁଅଭ୍ୟାସ ଓ ଅପବ୍ୟବହାର ପ୍ରତି ସଚେତନ କରିଥିଲେ । ସେହିପରି କପାସିରା ପଞ୍ଚାୟତର ଭାଲୁଡୁଙ୍ଗୁରି ଅଞ୍ଚଳରେ ଶିଳ୍ପ ନିର୍ଗତ ବର୍ଜ୍ୟବସ୍ତୁ ଓ ପାଉଁଶ ପକାଇବାକୁ ଅନୁମତି ନ ଦେବା ପାଇଁ ଶତାଧିକ ମହିଳା ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଥିଲେ । ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷାଧିକାରୀ, ଡୁଙ୍ଗୁରିପାଲି, ଅତିରିକ୍ତ ତହସିଲଦାର, ରାମପୁର, ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ, କପାଶିରା ଗ୍ରାମପଞ୍ଚାୟତ, କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବିଭିନ୍ନ ସମସ୍ୟା ନେଇ ଜାତୀୟ ରାଜପଥ ଅବରୋଧ କରିବ ଚାଷୀ



ଡୁଙ୍ଗୁରିପାଲି, ୯ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ କୃଷକ ଯୁବମୋର୍ଚ୍ଚା ପକ୍ଷରୁ ପ୍ରେସ ବିବୃତ୍ତି କରିଛନ୍ତି । ଆସନ୍ତାକାଲି ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରି ପ୍ରତିବାଦ କରିବ ବୋଲି ଚେତାବନୀ ଦେଇଛନ୍ତି ଚାଷୀ । ଚାଷୀଙ୍କ ଟୋକନ ଠିକ୍ ପରିମାଣ ଆସୁ ନାହିଁ, ମଣ୍ଡିରେ ୮ ରୁ ୧୦ କେଜି ଧାନ କଟନୀଛଟନି, ଧାନ ଉଠୁନଥିବା ଭଳି ସମସ୍ୟାକୁ ନେଇ କିଛିଦିନ ଆଗରୁ ସିଏସଓଙ୍କୁ ଦୃଷ୍ଟି ଆକର୍ଷଣ କରି ଲିଖିତ ଅଭିଯୋଗ କରିଥିଲେ । ହେଲେ ଅଭିଯୋଗକୁ ଭିତ୍ତିକରି ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ଆଜି ଡୁଙ୍ଗୁରିପାଲି ବ୍ଲକ କୃଷକ ଯୁବମୋର୍ଚ୍ଚା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଆସନ୍ତାକାଲି ରାଜରାସ୍ତାରେ ଓହ୍ଲାଇ ପ୍ରତିବାଦ କରାଯିବା ପାଇଁ ଚାଷୀ ପ୍ରତିକ୍ରିୟା ଦେଇଥିଲେ । ମୃତ୍ୟୁଞ୍ଜୟ ମିଶ୍ର, ଗଙ୍ଗାଧର ଖମାରୀ, ସୁଶାନ୍ତ ବିଶ୍ୱାଳ, ସରୋଜ ପଧାନ, ବାଳକୃଷ୍ଣ ଦଣ୍ଡସେନା, କୁସଦେବ ସାହୁ, ଗୁନା ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ମେଲଛାମୁଣ୍ଡା, ୯ ।୬(ସମିସ): ମେଲଛାମୁଣ୍ଡା ଥାନା ଅଧୀନ ସାଲେପାଲି ଛକରେ ଆଜି ବିଳମ୍ବିତ ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ପିକଅପ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ସୂଚନା ମୁତାବକ ମୃତ ବ୍ୟକ୍ତି ଜଣକ ବିଜେପୁର ବ୍ଲକ ଅଧୀନ ଜାରିଙ୍ଗ ଗ୍ରାମର ସୁକେଶ ରଣା (୫୦) ବୋଲି ଜଣାପଡ଼ିଛି । ସୁକେଶ ସମ୍ପର୍କୀୟ ଘର ସାଲେପାଲି ଗ୍ରାମର ଅଶ୍ୱିନୀ ରଣାଙ୍କ ଘରକୁ କୁନୁଆ ଆସିଥିଲେ । ସେ ବାଇକରେ ଯାଉଥିବାବେଳେ ଗୋଟିଏ କୁକୁଡ଼ା ବୋଝେଇ ପିକଅପ୍ ସୋହେଲାପଟୁ ଆସି ଧକ୍କାମାରି ଫେରାର ହୋଇଯାଇଥିଲା । ସ୍ଥାନୀୟଲୋକେ ଅମ୍ବୁଲାନ୍ସ ଯୋଗେ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଗଞ୍ଜେଇ ଚାଲାଣ ବେଳେ ଦୁଇ ଗିରଫ

ଝାରବନ୍ଧ, ୯ ।୬(ସମିସ): ଜଗଦଲପୁର ଥାନା ଅଞ୍ଚଳରେ ପୁଲିସ ଚଢ଼ଉ କରି ୨୩ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇ ସହ ଏକ କାର୍ ଓ ଦୁଇଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି । ସୋମବାର ଜଗଦଲପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ଡିଗାଲଙ୍କ ତତ୍ତ୍ୱାବଧାନରେ ଥାନା ଅଞ୍ଚଳରେ ପାଟ୍ରୋଲିଂ ଓ ଏନ୍‌ଡିପିଏସ୍ ଚଢ଼ଉ ବେଳେ ଏକ ବିଶ୍ୱସନୀୟ ସୂଚନା ମିଳିଥିଲା । ଏହା ଆଧାରରେ ପୁଲିସ ଅଙ୍ଗାନଦୀ ପୋଲ ନିକଟ ଟାଣା ଛକ ଅଞ୍ଚଳରେ ଚଢ଼ଉ କରିଥିଲା । ସେଠାରେ ଏକ ଧଳାରଙ୍ଗର କାର୍‌ରେ ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ କରାଯାଇଥିଲା । ଏହି ଘଟଣାରେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ବରକୁଡୁ ଗ୍ରାମର ମନୋଜ ଭୋଇ (୨୭) ଓ ବୌଦ୍ଧ ସହର ଥାନା ଅନ୍ତର୍ଗତ ଗୁଦଭାଲି ଗ୍ରାମର ସୁଶିଲ ମହାନନ୍ଦିଆ (୨୫)ଙ୍କୁ ଗିରଫ କରାଯାଇଛି । ତଲାସି ସମୟରେ ସେମାନଙ୍କ ନିକଟରୁ ୨୩ କେଜି ୨୦୦ ଗ୍ରାମ ଗଞ୍ଜେଇ, ଏକ ଟାଟା ଇଣ୍ଡିକା କାର୍ ଏବଂ ଦୁଇଟି ମୋବାଇଲ ଜବତ କରାଯାଇଛି । ଘଟଣାର ତଦନ୍ତ ପଦ୍ମପୁର ଥାନାର ଏସ୍‌ଆଇ ଅନ୍ତର୍ଯ୍ୟାମୀ ବେହେରା କରୁଥିବା ବେଳେ ଗଞ୍ଜେଇ ଚୋରାଚାଲାଣ ଚକ୍ର ସହ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ସେ ଦିଗରେ ପୁଲିସ ଅଧିକ ତଦନ୍ତ ଚଳାଇଛି ।

## ରାସ୍ତା ପାଇଁ ଏକାଠି ହେଲେ ୩ ଗାଁର ଲୋକ

ପଦ୍ମପୁର, ୯।୬(ସମିସ): ପଦ୍ମପୁର ଉପଖଣ୍ଡ ବୁଡ଼ାମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭେଲୁଆଁପଦର ଗ୍ରାମର ୱାର୍ଡସଭ୍ୟ ସହଦେବ ସାହୁଙ୍କ ନେତୃତ୍ୱରେ ଆଜି ଭେଲୁଆଁପଦର ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜମରତଲା ସରପଞ୍ଚ ବିଦୂ ଭୂଷଣ ଚାନ୍ଦ, ପୂର୍ବତନ ସରପଞ୍ଚ ସୁରେଶ ଚାନ୍ଦ, ସମାଜସେବୀ ବାବୁଲାଲ ଚାନ୍ଦ, ଅଶୋକ ସେଠ, ସୁଶାନ୍ତ ପଣ୍ଡା, ଗର୍ଭନାଖୋଲ ଗୌନ୍ତିଆ ପ୍ରମୋଦ ଚାନ୍ଦ, ଡଙ୍ଗରମୁଣ୍ଡା ଗୌନ୍ତିଆ ଦେବରାଜ ବେହେରା, ନନ୍ଦଲାଲ ସାହୁ, ଦିଲ୍ଲୀପ ବେହେରା, ସୁରେନ୍ଦ୍ର ଛତ୍ରିଆ, ଜଗତ ସାହୁ, ରମେଶ ସାହୁ, ଭୋଜରାଜ ପ୍ରଧାନ, ଯୁଗଳ ଭୁଏ ପ୍ରମୁଖ ଯୋଗ ଦେଇଥିବାବେଳେ ଭେଲୁଆଁପଦର, ବେହେରାଟାଲ ଓ ଡଙ୍ଗରମୁଣ୍ଡା ଗ୍ରାମର ବହୁ ଲୋକ ଉପସ୍ଥିତ ଥିଲେ । ତେବେ ଦୀର୍ଘଦିନ ଧରି ରାସ୍ତା ସମସ୍ୟାରେ ଜର୍ଜରିତ ୩ ଗ୍ରାମର ବାସିନ୍ଦା ଶେଷରେ ଏକାଠି ହୋଇ ଦାବି ଜୋରଦାର କରିଛନ୍ତି । ବର୍ଷା ଦିନରେ କାଦୁଅ ଓ ଖାଲ ଖମାରେ ଭର୍ତ୍ତି ରାସ୍ତା ଯୋଗୁଁ ନାହିଁ ନଥିବା ହୀନସ୍ତା ହେଉଥିବାବେଳେ ତୁରନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ ଜନପ୍ରତିନିଧିଙ୍କ ନିକଟରେ ଦାବି କରିଛନ୍ତି । ଡଙ୍ଗରମୁଣ୍ଡା ଠାରୁ ଭେଲୁଆଁପଦର, ବେହେରାଟାଲ ଠାରୁ ଭେଲୁଆପଦର ଗ୍ରାମକୁ ନୂତନ ରାସ୍ତା ସଂଯୋଗ କରିବା ପାଇଁ ଆଗାମୀ ଦିନରେ ଏହି ତିନୋଟି ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନର ଦୃଷ୍ଟିଗୋଚର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପରିଶେଷରେ ସଫେତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆରତୀ ଚାଟାର୍ଜୀଙ୍କ ପରଲୋକ




ବରଗଡ଼, ୯।୬(ସମିସ): ବରଗଡ଼ର ପ୍ରତିଷ୍ଠିତ ବ୍ୟବସାୟୀ ସ୍ୱର୍ଗତ ପ୍ରଭାକର ଚାଟାର୍ଜୀଙ୍କ ପତ୍ନୀ ଆରତୀ ଚାଟାର୍ଜୀ ( ୯୫)ଙ୍କ ସୋମବାର ଭୋର୍‌ରେ ପରଲୋକ ଘଟିଛି । ସେ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଅନ୍ତିମଶଯ୍ୟା ନିକଟରେ ଦୁଇ ପୁଅ ସୁବ୍ରତ ଓ ସୁଶାନ୍ତ ଉପସ୍ଥିତ ଥିଲେ । ଜୀରା ନଦୀ କୂଳ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ । ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଓ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର କର୍ମକର୍ତ୍ତା ଓ ସଦସ୍ୟମାନେ, ପୂର୍ବତନ ଏପିକଲ୍ ଅଧ୍ୟକ୍ଷ ପ୍ରଭାତାଦିତ୍ୟ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଧାନ ବିକ୍ରି ପୂର୍ବରୁ ଚାଲିଗଲା ଚାଷୀଙ୍କ ଜୀବନ

ପଦ୍ମପୁର, ୯।୬(ସମିସ)

ଧାନ କ୍ରୟରେ ଅବ୍ୟବସ୍ଥା ଓ ପ୍ରଶାସନିକ ଉଦାସୀନତାର ଏକ ହୃଦୟବିଦାରକ ଚିତ୍ର ଏବେ ପଦ୍ମପୁର ଉପଖଣ୍ଡରେ ଦେଖିବାକୁ ମିଳିଛି । ବର୍ଷସାରା ଖଟି ଖଟି ଚାଷ କରିଥିବା ଧାନକୁ ସରକାରୀ ଦରରେ ମଣ୍ଡଇରେ ବିକ୍ରି କରି ଚିକିତ୍ସା ଖର୍ଚ୍ଚ ଓ ପରିବାରର ଆର୍ଥିକ ସମସ୍ୟା ଦୂର କରିବାର ଆଶା ରଖିଥିବା ଜଣେ ଚାଷୀ ଧାନ ବିକ୍ରି ପୂର୍ବରୁ ହିଁ ଆଖି ବୁଜିଛନ୍ତି । ତାଙ୍କ ମୃତ୍ୟୁ ପରେ ବି ତାଙ୍କ କଷ୍ଟର୍ଜିତ ଧାନ ମଣ୍ଡିରେ ପଡ଼ିରହିଛି । ଏହି ଘଟଣା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ବରଂ ଚାଷୀ ସମାଜର ଦୀର୍ଘଦିନର ଯନ୍ତ୍ରଣା ଓ ଅବହେଳାର ଏକ ନିଚ୍ଛକ ପ୍ରତିଛବି ଭାବେ ଦେଖାଦେଇଛି । ମୃତ ଚାଷୀ ହେଲେ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଗୁଦେରପାଲି ଗ୍ରାମର ହରିଶଙ୍କର ପାତ୍ର ।

ପ୍ରକାଶ ଯେ, ହରିଶଙ୍କର ଚଳିତ ରବି ଋତୁରେ ଉତ୍ପାଦିତ ଧାନ ବିକ୍ରୟ ପାଇଁ କୁଣ୍ଡାଖାଇ କୃଷି ସମବାୟ ସମିତିରେ ପଞ୍ଜୀକରଣ କରିଥିଲେ । ସରକାରୀ ନିୟମ ଅନୁଯାୟୀ ତାଙ୍କୁ ଟୋକନ୍ (ନଂ.-୨୪୮୯୨୫୮) ମିଳିଥିଲା । ଟୋକନ ଅନୁଯାୟୀ ସେ ୬୨.୯୨ କ୍ୱିଣ୍ଟାଲ ଧାନ ଗୁଦେରପାଲି ଧାନ କ୍ରୟ କେନ୍ଦ୍ରରେ ୨୧ ମଇ ୨୦୨୬ରେ ବିକ୍ରି କରିବା ପାଇଁ ଅନୁମତି ପାଇଥିଲେ । ଏହା ପୂର୍ବରୁ ସେ ପ୍ରାୟ ୧୫୦ ବସ୍ତା ଧାନ ମଣ୍ଡିକୁ ଆଣି ରଖିଥିଲେ । କିନ୍ତୁ ମଣ୍ଡିରେ ଧାନକ୍ରୟ ପ୍ରକ୍ରିୟାରେ ଦେଖାଦେଇଥିବା ଅବ୍ୟବସ୍ଥା ଏବଂ ବିଳମ୍ବ ଯୋଗୁଁ ତାଙ୍କ ଧାନ କ୍ରୟ ହୋଇପାରିନଥିଲା । ଦିନ ପରେ ଦିନ ବିତି ଯାଇଥିଲେ ମଧ୍ୟ ଧାନ ଉଠି ନଥିଲା । ଏପଟେ ହରିଶଙ୍କର ଦୀର୍ଘଦିନ ଧରି ଅସୁସ୍ଥ ଥିବାବେଳେ ଧାନ ବିକ୍ରି ଟଙ୍କା ମିଳିଲେ ଚିକିତ୍ସିତ ହେବେ ବୋଲି ଆଶା ରଖିଥିଲେ । ଧାନ ଶୀଘ୍ର କ୍ରୟ କରିବାକୁ ପ୍ରଶାସନ, ସମବାୟ ସମିତି ଏବଂ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କେହି ଶୁଣିନଥିଲେ । ପରିବାର ଲୋକଙ୍କ କହିବା ଅନୁଯାୟୀ, ଧାନ ବିକ୍ରିରୁ ମିଳିବାକୁ ଥିବା ଟଙ୍କାରେ ଚିକିତ୍ସା ପାଇଁ ସେ ଅପେକ୍ଷା କରିଥିଲେ । କିନ୍ତୁ ଧାନ ବିକ୍ରିରେ ବିଳମ୍ବ ଏବଂ ଅର୍ଥାଭାବ ଯୋଗୁଁ ତାଙ୍କ ଚିକିତ୍ସା ଠିକ୍ ଭାବେ ହୋଇପାରିନଥିଲା । ଶେଷରେ ସୋମବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ପୁଅ ଗୋପାଳକୃଷ୍ଣ ପାତ୍ର ଅଭିଯୋଗ କରିଛନ୍ତି । ତାଙ୍କ ମୃତ୍ୟୁ ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ଚାଷୀ ମହଲରେ ଅସନ୍ତୋଷ କୁହୁଳୁଛି । ସବୁଠାରୁ ଦୁଃଖଦାୟକ କଥା ହେଉଛି, ଯେଉଁ ଧାନ ବିକ୍ରି କରି ହରିଶଙ୍କର ନିଜ ପରିବାରକୁ ଆର୍ଥିକ ସହାୟତା ଦେବା ସହ ଚିକିତ୍ସା କରାଇବାର ସ୍ୱପ୍ନ ଦେଖିଥିଲେ, ସେହି ଧାନ ଆଜି ମଧ୍ୟ ମଣ୍ଡିରେ ପଡ଼ିରହିଛି । ଧାନ ଅଛି, କିନ୍ତୁ ତାହାର ମାଲିକ ଆଉ ନାହାନ୍ତି । ଏହି ଦୃଶ୍ୟ ଚାଷୀ ସମାଜର ଦୁଃଖ ଓ ଅସହାୟତାକୁ ସ୍ପଷ୍ଟ ବୟାନ କରୁଛି ।



- ମଣ୍ଡିରେ ପଡ଼ିଛି ହରିଶଙ୍କରଙ୍କ ୧୫୦ ବସ୍ତା ଧାନ
- ମଣ୍ଡିରେ ପଡ଼ିଛି ୬୮ ଚାଷୀଙ୍କ ୬, ୪୯୩ ବସ୍ତା ଧାନ

ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, ପ୍ରତିବର୍ଷ ମଣ୍ଡିରେ ଧାନ କ୍ରୟ ବିଳମ୍ବ ଏକ ସାଧାରଣ ସମସ୍ୟା ପାଲଟିଛି । ଚାଷୀମାନେ ମାସ ମାସ ଧରି ଫସଲ ଅମଳ କରି ମଣ୍ଡିକୁ ଆଣୁଥିବା ବେଳେ ଧାନ କ୍ରୟ ଓ ଉଠାଣରେ ବିଳମ୍ବ ସେମାନଙ୍କୁ ଭୟଙ୍କର ଆର୍ଥିକ ସଙ୍କଟରେ ପକାଉଛି । ବ୍ୟାଙ୍କ ଋଣ, ଚାଷ ଖର୍ଚ୍ଚ, ପରିବାର ଚଳାଇବା ଓ ଚିକିତ୍ସା ଭଳି ଜରୁରୀ ଆବଶ୍ୟକତା ପୂରଣ ପାଇଁ ଧାନ ବିକ୍ରି ଟଙ୍କା ଉପରେ ନିର୍ଭର କରୁଥିବା ଚାଷୀମାନେ ଦିନ ଦିନ ଧରି ମଣ୍ଡିକୁ ଧାଇଁ ନିରାଶ ହେଉଛନ୍ତି ।

କେବଳ ହରିଶଙ୍କର ପାତ୍ରଙ୍କ ଧାନ ନୁହେଁ, ଗୁଦେରପାଲି ଧାନ କ୍ରୟ କେନ୍ଦ୍ରରେ ବର୍ତ୍ତମାନ ମଧ୍ୟ ୬୮ ଜଣ ଚାଷୀଙ୍କ ୬, ୪୯୩ ବସ୍ତା ଧାନ ପଡ଼ି ରହିଥିବା ସୂଚନା ମିଳିଛି । ଏହି ଧାନ କେବେ କ୍ରୟ ହେବ ସେନେଇ ଅନିଶ୍ଚିତତା ଦେଖାଦେଇଛି । ବର୍ଷା ଋତୁ ଆସୁଥିବାରୁ ଖୋଲା ଆକାଶ ତଳେ ପଡ଼ିଥିବା ଧାନ ନଷ୍ଟ ହେବାର ଆଶଙ୍କା ମଧ୍ୟ ବଢ଼ିଛି ।

ହରିଶଙ୍କର ପାତ୍ରଙ୍କ ମୃତ୍ୟୁ ପରେ ଚାଷୀ ସଙ୍ଗଠନ ଓ ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ଅବଶିଷ୍ଟ ଧାନ କ୍ରୟ କରିବା, ମୃତ ଚାଷୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଧାନ କ୍ରୟ ବ୍ୟବସ୍ଥାରେ ଥିବା ତ୍ରୁଟିର ତଦନ୍ତ କରିବାକୁ ଦାବି କରିଛନ୍ତି । ଜଣେ ଚାଷୀ ବର୍ଷସାରା ଝାଳବୁହା ପରିଶ୍ରମ କରି ଫସଲ ଉତ୍ପାଦନ କରିଥାଏ । କିନ୍ତୁ ନିଜ ଉତ୍ପାଦିତ ଧାନ ବିକ୍ରି କରିବା ପାଇଁ ଯଦି ତାଙ୍କୁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼େ ଏବଂ ସେହି ଅପେକ୍ଷା ମଧ୍ୟରେ ତାର ଜୀବନ ଚାଲିଯାଏ, ତେବେ ଏହା କେବଳ ଜଣେ ଚାଷୀଙ୍କ ମୃତ୍ୟୁ ନୁହେଁ, ବରଂ ବ୍ୟବସ୍ଥାର ବିଫଳତାର ଏକ ଦୁଃଖଦ ଉଦାହରଣ । ହରିଶଙ୍କର ପାତ୍ରଙ୍କ ମୃତ୍ୟୁ ଆଜି ସମଗ୍ର ଅଞ୍ଚଳରେ ଏକ ପ୍ରଶ୍ନ ଛାଡ଼ିଯାଇଛି ଚାଷୀଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ଏବଂ ସମ୍ମାନ ସେମାନେ ପ୍ରକୃତରେ କେବେ ପାଇବେ?

## ଅନଶନସ୍ଥଳରେ ବିଧାୟିକା

ଝାରବନ୍ଧ, ୯ ।୬(ସମିସ): ଟୋକନ ବଣ୍ଟନରେ ଅବ୍ୟବସ୍ଥା, ଜମି କିସମ ପରିବର୍ତ୍ତନର ଜଟିଳତା, ଧାନ ବିକ୍ରିରେ ସମସ୍ୟା ଓ କଟନୀଛଟନୀକୁ ନେଇ ଆଞ୍ଚଳିକ କୃଷକ ସଂଗଠନ ଡଭା ତରଫରୁ ଡଭା ବଜାରରେ ଚାଲିଥିବା ଆମରଣ ଅନଶନ ନବମ ଦିନରେ ପହଞ୍ଚିଛି । ଏହା ନୂଆ ମୋଡ଼ ଦେଇଛି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ଗସ୍ତ । ମଙ୍ଗଳବାର ସନ୍ଧ୍ୟାରେ ସେ ଅନଶନ ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ ଦାବି ପ୍ରତି ସମର୍ଥନ ଜଣାଇଥିଲେ । ଦୀର୍ଘ ସମୟ ଧରି ଅନଶନରେ ବସିଥିବା ଚାଷୀମାନଙ୍କ ଅଭିଯୋଗ ଶୁଣିବା ପରେ ବିଧାୟିକା କହିଥିଲେ ଯେ, ଧାନସଂଗ୍ରହ ବ୍ୟବସ୍ଥାରେ ଥିବା ତ୍ରୁଟି ଓ ପ୍ରଶାସନିକ ଅବହେଳା ଯୋଗୁଁ ଚାଷୀମାନେ ବାରମ୍ବାର କ୍ଷତିଗ୍ରସ୍ତ ହେଉଛନ୍ତି । ସେମାନଙ୍କ ସମସ୍ୟା କେବଳ ଝାରବନ୍ଧର ନୁହେଁ, ବରଂ ସମଗ୍ର ଅଞ୍ଚଳର କୃଷକ ସମାଜର ପ୍ରଶ୍ନ ବୋଲି ସେ କହିଥିଲେ । ଚାଷୀଙ୍କ ନ୍ୟାୟସଙ୍ଗତ ଦାବିକୁ ବିଧାନସଭାଠାରୁ ଆରମ୍ଭ କରି ସମସ୍ତ ଉପଯୁକ୍ତ ମଞ୍ଚରେ ଉଠାଇବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସେ ନିଜେ ମଧ୍ୟ ଚାଷୀଙ୍କ ସହ ରହିବେ ବୋଲି କହିଥିଲେ । ଏହି ଅବସରରେ ରାଜବୋଡାସମ୍ବର କୃଷକ ସଙ୍ଗଠନର ସମ୍ପାଦକ ସରୋଜ ସାହୁ ଏବଂ ପ୍ରସନ୍ନ କୁମ୍ଭାର ମଧ୍ୟ ଅନଶନ ସ୍ଥଳକୁ ଆସି ଆନ୍ଦୋଳନରତ ଚାଷୀମାନଙ୍କୁ ନୈତିକ ସମର୍ଥନ ଜଣାଇଥିଲେ । ସେମାନେ କହିଥିଲେ ଯେ, ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆନ୍ଦୋଳନ ଆହୁରି ବ୍ୟାପକ ରୂପ ନେଇପାରେ । ଅନ୍ୟପଟେ, ଗତକାଲି ଅନଶନ ଯୋଗୁଁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଚାରିଜଣ ଚାଷୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ସେମାନେ ପୁନର୍ବାର ଅନଶନ ସ୍ଥଳକୁ ଫେରି ଆସି ଆମରଣ ଅନଶନରେ ସାମିଲ ହୋଇଛନ୍ତି । ଚାଷୀମାନଙ୍କ ଏହି ଦୃଢ଼ ମନୋବଳ ଓ ବିଧାୟିକାଙ୍କ ସମର୍ଥନ ଆନ୍ଦୋଳନକୁ ନୂଆ ଉତ୍ସାହ ଦେଇଥିବା ଚର୍ଚ୍ଚା ହେଉଛି ।



## ଭେଡ଼େନ ବ୍ଲକ୍ ବରିଷ୍ଠ ନାଗରିକ ସଂଘ ପୁନର୍ଗଠନ

- ନୂତନ ସଦସ୍ୟମାନଙ୍କୁ ଦିଗଦର୍ଶନ

ଭେଡ଼େନ, ୯।୬(ସମିସ): ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ସ୍ଥିତ ବିଜୁ କୃଷକ ଭବନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପର୍ଶୁରାମ ପାତ୍ରଙ୍କ ଆବାହକତ୍ୱରେ ତଥା ଗୋବିନ୍ଦ ଶତପଥୀଙ୍କ ସଭାପତିତ୍ୱରେ ବ୍ଲକ ବରିଷ୍ଠ ନାଗରିକ ସଂଘର ନୂତନ ସଦସ୍ୟତା ଗ୍ରହଣ ଓ କର୍ମକର୍ତ୍ତା ପୁନର୍ଗଠନ କରାଯାଇଥିଲା । ଏଥିରେ ବରଗଡ଼ ଜିଲ୍ଲା ସଭାପତି କେଦାର ମିଶ୍ର ସଭାପତିତ୍ୱ କରିଥିଲେ । ଉପସଭାପତି ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶ, ସର୍ଦ୍ଦାର ପ୍ରୀତମ ସିଂହ, ନାରାୟଣ ନାଏକ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକର କର୍ତ୍ତବ୍ୟ ଓ ବରିଷ୍ଠ ନାଗରିକ ସଦସ୍ୟତାର ଉପକାରିତା ସମ୍ପର୍କରେ ନୂତନ ବରିଷ୍ଠ ନାଗରିକଙ୍କୁ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ରୁ ପ୍ରସନ୍ନ ପ୍ରଧାନ, ପଞ୍ଚାନନ ପଣ୍ଡା, ଅଚ୍ୟୁତାନନ୍ଦ ବାରିକ, ଦେବୀ ପଟ୍ଟନାୟକ ଓ ତୁଳସୀ ଚରଣ ଦାଶ ଯୋଗ ଦେଇଥିବାବେଳେ ଭେଡେନ ବ୍ଲକ ବରିଷ୍ଠ ନାଗରିକ ସଂଘରୁ ମାନଭଞ୍ଜନ ପ୍ରଧାନ, ଗୋପିନାଥ ଚାନ୍ଦ, ବନ୍ଦକର ସାହୁ, ପ୍ରେମାନନ୍ଦ ଭୋଇ, ପ୍ରସନ୍ନ କର୍ମି, ପ୍ରଶାନ୍ତ ପଣ୍ଡା, ନିରଞ୍ଜନ ପ୍ରଧାନ, ନରେନ୍ଦ୍ର ମହାକୁଡ଼, ଉମାକାନ୍ତ ଭୋଇ, ପ୍ରମୋଦ ଦାଶ, ପ୍ରଶାନ୍ତ କୁମାର ହୋତା, ଗୁରୁକୃଷ୍ଣ ଦାଶ, ଉତ୍ତମ ହୋତା, ଖଗେଶ୍ୱର ପ୍ରଧାନ, ବଳରାମ ସାହୁ, ଗୁରୁଦେବ ତ୍ରିପାଠୀ, କେଶବ ପ୍ରଧାନ, କୈଳାସ ବଘାର, ରକ୍ଷପାଳ ପଧାନ, ତାରା ଚାନ୍ଦ ଭୋଇ, ଅମରକୋଷ ପଧାନ, ମହାଦେବ ଥପା, ଉପେନ୍ଦ୍ର ବଘାର ଆଦି ଯୋଗଦେଇଥିଲେ । ନୂତନ ପରିଚାଳନା କମିଟିର ପ୍ରମୁଖ ପଦବୀରେ ନବ ନିର୍ବାଚିତ ସଦସ୍ୟ ହିସାବରେ ଉପଦେଷ୍ଟା ଭାବେ ଗୋପିନାଥ ଛନ୍ଦ, ତାରାଚାନ୍ଦ ଭୋଇ, ପର୍ଶୁରାମ ପାତ୍ର, ଗୁରୁଦେବ ତ୍ରିପାଠୀ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରିଣୀର ନୂତନ ସଭାପତି ଭାବେ ଗୋବିନ୍ଦ ଶତପଥୀ, ଉପସଭାପତି ଭାବେ ଉମାକାନ୍ତ ଭୋଇ, ସମ୍ପାଦକ ମାନଭଞ୍ଜନ ପଧାନ, କୋଷାଧ୍ୟକ୍ଷ ଭାବେ ଖଗେଶ୍ୱର ପ୍ରଧାନଙ୍କୁ ମନୋନୀତ କରି ଦାୟିତ୍ୱ ଅର୍ପଣ କରାଯାଇଥିଲା । ପରେ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ଉପଦେଷ୍ଟା ମଣ୍ଡଳୀ ପ୍ରକାଶ କରିଥିଲେ ।



## ଆମକୁ ଭତ୍ତା ଦିଅ; ନ ହେଲେ ଭୋକରେ ମରିବୁ

ଅମ୍ବାଭୋନା, ୯ ।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ପଞ୍ଚାୟତରେ ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍‌ଏସ୍‌ଏପି) ଅଧୀନରେ ଭତ୍ତା ପାଉଥିବା ହଜାର ହଜାର ହିତାଧିକାରୀ ଗତ ଏପ୍ରିଲ ମାସରୁ ଭତ୍ତା ଟଙ୍କା ପାଇ ନ ଥିବାରୁ ଚରମ ଅସନ୍ତୋଷ ପ୍ରକାଶ କରିଛନ୍ତି । ବୟସର ଅପରାହ୍ନରେ ପହଞ୍ଚିଥିବା ବୃଦ୍ଧ, ଅସହାୟ ବିଧବା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଭତ୍ତା ହିଁ ସେମାନଙ୍କ ଜୀବନର ଏକମାତ୍ର ସହାରା ବୋଲି କହିଥିବାବେଳେ, ଦୁଇମାସ ଧରି ଭତ୍ତା ବନ୍ଦ ରହିବାରୁ ଜୀବନ ଜୀବିକା ସଙ୍କଟରେ ପଡ଼ିଛି । ଭତ୍ତା ଟଙ୍କା ଆସିଥିବା ଆଶାରେ ପ୍ରତିମାସ ଭଳି ଅନେକ ହିତାଧିକାରୀ ବାରମ୍ବାର ବ୍ୟାଙ୍କକୁ ଯାଇଥିଲେ । କିନ୍ତୁ ଖାତାରେ ଟଙ୍କା ଜମା ହୋଇନଥିବା ଜାଣିବା ପରେ ସେମାନଙ୍କ ନିରାଶା ବଢ଼ିଥିଲା । ଶେଷରେ ସୁନ୍ଦରୀ ବୈଗା, ଅମ୍ବିକା କାଲୋ, ତିକେଶ୍ୱର ଗଣ୍ଡ, ଦୁତିକା ସହରା, ଗାୟତ୍ରୀ ଗଣ୍ଡ, ମାୟାଧର ପାଇକ, ଦୁଃଖଦେଇ ସହରା, ଶ୍ରଦ୍ଧା ଗଣ୍ଡ, ଫୁନ୍ଦ୍ର ପାତିକାର, ଚଇତମତୀ ବର୍ଗେ, ତେଜ ଗଣ୍ଡ, କଣ୍ଠି ଗଣ୍ଡ, ବୈଶାଖୀ ସାଗରିଆ, ପୂର୍ଣ୍ଣମତି ସୁନା ଓ ନିଲପିନ ଉର୍ମାଙ୍କ ସମେତ ୧୫ ଜଣ ହିତାଧିକାରୀ ଭୁକ୍ତା ସରପଞ୍ଚ ବଳରାମ ବିଷରଙ୍କୁ ସାକ୍ଷାତ କରି ନିଜ ଦୁର୍ଦ୍ଦଶା ଜଣାଇଥିଲେ । ପରେ ସେମାନେ ବ୍ଲକ କାର୍ଯ୍ୟାଳୟର ଜନଶୁଣାଣିରେ ଯୋଗଦେଇ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ଦାବି ଉଠାଇଥିଲେ ।

ସୂଚନା ଅନୁଯାୟୀ, ଭୁକ୍ତା ଗ୍ରାମପଞ୍ଚାୟତରେ ୨୮୩୪ ଜଣ ବାର୍ଦ୍ଧକ୍ୟ ଭତ୍ତା, ୮୮୯ ଜଣ ବିଧବା ଭତ୍ତା ଏବଂ ୮୪ ଜଣ ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀ ରହିଛନ୍ତି । ସର୍ବମୋଟ ୩୮୦୬ ଜଣ ଲୋକ ଏହି ଯୋଜନାରୁ ଉପକୃତ ହେଉଛନ୍ତି । ଅନେକ ହିତାଧିକାରୀ ମାସିକ ୧୦୦୦ ଟଙ୍କା ଏବଂ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗତା ଥିବା କିମ୍ବା ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିମାନେ ମାସିକ ୩୫୦୦ ଟଙ୍କା ଭତ୍ତା ପାଇଥାନ୍ତି । ଏହି ଟଙ୍କାରେ ସେମାନେ ଔଷଧ, ଖାଦ୍ୟ ଓ ଦୈନନ୍ଦିନ ଖର୍ଚ୍ଚ ବହନ କରିଥାନ୍ତି । ସରପଞ୍ଚ ବଳରାମ ବିଷର କହିଛନ୍ତି ଯେ, ଭତ୍ତା ବନ୍ଦ ହେବାଫଳରେ ଅନେକ ପରିବାର ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି । ଭୁକ୍ତା ପଞ୍ଚାୟତ ପରି ବ୍ଲକର ଅନ୍ୟାନ୍ୟ ପଞ୍ଚାୟତରେ ମଧ୍ୟ ଏହି ସମସ୍ୟା ଦେଖାଦେଇଥିବା ଅଭିଯୋଗ ହେଉଛି । ସେ କହିଛନ୍ତି, ଯେଉଁମାନଙ୍କ ପାଇଁ ଭତ୍ତା ହିଁ ଜୀବନର ଭରସା, ସେମାନଙ୍କୁ ଦୁଇ ମାସ ଧରି ଟଙ୍କା ନ ମିଳିବା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ବିଷୟ । ହିତାଧିକାରୀମାନେ ବ୍ଲକ ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି ଯେ, ସରକାରୀ ଅନୁଦାନ ଆସିବା ପର୍ଯ୍ୟନ୍ତ ବିଭାଗୀୟ ଗଚ୍ଛିତ ପାଣ୍ଠିରୁ ଅଗ୍ରୀମ ଭତ୍ତା ପ୍ରଦାନ କରାଯାଉ । ପରବର୍ତ୍ତୀ ସମୟରେ ସରକାରଙ୍କ ଅନୁଦାନ ମିଳିଲେ ତାହା ସମନ୍ୱୟ କରାଯାଇପାରିବ । ଏନେଇ ସରପଞ୍ଚ ଶ୍ରୀ ବିଷର ଚେତାବନୀ ଦେଇ କହିଛନ୍ତି ଯେ, ଆସନ୍ତା ଦୁଇରୁ ତିନି ଦିନ ମଧ୍ୟରେ ଭତ୍ତା ପ୍ରଦାନ ସମସ୍ୟାର ସମାଧାନ ନ ହେଲେ ଅନେକ ଅସହାୟ ହିତାଧିକାରୀ ଖାଦ୍ୟ ଓ ଔଷଧ ଅଭାବରେ ଗୁରୁତର ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଭତ୍ତା ବଣ୍ଟନ ସୁନିଶ୍ଚିତ କରିବାକୁ ସାଧାରଣରେ ଦାବି ଜୋର ଧରିଛି ।



ଦୁଇ ମାସ ଧରି ଭତ୍ତା ବନ୍ଦ

**ବରଗଡ଼ ପୁରୋହିତ ଜେନେରାଲ ହସ୍ପିଟାଲ ଘଟଣା**

## ଦୁଃଖ ପ୍ରକାଶ କଲେ ଡାକ୍ତର ରାମକୃଷ୍ଣ ପୁରୋହିତ

ବରଗଡ଼, ୯ ।୬(ସମିସ): ବରଗଡ଼ ସହରସ୍ଥିତ 'ପୁରୋହିତ ଜେନେରାଲ ହସ୍ପିଟାଲ'ରେ ଘଟିଥିବା ଏକ ଦୁଃଖଦ ଘଟଣାକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଉତ୍ତେଜନା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଘଟଣାର ଗଭୀରତାକୁ ଅନୁଧ୍ୟାନ କଲେ ଏହା ଏକତରଫା ଅବହେଳା ନୁହେଁ, ବରଂ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଓ ପରିସ୍ଥିତିର ପରିଣତି ବୋଲି ପ୍ରତୀୟମାନ ହେଉଛି । ଭଟଲି ବ୍ଲକର ସୃଷ୍ଟି ପ୍ରଭା ପ୍ରଧାନ (ପ୍ରସୂତି) ପ୍ରସବ ପାଇଁ ଗତ ୧୩ ତାରିଖ ଦିନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସିଜେରିଆନ୍ ଅପରେସନ୍ ପରେ ତାଙ୍କର ଅତ୍ୟଧିକ ରକ୍ତସ୍ରାବ ସମସ୍ୟା ଦେଖାଯାଇଥିଲା । ଅବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ ତୁରନ୍ତ ଅନ୍ୟ ଏକ ଉନ୍ନତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ପ୍ରାୟ ୨୫ ଦିନର ଚିକିତ୍ସା ପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିନଥିଲା ଏବଂ ଶେଷରେ ତାଙ୍କର ଦେହାନ୍ତ ହୋଇଥିଲା । ପରିବାରଙ୍କ ଅଭିଯୋଗ ଅପରେସନ୍ ସମୟରେ ଡାକ୍ତରଙ୍କ ଭୁଲ ଯୋଗୁଁ ସଂକ୍ରମଣ ବ୍ୟାପିଥିବା ଅଭିଯୋଗ କରିଛନ୍ତି । ଡାକ୍ତର ଙ୍କ କହିବା ଅନୁସାରେ ଡାକ୍ତରୀ ଜଟିଳ ପ୍ରସବ କ୍ଷେତ୍ରରେ କେତେକାଂଶରେ ରକ୍ତସ୍ରାବ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଆଭ୍ୟନ୍ତରୀଣ ଅଙ୍ଗରେ ସାମୟିକ କ୍ଷତି କିମ୍ବା ସଂକ୍ରମଣର ଆଶଙ୍କାକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଆଯାଇନଥାଏ । ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରଥମରୁ ହିଁ ରୋଗୀଙ୍କୁ ସଠିକ୍ ସମୟରେ ଅନ୍ୟତ୍ର ସ୍ଥାନାନ୍ତର କରି ନିଜର ଦାୟିତ୍ୱ ନିର୍ବାହ କରିଥିବା କଥା କହିଛନ୍ତି । ଏମିତି ସମୟରେ ମହିଳାଙ୍କ ଜୀବନ ଚାଲିଯିବା ପ୍ରକୃତ ରେ ଅତ୍ୟନ୍ତ ଦୁଃଖର ବିଷୟ । ଏ ଘଟଣାରେ ପରିବାର ଲୋକଙ୍କ ଦୁଃଖ ଓ ଆବେଗ ସ୍ୱାଭାବିକ, କିନ୍ତୁ ମୃତଦେହ ରଖି ବରଗଡ଼ ମୁଖ୍ୟ ରାସ୍ତାରେ ଅବରୋଧ କରିବା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା । ହସ୍ପିଟାଲ ପକ୍ଷରୁ ରୋଗୀଙ୍କୁ ବଞ୍ଚାଇବା ପାଇଁ ସର୍ବୋଚ୍ଚ ଚେଷ୍ଟା କରାଯାଇଥିଲେ ମଧ୍ୟ ଅପ୍ରତ୍ୟାଶିତ ଜଟିଳତା ଯୋଗୁଁ ଏପରି ଦୁଃଖଦ ଘଟଣା ଘଟିଥିବା ଅନୁମାନ କରାଯାଉଛି । ଆବେଗ ବଶବର୍ତ୍ତୀ ହୋଇ ହସ୍ପିଟାଲ ଉପରେ ଆକ୍ରୋଶ ପ୍ରକାଶ କରିବା ପରିବର୍ତ୍ତେ, ଏହାର ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଉଚିତ, ଯାହା ଦ୍ୱାରା ପ୍ରକୃତ ସତ୍ୟ ସାମ୍ନାକୁ ଆସିପାରିବ । ପୁରୋହିତ ନର୍ସିଂ ହୋମ ପକ୍ଷରୁ ଡାକ୍ତର ରାମକୃଷ୍ଣ ପୁରୋହିତ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।



## ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଶ୍ରମିକଙ୍କ ଆନ୍ଦୋଳନ

ବରଗଡ଼, ୯ ।୬(ସମିସ)

ଓଡ଼ିଶା ସିଭିଲ୍ ସପ୍ଲାଇ କର୍ପୋରେସନ ହମାଲି ମହାସଂଘ ପକ୍ଷରୁ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରାଯାଇଛି । ଏନେଇ ମହାସଂଘ ପକ୍ଷରୁ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମହାସଂଘର ସୂଚନା ଅନୁଯାୟୀ, ଓଡ଼ିଶା ସିଭିଲ୍ ସପ୍ଲାଇ କର୍ପୋରେସନ ଅଧୀନରେ ଥିବା ଓଏସ୍‌ଡବ୍ଲୁସି, ସିଡବ୍ଲୁସି, ଏଫସିଆଇ, ପିଜି ଓ ଅନ୍ୟାନ୍ୟ ଗୋଦାମରେ ହମାଲି ଶ୍ରମିକମାନେ ପ୍ରାୟ ୩୦ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି । ତେବେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ, ମୁଖ୍ୟ ଯୋଗାଣ ଅଧିକାରୀ, ଜିଲ୍ଲା ପରିଚାଳକ, ମହାପ୍ରବନ୍ଧକ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମାଧାନ ହୋଇନାହିଁ । ଏହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିବାବେଳେ ମହାସଂଘ ପକ୍ଷରୁ ଗତ ୮ ଜୁନ୍ ସୁଦ୍ଧା ସମସ୍ୟାର ସମାଧାନ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା । କିନ୍ତୁ ଦାବିପୂରଣ ଦିଗରେ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇ ନ ଥିବାରୁ ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନର ଚେତାବନୀ ଦେଇଛନ୍ତି । ମହାସଂଘ କହିଛି ଯେ, ସେମାନଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ସମସ୍ତ ହମାଲି ଶ୍ରମିକ ନିଜ ନିଜ ଗୋଦାମରେ କାର୍ଯ୍ୟ ବନ୍ଦ କରିବେ । ଫଳରେ ଧାନ, ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ପରିବହନ ଓ ସଂରକ୍ଷଣ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ରହିଛି । ଓଡ଼ିଶା ସିଭିଲ୍ ସପ୍ଲାଇ କର୍ପୋରେସନ ହମାଲି ମହାସଂଘ ପକ୍ଷରୁ ପ୍ରଶାସନଙ୍କୁ ଶ୍ରମିକମାନଙ୍କ ଦୀର୍ଘଦିନର ସମସ୍ୟା ପ୍ରତି ସହାନୁଭୂତିଶୀଳ ହୋଇ ତୁରନ୍ତ ସମାଧାନର ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ଶ୍ରମିକମାନଙ୍କ ଦାବି ପ୍ରତି ସରକାର ଏବଂ ପ୍ରଶାସନ କିପରି ପଦକ୍ଷେପ ନେଉଛନ୍ତି, ତାହା ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି ।




## ଚାଷୀ ସମସ୍ୟା ନେଇ ରାଜ୍ୟପାଳଙ୍କୁ ବିଜେଡିର ଦାବିପତ୍ର

ବରପାଲି, ୯ ।୬ (ସମିସ): ବରପାଲି ତହସିଲଦାରଙ୍କ ଜରିଆରେ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ରିପୋର୍ଟ ପ୍ରଦାନ ସହ ଦୃଢ ଦାବି ଜଣାଇଛନ୍ତି । ବର୍ତ୍ତମାନର ରୌଦ୍ର ତାପର ପ୍ରଭାବ ଚତୁର୍ଦିଗକୁ ପ୍ରବାହିତ କରୁଥିବାବେଳେ ତାର ସମସ୍ତ ଆଶା ଭରସା ପାଣିରେ ମିଳାଇବାକୁ ବସିଲାଣି । କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ସମସ୍ୟାର ପାହୁଚ ଉପରେ ପାହୁଚ ଚଢିବାକୁ ପଡୁଛି ହେଲେ ସମସ୍ୟା ପିଛା ଛାଡୁନି । ସରକାରୀ ତଦାରଖ ପରେ ଆବଶ୍ୟକ ଟୋକନ କାର୍ଡ ମିଳିନାହିଁ । ନାମକୁ ମାତ୍ର ମିଳିଥିବା କମ୍ କାର୍ଡ ପ୍ରଦାନ କରାଯାଇ ବ୍ୟବସ୍ଥାକୁ ବଞ୍ଚାଇ ରଖାଯାଇଛି । ପ୍ରତ୍ୟେକ ମଣ୍ଡି ଓ ଖଳାରେ ଧାନ ଗଦାଗଦା ପଡ଼ି ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଶତକଡା ୧୦ଭାଗ ରୁ ମଧ୍ୟ କମ୍ ମଣ୍ଡିରୁ ଉଠାଯାଇଛି । ଏହି ପରିପେକ୍ଷୀରେ ବିଜେଡି ତରଫରୁ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ନେତା ଲାଲ ବିକ୍ରମ ସିଂହଦେଓ, ରାଜ୍ୟ ପରିଷଦ ସଭ୍ୟ ଗୌରହରି ମିଶ୍ର, ବରିଷ୍ଠ ନେତା ଟିକାଏତ ମହଓମ୍, ଜିଲ୍ଲା ଯୁବ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଦିଲ୍ଲୀପ ପ୍ରଧାନ, ମହେନ୍ଦ୍ର ମେହେର, ପବିତ୍ର ବାଗ, ବ୍ଲକ ସଭାପତି ତରଣୀ ଦେବତା, ଝରଣା ମେହେର, ପ୍ରେମାଙ୍ଗିନି ବାରିକ, ହିମାଞ୍ଚଳ ସାହୁ, ପ୍ରକାଶ ବାରିକ, କାଉନ୍ସିଲର୍ ସୁରେଶମେହେର, ଦିନେଶ ପ୍ରଧାନ, ଚାଷୀ ନେତା, ରମେଶ ପ୍ରଧାନ, ରାମ ସେଠ୍, ସୁଦାମ ଦାସ, ବଣ୍ଟି ଭୋଇ, ଗୌର ପ୍ରଧାନ ପ୍ରମୁଖ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନିୟ ତହସିଲଦାରଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା । ପରେ ମହାମହିମ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ସହ ଆଗାମୀ ଦିନରେ ଉଚିତ୍ ପଦକ୍ଷେପ ଗ୍ରହଣଯୋଗ୍ୟ ନହେଲେ ବିଜେଡି ରାଜ ରାସ୍ତାକୁ ଓହ୍ଲେଇବା ପାଇଁ ପ୍ରସ୍ତୁତ ବୋଲି ନେତାମାନେ ଚେତାବନୀ ଦେଇଥିଲେ ।



# ଧର୍ମଗଡ଼ ସହରରୁ ମଦଦୋକାନ ହଟାଇବାକୁ ଆନ୍ଦୋଳନ

## ଅବକାରୀ ଅଧୀକ୍ଷକଙ୍କୁ ଚିଠି ଲେଖିଲେ ଏନ୍‌ଏସି ଅଧ୍ୟକ୍ଷ

ଧର୍ମଗଡ଼, ୯ ।୬(ସମିସ)

ଧର୍ମଗଡ଼ ସହର ମଧ୍ୟରେ ଥିବା ବିଦେଶୀ ମଦ ଦୋକାନ ଓ ମଦଭାଟିକୁ ଜନବସତି ଅଞ୍ଚଳରୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି । ସହରର ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି କଳାହାଣ୍ଡି ଅବକାରୀ ଅଧୀକ୍ଷକଙ୍କୁ ଏକ ସରକାରୀ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।ସୂଚନା ଅନୁଯାୟୀ, ଧର୍ମଗଡ଼ 'ସଚେତନ ନାଗରିକ ମଞ୍ଚ' ପକ୍ଷରୁ ଏନ୍‌ଏସି ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିଲା । ନାଗରିକ ମଞ୍ଚର ଅଭିଯୋଗ ଅନୁସାରେ, ଧର୍ମଗଡ଼ ଚାରିଛକରୁ କେନ୍ଦ୍ରୀୟ ବିଦ୍ୟାଳୟକୁ ଯିବା ମୁଖ୍ୟ ରାସ୍ତାପାର୍ଶ୍ୱରେ ଶ୍ରୀ ପାରଦେଶ୍ୱର ମହାପ୍ରଭୁଙ୍କ ମନ୍ଦିର ଅବସ୍ଥିତ । ଏହି ବ୍ୟସ୍ତବହୁଳ ରାସ୍ତା ଦେଇ ପ୍ରତିଦିନ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାୟ ୭ଶହରୁ ଅଧିକ ଛାତ୍ରଛାତ୍ରୀ ଏବଂ ମନ୍ଦିରକୁ ଶ୍ରଦ୍ଧାଳୁମାନେ ଯାତାୟାତ କରିଥାନ୍ତି । ଏହି ରାସ୍ତା କଡ଼ରେ ଶତାଧିକ ପରିବାର ମଧ୍ୟ ବସବାସ କରନ୍ତି ।ମାତ୍ର ଦୁଃଖର ବିଷୟ, ଏହି ମୁଖ୍ୟ ରାସ୍ତା ଉପରେ ହିଁ ଏକ ବିଦେଶୀ ମଦ ଦୋକାନ ଏବଂ ବଗାଡ଼ ଯିବା ରାସ୍ତା ଠାରେ ଦେଶୀ ମଦଭାଟି ଚାଲୁ ରହିଛି । ମଦ୍ୟପଙ୍କ ଉତ୍ପାତ ଓ ମାତାଲ ଅବସ୍ଥାରେ ଗାଡ଼ି ଚାଳନା ଯୋଗୁଁ ଏଠାରେ ପୂର୍ବରୁ ଅନେକ ଦୁର୍ଘଟଣା ଘଟିସାରିଛି । ଏହି ମଦ ଦୋକାନ ଯୋଗୁଁ ସ୍ଥାନୀୟ ମହିଳା, ସ୍କୁଲ କଲେଜ ପଢୁଥିବା ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ସମ୍ପୂର୍ଣ୍ଣ ଅସୁରକ୍ଷିତ ମଣୁଛନ୍ତି ଓ ଅଞ୍ଚଳର ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେଉଛି ।ଜନସାଧାରଣଙ୍କ ଏହି ଗମ୍ଭୀର ସମସ୍ୟାକୁ ବିଚାରକୁ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦର ସ୍ୱତନ୍ତ୍ର ବୈଠକରେ ସର୍ବସମ୍ମତିକ୍ରମେ ମଦ ଦୋକାନ ହଟାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ସମୂହ ସ୍ୱାର୍ଥ ରକ୍ଷା ପାଇଁ ଉକ୍ତ ଦୁଇଟି ବିଦେଶୀ ମଦ ଦୋକାନ ଓ ଦେଶୀ ମଦଭାଟିକୁ ସହର ବାହାରକୁ ସ୍ଥାନାନ୍ତରେ କରିବାକୁ ଏନ୍‌ଏସି ଅଧ୍ୟକ୍ଷ ଅନୁରୋଧ କରିଛନ୍ତି । ଏଥିସହ ଏହି ସରକାରୀ ଚିଠିର ନକଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅବକାରୀ ମନ୍ତ୍ରୀ, କଳାହାଣ୍ଡି ଜିଲ୍ଲାପାଳ ଏବଂ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ନିକଟକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି ।

# ଏସ୍‌ଆଇଆର୍ ସମ୍ପର୍କରେ ଜଣାଅଜଣା କାର୍ଯ୍ୟକ୍ରମ

ଦେବଗଡ଼, ୯।୬(ସମିସ): ନିର୍ବାଚନ ଆୟୋଗ ନିର୍ଦ୍ଦେଶ କ୍ରମେ ୧୯ ଦେବଗଡ଼ ନିର୍ବାଚନ ମଣ୍ଡଳିର ତିନି ବ୍ଲକ ଓ ପୌରାଞ୍ଚଳରେ ଓଡ଼ିଶାର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଘୋଷଣା କରାଯାଇଛି । ଭୋଟରଙ୍କୁ ସକ୍ରିୟ ସହଯୋଗ କରିବା ଉଦ୍ଦେଶ୍ୟରେ ସୋମବାର ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଜଣା ଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



ଜିଲ୍ଲାସ୍ତରୀୟ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଏଲ୍‌ଡିଏମ୍ ଆର୍ କେ ମହାନ୍ତି, ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧିରୁଆ ପ୍ରମୁଖ ସଠିକ୍ ଉତ୍ତର ଦେଇ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ବନଖଣ୍ଡ ଅଧିକାରୀ ମିସ୍ ରଶ୍ମି ଜି ଓ ଜିଲ୍ଲାପାଳ ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନଙ୍କଠାରୁ ଏସଆଇଆର୍ କ୍ୟାପ୍ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଜଣା ଅଜଣା ପ୍ରଶ୍ନ ଗୁଡ଼ିକ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପରିକ୍ଷୀତ ସାହୁ ପ୍ରସ୍ତୁତ କରିଥିବାବେଳେ ତାଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସହଯୋଗ କରିଥିଲେ ।

# କାଉପଦରଘାଟିରେ ପିକ୍‌ଅପ୍ ଓଲଟି ୬ଗୁରୁତର; ୧୪ ଆହତ

ମ. ରାମପୁର, ୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ମ. ରାମପୁର ଥାନା ମାଣିକେରା ପଞ୍ଚାୟତରେ ମର୍ମନ୍ତୁଦ ଦୁର୍ଘଟଣାରେ ଗୋଟିଏ ଗାଁର ୧୪ ଜଣ ଆହତ ହୋଇଛନ୍ତି । ଆହତ ସମସ୍ତେ ମହିଳା ହୋଇ ଥିବା ବେଳେ ସେମାନଙ୍କ ମଧ୍ୟରୁ ୬ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରା ଯାଇଛି । ପ୍ରାପ୍ତ ସୂଚନା ମୁତାବକ ମାଣିକେରା ପଞ୍ଚାୟତର କାମରେଙ୍ଗ ଗାଁରୁ ବାହାଘର ଭୋଜି ଖାଇ ଦେଢ଼ଶୁଳି ପଞ୍ଚାୟତର କାଉପଦର ଠାରୁ ସନ୍ଧ୍ୟାରେ ଫେରୁଥିବା ବେଳେ



କାଉପଦର ଘାଟିରେ ପିକଅପ୍ ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡ଼ିଥିଲା । ଦୁର୍ଘଟଣାରେ କାମରେଙ୍ଗ ଗ୍ରାମର ଚୁମୁକି ମାଝୀ (୧୪), ବାସନ୍ତୀ ମାଝୀ (୪୮), ଯମୁନା ମାଝୀ (୧୬)ବାଦୁଲି ମାଝୀ (୪୮), ନିରନ୍ତି ମାଝୀ (୬୫), ଲଟିଲି ମାଝୀ (୫୮), ସୁବନ୍ତି ମାଝୀ (୪୮), ଫିରୋଜ ମାଝୀ (୩), ସଡିଲି ମାଝୀ (୫), ଉତ୍ତମ ମାଝୀ(୬), ଜସ୍ମିନ ମାଝୀ(୧୧), ନିଟାଲୀ ମାଝୀ (୪୦), ସୁଷମା ମାଝୀ(୧୭), ସୁମିତ୍ରା ମାଝୀ(୮) ଅଛନ୍ତି ।ଏମାନଙ୍କ ମଧ୍ୟରୁ ୬ ଜଣ ଗୁରୁତରଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରା ଯାଇଛି । ମେଡିକାଲରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ ପହଞ୍ଚି ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନ୍ତନ୍ତରରେ ସହଯୋଗ କରି ଥିଲେ ।

### ● ତୁଣ୍ଡଲାଗ୍ରାମରେ କାଳବୈଶାଖୀର ତାଣ୍ଡବ

# ୨୫ ମିନିଟ୍‌ରେ ୨୫ ଘର କ୍ଷତିଗ୍ରସ୍ତ



କେସିଙ୍ଗା, ୯ ।୬(ସମିସ): ସୋମବାର ସନ୍ଧ୍ୟାରେ କେସିଙ୍ଗା ବ୍ଲକର ତୁଣ୍ଡଲା ପଞ୍ଚାୟତର କିଛି ଗ୍ରାମରେ କାଳବୈଶାଖୀ ଦେଖାଇଛି ତାର ବିକାଳ ରୂପ । ମାତ୍ର ୨୫ ମିନିଟ୍‌ର କାଳବୈଶାଖୀରେ ଅଞ୍ଚଳର ପ୍ରାୟ ୨୫ ଗୋଟି ଘର ଭାଙ୍ଗିଯାଇଥିବା ଖବର ମିଳିଛି । ତୁଣ୍ଡଲା ପଞ୍ଚାୟତର ତୁଣ୍ଡଲା, ବନ୍ଧପଡ଼ା, ଖଜୁରପଡ଼ା ଗ୍ରାମର ପ୍ରାୟ ୨୫ଟି ଘର ଉକ୍ତ ତାଣ୍ଡବାରେ ଭାଙ୍ଗି ଯାଇଛି ।ଅନେକ ଗୁଡ଼ିଏ ବିଦ୍ୟୁତ୍ ପୋଲ ଭାଙ୍ଗି ବିଦ୍ୟୁତ୍ ସରାବରାହରେ ବ୍ୟାଘାତ ଘଟିଛି । ଗଛ ଗୁଡ଼ାକ ଉପୁଡ଼ି ଅମାଠ ଭାୟା ମଦନପୁରରାମପୁର ହୋଇ ବ୍ରହ୍ମପୁର ଯିବା ରାସ୍ତା ଅବରୋଧ ହୋଇ ପଡ଼ିଥିଲା କେସିଙ୍ଗା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ପରେ ଗାଡିମଟର ଚଳାଚଳ ସ୍ୱାଭାବିକ ହୋଇଥିଲା ।ମଙ୍ଗଳବାର ସକାଳୁ ତୁଣ୍ଡଲା ସରପଞ୍ଚ ସରୋଜ ସେଠ, କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥ ରଣା, ଅଞ୍ଚଳର ରାଜସ୍ୱ ନିରୀକ୍ଷକ ସରୋଜ କୁମାର ତାଣ୍ଡି ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ କ୍ଷୟକ୍ଷତି ଆକଳନ କରିଥିଲେ ।ଘର ଭାଙ୍ଗି ଯାଇଥିବା କିଛି ପରିବାରକୁ ପଞ୍ଚାୟତର ବିଭିନ୍ନ ବିଲ୍ଡିଂ ମାନକରେ ରଖି ପଞ୍ଚାୟତ ତରଫରୁ ସେମାନଙ୍କୁ ସୁଖା ଖାଦ୍ୟ ବଣ୍ଟନ କରା ଯାଉଛି କିଛି ପରିବାର କୁ ତାରପୁଲିନ ଦିଆଯାଇ ଥିବା ପଞ୍ଚାୟତନିର୍ବାହୀ ଅଧିକାରୀ ପ୍ରକାଶ କରିବା ସହିତ କ୍ଷୟକ୍ଷତି ଆକଳନ ଯଥାଶୀଘ୍ର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ପଠାଇ ଲୋକଙ୍କୁ କ୍ଷତି ପୂରଣ ଦିଆଯିବ ବୋଲି ପ୍ରକାଶ କରିଥିଲେ ।ସେପଟେ ପୀଡ଼ିତ ପରିବାର ମଧ୍ୟ ବର୍ଷା ଆଗରୁ କ୍ଷୟକ୍ଷତି ପ୍ରଦାନ କରିବାକୁ ଦାବୀ କରିଛନ୍ତି ।

# ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ୧୦ ବର୍ଷ ପୂର୍ତ୍ତି

ଦେବଗଡ଼, ୯।୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ



ଅଭିଯାନର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେବଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଦେବଗଡ଼ ଜିଲ୍ଲାର ସମସ୍ତ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ରକ୍ତ ଓ ପରିସ୍ରା ନମୂନା ପରୀକ୍ଷଣ କରାଯାଇଥିଲା । ୫ଶହରୁ ଉର୍ଦ୍ଧ୍ୱ ଗର୍ଭବତୀ ସେବା ପାଇଥିଲେ । କାର୍ଯ୍ୟକ୍ରମରେ ଡାକ୍ତର ମନୋରଞ୍ଜନ ସାମଲ ଓ ଡାକ୍ତର ପ୍ରଭାତ କୁମାର ଓଝା, ଡାକ୍ତର ମାସାଙ୍ଗ ମୁର୍ମୁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ସୁଶାନ୍ତ କୁମାର ପ୍ରହରାଜ, ଉପ ପରିଚାଳକ ମାତୃ ଏବଂ ଶିଶୁସ୍ୱାସ୍ଥ୍ୟ ଦୁଷ୍ମନ୍ତ କୁମାର ସୂତାର, ଡାକ୍ତରଖାନା ପରିଚାଳକ ଜତିନ କୁମାର ଭଇଂସା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏସ୍‌ବିଆଇ ଗ୍ରାମ ସକ୍ଷମ' ପ୍ରକଳ୍ପର ସଚେତନତା ସଭା



ଲାଞ୍ଜିଗଡ଼, ୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତର କୁମାରଗୁଡାରେ ଏସ୍‌ବିଆଇ ଓ ଗ୍ରାମ ସକ୍ଷମ ପ୍ରକଳ୍ପ ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ଼.ସଚିନନ୍ଦନ ସେନାପତି, ଡ଼.ବିବେକ ସାହୁ ଏବଂ ସ୍ୱାସ୍ଥ୍ୟ ସମ୍ପର୍କ ସଂଯୋଜକ କର୍ଣ୍ଣ ସାହୁ ଯୋଗଦେଇ ପରିବେଶ ଓ ଲୋକମାନଙ୍କ ଜୀବନ ଜୀବିକା ଓ ବିକାଶ ଦିଗରେ ସ୍ଥାୟୀ ସମୃଦ୍ଧି ପାଇଁ ବାର୍ତ୍ତା ଦେଇଥିଲେ । ଏସବିଆଇ ଓ ଗ୍ରାମ ସକ୍ଷମ ପ୍ରକଳ୍ପ ଦ୍ୱାରା ପରିଚାଳିତ ୧୦ଟି ଗାଁରେ ପରିବେଶ ସନ୍ତୁଳନ ଏବଂ ଗ୍ରାମୀଣ ଜୀବିକା ବିକାଶକୁ ଅଧିକ ସୁଦୃଢ଼ କରିବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି । ଏସବିଆଇ ଫାଉଣ୍ଡେସନ୍‌ର ଆର୍ଥିକ ସହାୟତା ଓ ଗ୍ରାମ ବିକାଶର ବୈଷୟିକ ଜ୍ଞାନକୌଶଳରେ ୫ଟି ଗାଁ ଥୁଆଙ୍ଗପଦର, ରୁଘାଗୁଡା, ଲେରମୁହିଁ, ତାଳବୋରା ଏବଂ ରଙ୍ଗିଗୁଡାରେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ଗ୍ରାମ ସେବା ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା, ସେହିପରି ବର୍ତ୍ତମାନ ୫ଟିଗାଁ ଘାଟିକୁଣ୍ଡୁର, ବାରଗୁଡ଼ା, କନ୍ଧସାରଲି, କୁଟିଙ୍ଗପଦର, କମଲେଇକୁ ଅନ୍ତର୍ଭୁକ୍ତ କରି ମୋଟ ୧୦ଟି ଗାଁରେ ୨୦୨୬ ଡିସେମ୍ବର ପର୍ଯ୍ୟନ୍ତ ଗ୍ରାମ ସକ୍ଷମ ପ୍ରକଳ୍ପ ଚାଲୁ ରହିବ । ସଭାରେ ଗ୍ରାମ ଉନ୍ନୟନ କମିଟିସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ ଗୋଷ୍ଠୀ, ଆଶା, ଅଙ୍ଗନବାଡ଼ି କର୍ମୀ, ଚାଷୀ ସଂଗଠନର ସଦସ୍ୟ ସମେତ ଗ୍ରାମବାସୀ ଓ ଗ୍ରାମବିକାଶର କର୍ମୀମାନେ ଅଂଶଗ୍ରହଣ କରିଥିଲେ । ପ୍ରେରଣା କେନ୍ଦ୍ର, କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର, ରାସ୍ତାକଡ ସୋଲାର ଲାଇଟ୍, ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ଗ୍ରାମ୍ୟ ପରିକଳ୍ପନାର ରକ୍ଷଣାବେକ୍ଷଣ ସହ ବହୁ ଉନ୍ନୟନ କାର୍ଯ୍ୟ କରାଯାଉଛି ।କୃଷକ ପ୍ରଶିକ୍ଷଣ, ସଚେତନତା ଶିବିର ଏବଂ ଏକ୍ସପୋଜର ଭିଜିଟ୍ ମାଧ୍ୟମରେ ଉନ୍ନ କୃଷି ପଦ୍ଧତି, ଜୀବିକା ସୁଦୃଢ଼ୀକରଣ ଓ ପ୍ରକଳ୍ପର ଦୀର୍ଘସ୍ଥାୟୀତା ଓ ଆଞ୍ଚଳିକ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିଥିବା ବେଳେ ଏସ୍‌ବିଆଇ ଗ୍ରାମସକ୍ଷମ ପ୍ରକଳ୍ପ ଜଳ, ଜମି ଓ ମନୁଷ୍ୟ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରି ସ୍ଥାୟୀ ବିକାଶର ବାର୍ତ୍ତା ପ୍ରଦାନ କରିଛି ।

# ୮୦% ଦିବ୍ୟାଙ୍ଗଙ୍କୁ ମିଳୁନି ଭତ୍ତା ଓ ଆବାସ ଗୃହ

ଧର୍ମଗଡ଼, ୯ ।୬(ସମିସ): ସରକାର ଦିବ୍ୟାଙ୍ଗ ଓ ଗରିବ ଶ୍ରେଣୀର ଲୋକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ପାଇଁ ବିଭିନ୍ନ କଲ୍ୟାଣମୂଳକ ଯୋଜନା ପ୍ରଣୟନ କରୁଥିବା ବେଳେ ତୃଣମୂଳ ସ୍ତରରେ ପ୍ରଶାସନିକ ଅବହେଳା ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ସେହି ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ଉଠିଛି । ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ନୁଆଗାଁ ଗ୍ରାମପଞ୍ଚାୟତ ପଦମପୁର ଗ୍ରାମର ହେମନ୍ତ ମଙ୍ଗରାଜଙ୍କ ପୁଅ ବିରାଂଶୁ ମଙ୍ଗରାଜ ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ବିରାଂଶୁଙ୍କ ପାଖରେ ୮୦ ପ୍ରତିଶତ ଦିବ୍ୟାଙ୍ଗତା ପ୍ରମାଣପତ୍ର ଥିବା ସତ୍ତ୍ୱେ ସେ ସରକାରଙ୍କ ବର୍ଦ୍ଧିତ ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି ।



ଏନେଇ ପରିବାର ଲୋକେ ବାରମ୍ବାର ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ୮୦ କିମ୍ବା ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତି ଓ ୮୦ ବର୍ଷରୁ ଅଧିକ ବୟସ୍କଙ୍କୁ ମାସିକ ୩, ୫୦୦ ଟଙ୍କା ଭତ୍ତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହାକୁ ନେଇ ସମଗ୍ର ରାଜ୍ୟରେ ଲକ୍ଷାଧିକ ହିତାଧିକାରୀ ଉପକୃତ ହେଉଥିବା ବେଳେ ବିରାଂଶୁଙ୍କ ଭଳି ଯୋଗ୍ୟ ବ୍ୟକ୍ତି ଆଜି ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇନଥିବା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେବଳ ଭତ୍ତା ନୁହେଁ, ଦିବ୍ୟାଙ୍ଗ ଓ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବାସ ଘର ପାଇବାର ଯୋଗ୍ୟତା ଥିବା ସତ୍ତ୍ୱେ ବିରାଂଶୁଙ୍କ ନାମକୁ ତାଲିକାରୁ ବାଦ ଦିଆଯାଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି । ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅବହେଳା ଯୋଗୁଁ ବିରାଂଶୁ ଆବାସ ଯୋଜନାର ସୁବିଧାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି । ସରକାର ଦିବ୍ୟାଙ୍ଗ ଓ ଅସହାୟ ପରିବାରଙ୍କୁ ପ୍ରାଥମିକତା ଦେବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ସୁବିଧାରୁ ବଞ୍ଚିତ କରିବା ପ୍ରଶାସନିକ ଦାୟିତ୍ୱହୀନତାର ପରିଚୟ ଦେଉଛି । ସରକାରୀ ଯୋଜନା କାଗଜପତ୍ରରେ ସୀମିତ ରହିଥିବା ବେଳେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନଥିବା ଏହି ଘଟଣା ପୁଣିଥରେ ପ୍ରମାଣିତ କରିଛି ।ଏହି ଘଟଣାକୁ ନେଇ ପଞ୍ଚାୟତ ଓ ବ୍ଲକ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବିରାଂଶୁ ମଙ୍ଗରାଜଙ୍କୁ ବର୍ଦ୍ଧିତ ଦିବ୍ୟାଙ୍ଗ ଭତ୍ତା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବାସ ଘର ପ୍ରଦାନ କରିବା ପାଇଁ ଦାବି ହେଉଛି ।

# ଅସଜଡା ଡିଭାଇଡର, ଘଟୁଛି ଦୁର୍ଘଟଣା



ଖଡ଼ିଆଳ, ୯ ।୬(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରରେ ବର୍ଷବର୍ଷ ଧରି ଅସଜଡ଼ା ହୋଇ ପଡ଼ି ରହିଛି ସହର ଭିତରେ ଥିବା ୩୫୩ ନଂ ଜାତୀୟ ରାଜପଥର ଡିଭାଇଡର । ଫଳରେ ହରାଉଛି ସହରର ସୁନ୍ଦରତା ପୁଣି ଘଟୁଛି ଦୁର୍ଘଟଣା । ଖଡ଼ିଆଳ ସହର ଦେଇ ଯାଇଛି ଜାତୀୟ ରାଜପଥ ୩୫୩ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଓ ଜନସାଧାରଣଙ୍କ ସୁବିଧା ପାଇଁ ରାସ୍ତା ମଝିରେ ଡିଭାଇଡର ଦୀର୍ଘ ସାତ ବର୍ଷରୁ ଅଧିକ ଦିନ ହେବ ଖଡ଼ିଆଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରୁ ମେନ ଏସ୍‌ବିଆଇ ବ୍ୟାଙ୍କ ପର୍ଯ୍ୟନ୍ତ ଏକ କିଲୋମିଟର ତିଆରି ହୋଇ ଭଙ୍ଗା ଦଦରା ହୋଇ ପଡ଼ିଥିବା ବେଳେ ଡିଭାଇଡରରେ ମାଟି ଭର୍ତ୍ତି ହୋଇ ଅସଜଡ଼ା ହୋଇରହିଛି । ଫଳରେ ମୁଖ୍ୟ ରାସ୍ତା ସୁନ୍ଦରତା ହରାଉଥିବା ବେଳେ ଡିଭାଇଡରରେ ସହିତ ବୁଲା ଗାଈଗୋରୁଙ୍କ ଆଡ୍ଡା ଜମିବା ସହ ଦୁର୍ଘଟଣା ଘଟୁଛି । ଏଥିପ୍ରତି ଜାତୀୟ ରାଜପଥ ବିଭାଗର ନଜର ଅଛି ନା ଖଡ଼ିଆଳ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନଜର ଅଛି । ଫଳରେ ରାସ୍ତାର ଅସୁନ୍ଦରତା ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ନିର୍ମାଣ ହୋଇଥିବା ଡିଭାଇଡରକୁ ସୌନ୍ଦର୍ଯ୍ୟକରଣ ଯୋଜନାରେ ସାମିଲ କରି ସମ୍ପୂର୍ଣ୍ଣ କରିବାକୁ ସହରବାସି ଦାବି କରିଛନ୍ତି ।

### ● ଦୁଇ ବର୍ଷ ପରେ ବି ହେଲାନି ବିଦ୍ୟୁତ୍ ସଂଯୋଗ

# ମହୁଲଭଟା ଚାଷୀଙ୍କ ତୀବ୍ର ଅସନ୍ତୋଷ

କୋମନା, ୯ ।୬(ସମିସ): ସରକାରୀ ଯୋଜନା ଓ ପ୍ରକଳ୍ପ କେବଳ କାଗଜପତ୍ର ଏବଂ ଭିତ୍ତିଭୂମି ନିର୍ମାଣରେ ସୀମିତ ରହିଯାଉଥିବାର ଏକ ନଗ୍ନ ଚିତ୍ର ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଗ୍ରାମରୁ ସାମ୍ନାକୁ ଆସିଛି । ଗ୍ରାମରେ ଚାଷୀଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ଓଡ଼ିଶା ଲିଫ୍ଟ ଇରିଗେସନ ପ୍ରକଳ୍ପ ଦୁଇ ବର୍ଷରୁ ଅଧିକ ସମୟ ହେବ ନିର୍ମାଣ ସରି ପଡ଼ି ରହିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଯୋଗୁଁ ଏହା ଏବେ ବି ଅଚଳ ହୋଇ ରହିଛି । ବିଦ୍ୟୁତ୍ ସଂଯୋଗୀକରଣରେ ବିଳମ୍ବ ଯୋଗୁଁ ସ୍ଥାନୀୟ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି ।ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ମୁତାବକ, ଏହି ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଗ୍ରାମର ବହୁ ଚାଷ ଜମି ଜଳସେଚିତ ହୋଇପାରନ୍ତା । ମାତ୍ର ବିଦ୍ୟୁତ୍ ସଂଯୋଗ ନହେବା ଯୋଗୁଁ ସବୁ କିଛି ବେକାର ସାବ୍ୟସ୍ତ ହୋଇଛି । ଏହି ସମସ୍ୟାର ସମାଧାନ ପାଇଁ ମହୁଲଭଟା ଗ୍ରାମର ଚାଷୀମାନେ ବାରମ୍ବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଓ ମୌଖିକ ଭାବେ ଗୁହାରି କରିଛନ୍ତି । ତଥାପି, ପ୍ରଶାସନ କିମ୍ବା ସମ୍ପୃକ୍ତ ବିଦ୍ୟୁତ ବିଭାଗ ଏଥିପ୍ରତି ସାମାନ୍ୟତମ କର୍ଣ୍ଣପାତ କରୁନାହାନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ପ୍ରକଳ୍ପ ସ୍ଥଳକୁ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫର୍ମର ଆଦିର ବ୍ୟବସ୍ଥା ଦୃଶ୍ୟମାନ ହେଉଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଜାଣିଶୁଣି ଏହାକୁ ସଂଯୋଗ କରୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ପ୍ରଶାସନର ଏଭଳି ଦାୟିତ୍ୱହୀନତା ଯୋଗୁଁ ଖରିଫ ଓ ରବି ଋତୁରେ ଚାଷ କାର୍ଯ୍ୟ ପାଇଁ ପାଣି ମୁନ୍ଦେ ନପାଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଏବଂ ଉପରିସ୍ଥ ବିଦ୍ୟୁତ୍ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି ।

# ଏସ୍‌ଆଇଆର୍ ସମ୍ପର୍କରେ ସଚେତନତା



କେସିଙ୍ଗା, ୯ ।୬(ସମିସ): କଳାହାଣ୍ଡି ଜିଲ୍ଲାର କେସିଙ୍ଗା ପ୍ରଶାସନ ପକ୍ଷରୁ ଭୋଟର ତାଲିକାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର୍ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ସଚେତନତା ଶୋଭାଯାତ୍ରା କରାଯାଇଥିଲା । କଳାହାଣ୍ଡି ଉପଜିଲ୍ଲାପାଳ ତଥା ୮୦ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ଅଧିକାରୀ ପ୍ରଭାତ ପରିଡ଼ାଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରା କେସିଙ୍ଗା ଏନ୍‌ଏସି କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ବଲାଙ୍ଗିର ଛକରେ ଶେଷ ହୋଇଥିଲା । କେସିଙ୍ଗାର ସମସ୍ତ କାର୍ଯ୍ୟାଳୟର ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ । ଭୋଟର ତାଲିକାରେ ସଂଶୋଧନର ଗୁରୁତ୍ୱ, ଗଣନା ଫର୍ମର ବଣ୍ଟନ, ଦାଖଲ ଏବଂ ଏସଆଇ ଆର୍ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ବୋଲି ନିର୍ବାଚନ ଅଧିକାରୀ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡିଓ ଜନ୍ମେଜୟ ସ୍ୱାଇଁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ସିଡିପି ଓ ସୁଷମା ମିଶ୍ରଙ୍କ ସମେତ ଅଙ୍ଗନବାଡ଼ି ଦିଦି, ଆଶା ଦିଦିମାନେ ଯୋଗ ଦେଇ ସଘନ ସଂଶୋଧନ ପାଇଁ ଲୋକଙ୍କୁ ସଚେତନ କରାଇଥିଲେ ।

# ଶ୍ରମିକ ଭବନ 'ଅନିତ ଭବନ' ଉଦ୍‌ଘାଟିତ

ଇବଥର୍ମାଲ, ୯।୬(ସମିସ)






ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଇଲା କ୍ଷେତ୍ର ବନ୍ଧବାହାଲ କଲୋନୀଠାରେ ଏଆଇଟିୟୁସି ଅନୁବନ୍ଧିତ ବ୍ରଜରାଜନଗର କୋଲ୍‌ମାଇନ୍ସ ୱାର୍କର୍ସ ୟୁନିୟନ ପକ୍ଷରୁ ଆଜି ନବନିର୍ମିତ ୟୁନିୟନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଲଖନପୁର କୋଇଲା କ୍ଷେତ୍ର ପକ୍ଷରୁ ୧୬ଲକ୍ଷ ଟଙ୍କାରେ ନିର୍ମିତ ଏହି ଭବନକୁ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଆଇଟିୟୁସିର ବରିଷ୍ଠ ନେତା ସ୍ୱର୍ଗତ କମ୍ରେଡ ଅନୀତ ଚକ୍ରବର୍ତ୍ତୀଙ୍କ ନାମ ଅନୁସାରେ ଏହି ନୂତନ ଭବନର ନାମ 'ଅନିତ ଭବନ' ରଖାଯାଇଛି । ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରଥମେ ସ୍ୱର୍ଗତ ଜନନେତା ପ୍ରସନ୍ନ କୁମାର ପଣ୍ଡା ଓ ଅନିତ ଚକ୍ରବର୍ତ୍ତୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ତଥା ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସଭା ପ୍ରାରମ୍ଭରେ ଦିବଂଗତ ନେତା ଅନିତ ଚକ୍ରବର୍ତ୍ତୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ରାଜ୍ୟ ଏଆଇଟିୟୁସି ସାଧାରଣ ସମ୍ପାଦକ ବିଜୟ ଜେନା, ଲଖନପୁର ଖୋଲାମୁହଁ କୋଇଲାଖଣି ମ୍ୟାନେଜର ଲକ୍ଷ୍ମଣ ସିଂହ ଡାଙ୍ଗି, ବିସିଏମଡବ୍ଲୁ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ, ଜିଲ୍ଲା ଏଆଇଟିୟୁସି ସମ୍ପାଦକ ସାରଙ୍ଗଧର ମିଶ୍ର ମାତା ଅନ୍ୟ ଶ୍ରମିକ ସଂଗଠନରୁ ଓସିଏମଏସ୍ ଏରିଆ ସମ୍ପାଦକ ରବୀନ୍ଦ୍ର ପ୍ରସାଦ, ଏଚ୍‌ଏମ୍‌ଏସ୍ ଏରିଆ ସମ୍ପାଦକ ରଞ୍ଜନ କୁମାର ସାହୁ ଓ ବିଏମ୍‌ଏମ୍ ଏରିଆ ସମ୍ପାଦକ ସରୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଜନନେତା ପୂର୍ବତନ ବିଧାୟକ ପ୍ରସନ୍ନ କୁମାର ପଣ୍ଡାଙ୍କ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଃସ୍ୱାର୍ଥପର ସେବା ମନୋଭାବ ସହ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କଲେ ସ୍ୱର୍ଗତ ଆନିତ ଦାଦାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ସ୍ୱର୍ଗତ ଅନିତ ଚକ୍ରବର୍ତ୍ତୀଙ୍କ ସହଧର୍ମିଣୀ ତଥା ପରିବାର ବର୍ଗ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ADMISSION OPEN FOR 2026-27
LOWEST COURSE FEE, BEST RESULT
SRI RAM HIGHER SECONDARY SCHOOL
+2 ARTS
Just Pay 5000/- & Take Admission
Contact: 9777369838 9861284719
SRI RAM SCHOOL & COLLEGE OF NURSING
ANM GNM & BSc. Nursing
Contact:9438617719, 9556245445
SOHELA, DIST.- BARGARH (ODISHA), PH: 9437393719
STIPEND FOR ST/SC & OBC STUDENTS



## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ। ଆୟ ଓ ବ୍ୟୟ ସମାନ ରହିବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଦାନ ଧର୍ମ କରିବେ।

**ବୃଷ:** ଅଚାନକ ଖୁସି ଖବର ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣି ପାରନ୍ତି। ସାମାଜିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଯୋଜନା ମୁତାବକ କାମ କରିବେ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ। ଅଫିସ୍‌ରେ ନୂଆ କାମ ମିଳିପାରେ।

**ତୁଳା:** ପରିଶ୍ରମର ଫଳ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ପେଟଜନିତ ସମସ୍ୟା ହୋଇପାରେ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବନ୍ଧୁ ମିଳନ ଯୋଗ ଅଛି।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଅତ୍ୟଧିକ କାମ ଚାପ ଚିନ୍ତା ବଢ଼ାଇପାରେ।

**ମକର:** ଦିନଟି ସୁଖ ପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କୁମ୍ଭ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

## ଆଜିର ଇତିହାସ

- ୧୮୪୮ - ନ୍ୟୁୟର୍କ ଓ ଚିକାଗୋ ମଧ୍ୟରେ ପ୍ରଥମ ଟେଲିଗ୍ରାଫ୍ ଲିଙ୍କ୍ ଆରମ୍ଭ।
- ୧୯୩୧- ନରୱେ ପୂର୍ବ ଗ୍ରୀନ୍‌ଲ୍ୟାଣ୍ଡ ଉପରେ କବ୍‌ଜା କଲା।
- ୧୯୪୬- ରାଜତନ୍ତ୍ର ଶେଷ ହେବା ପରେ ଇଟାଲୀ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହେଲା।
- ୧୯୬୭- ସିରିୟା ଓ ଇସ୍ରାଏଲ ମଧ୍ୟରେ ୬ ଦିନିଆ ଯୁଦ୍ଧର ପରିସମାପ୍ତି।
- ୨୦୦୩- ନାସାର ମଙ୍ଗଳଯାନ ରୋଭର୍ ଲଞ୍ଚ୍ କରାଗଲା।



## 'ବାରାଣସୀ' ୩୦ ମିନିଟ୍‌ର ଯୁଦ୍ଧ ସିନ୍

ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଏସ୍. ରାଜମୌଳିଙ୍କ ଚଳଚ୍ଚିତ୍ର 'ବାରାଣସୀ'କୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ୨୦୨୭ ମସିହାର ଏହା ସବୁଠୁ ବଡ଼ ଫିଲ୍ମ ହେବ ବୋଲି ଚର୍ଚ୍ଚା ହେଉଛି। ନିକଟରେ ନିର୍ଦ୍ଦେଶକ ରାଜମୌଳିଙ୍କ ପିତା ତଥା ଚଳଚ୍ଚିତ୍ରର ଲେଖକ ବିଜୟେନ୍ଦ୍ର ପ୍ରସାଦ ଏଥିରେ ରାମ ଓ କୁମ୍ଭକର୍ଣ୍ଣଙ୍କ ମଧ୍ୟରେ ଏକ ଯୁଦ୍ଧ ସିନ୍ ରହିବ ବୋଲି ସ୍ପଷ୍ଟ କରିବା ପରେ ଏହା ଦର୍ଶକଙ୍କ ଉତ୍ସାହକୁ ଆହୁରି ବଢ଼ାଇ ଦେଇଛି। ବିଜୟେନ୍ଦ୍ର କହିଛନ୍ତି ଯେ, 'ଫିଲ୍ମରେ ରାମ ଓ କୁମ୍ଭକର୍ଣ୍ଣଙ୍କ ମଧ୍ୟରେ ପୂରା ୩୦ ମିନିଟ୍‌ର ଏକ ରୋମାଞ୍ଚକର ଯୁଦ୍ଧ ସିନ୍ ରହିବ। ଏହା ହିଁ ପୂରା ଫିଲ୍ମର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଏହି ସିନ୍ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେବ।' ଯଦିଓ ଏଥିରେ ଭଗବାନ ରାମଙ୍କ ଭୂମିକାରେ ମହେଶ ବାବୁ ନଜର ଆସିବେ ହେଲେ କୁମ୍ଭକର୍ଣ୍ଣ ଭୂମିକାରେ ପୃଥ୍ୱୀରାଜ ନଜର ଆସିବେ କି ନାହିଁ ତାହା ସ୍ପଷ୍ଟ ହୋଇନି। ଅନ୍ୟପକ୍ଷରେ ଚଳଚ୍ଚିତ୍ରର ଏହି ସିନ୍‌କୁ ନେଇ ରାଜମୌଳି କହିଛନ୍ତି, "ଆମେ ଏହି ସମ୍ପୂର୍ଣ୍ଣ ଦୃଶ୍ୟର ସୁଟିଂ ୬୦ ଦିନ ଧରି କରିଛୁ ଏବଂ ନିକଟରେ ଏହା ଶେଷ ହୋଇଛି। ଏହାର ପ୍ରତ୍ୟେକ ଅଂଶ ଏକ ସମ୍ପୂର୍ଣ୍ଣ ଚଳଚ୍ଚିତ୍ର ଭଳି ଅନୁଭବ ହେଉଥିଲା, ଯେଉଁଥିପାଇଁ ଆମକୁ ସବୁକିଛି ନୂଆ କରି ଭାବିବାକୁ ଏବଂ ଯୋଜନା କରିବାକୁ ପଡ଼ିଥିଲା। ଶେଷରେ ଆମେ ଏହି ସିନ୍‌ର ସୁଟିଂ ସମ୍ପୂର୍ଣ୍ଣ କରିଛୁ। ଏହା ମହେଶ ବାବୁ ଏବଂ ମୋ ପାଇଁ କ୍ୟାରିୟରର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ।" ଏହି ସିନ୍‌ର ଝଲକ ଯେତେବେଳେ ଟ୍ରେଲର୍‌ରେ ଦେଖିବାକୁ ମିଳିଥିଲା ସେତେବେଳେ ଫିଲ୍ମଟି ଟାଇମ୍ ଟ୍ରାଭେଲ ଉପରେ ଆଧାରିତ ହେବ ବୋଲି ଦର୍ଶକେ ଅନୁମାନ କରୁଥିଲେ। ଏବେ ତାହା ଭୁଲ୍ ପ୍ରମାଣିତ ହୋଇଛି। 'ବାରାଣସୀ'ରେ ମହେଶବାବୁ, ପୃଥ୍ୱୀରାଜଙ୍କ ବ୍ୟତୀତ ପ୍ରିୟଙ୍କା ଚୋପ୍ରା ବି ନଜର ଆସିବେ। ପ୍ରିୟଙ୍କା ଏହି ଫିଲ୍ମ ମାଧ୍ୟମରେ ବହୁଦିନ ପରେ ଭାରତୀୟ ସିନେମାକୁ ଫେରୁଛନ୍ତି। ଏଥିରେ ସେ ମନ୍ଦାକିନୀ ଭୂମିକାରେ ନଜର ଆସିବେ। ୭ ଅପ୍ରେଲ୍, ୨୦୨୭ରେ ଏହା ରିଲିଜ୍ ହେବ।

## ବିଶ୍ୱ ଚକ୍ଷୁଦାନ ଦିବସ



ମୃତ୍ୟୁ ପରେ ଦୃଷ୍ଟିବାଧିତଙ୍କ ଜୀବନରେ ଆଲୋକ ଆଣିବା ପାଇଁ ଚକ୍ଷୁଦାନ ଏକ ମହାନ ସାମାଜିକ ଦାୟିତ୍ୱ। ଚକ୍ଷୁ ଦାନ କରିବାକୁ ସଂକଳ୍ପ ନେବା, ଏସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୧୦ ତାରିଖକୁ ବିଶ୍ୱ ଚକ୍ଷୁଦାନ ଦିବସ ଭାବେ ପାଳନ କରାଯାଏ। ଚକ୍ଷୁଦାନ ହେଉଛି ସବୁଠୁ ମହତ୍ ତଥା ବଡ଼ ଦାନ। ଆମ ଦେଶରେ ଆଜି ବି ଅନେକ ଲୋକ ଦୁର୍ଘଟଣାବଶତଃ ଦୃଷ୍ଟିଶକ୍ତି ହରାଇଥିବା ବେଳେ ଅନେକ ଜନ୍ମରୁ ଦୃଷ୍ଟିବାଧିତ ହୋଇଥାନ୍ତି। ତେବେ ଚକ୍ଷୁଦାନ ଦ୍ୱାରା ଜଣେ ଦୃଷ୍ଟିବାଧିତ ଦୃଷ୍ଟିଶକ୍ତି ଫେରିପାଆନ୍ତି। ଦେଶରେ ପ୍ରତିବର୍ଷ ୮୦ରୁ ୯୦ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି। ଏଥିରୁ ଚକ୍ଷୁଦାନ ୨୫ ହଜାର ପାଖାପାଖି ହୋଇଥାଏ। ଅବଶ୍ୟ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି, ଚକ୍ଷୁଦାନ କରୁଥିବା ଲୋକଙ୍କ ସଂଖ୍ୟା ଆଦୌ ସନ୍ତୋଷଜନକ ନୁହେଁ। ମଣିଷ ଶରୀରର ମୃତ୍ୟୁ ଅଛି, କିନ୍ତୁ ଚକ୍ଷୁର ମୃତ୍ୟୁ ନାହିଁ। ମଣିଷ ମୃତ୍ୟୁ ଘଟିବାର ୪ରୁ ୬ଘଣ୍ଟା ପର୍ଯ୍ୟନ୍ତ ଚକ୍ଷୁ ଜୀବିତ ଥାଏ। ତାକୁ ନେଇ ଅନ୍ୟ ଜଣଙ୍କଠାରେ ପ୍ରତିରୋପଣ କରାଯାଇପାରିବ। ଫଳରେ ଜଣେ ଦୃଷ୍ଟିହୀନ ମଧ୍ୟ ଦୁନିଆ ଦେଖିପାରିବେ। ହେଲେ ସାମାଜିକ ଓ ଧାର୍ମିକ ପରମ୍ପରା କିମ୍ବା ଭୟ ଓ ଦ୍ୱନ୍ଦ ଯୋଗୁଁ ଲୋକମାନେ ଚକ୍ଷୁଦାନ ପାଇଁ ଆଗ୍ରହ ପ୍ରକାଶ କରିନଥାନ୍ତି। ତେଣୁ ସମସ୍ତଙ୍କୁ ଚକ୍ଷୁଦାନ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ସେହିପରି ନେତ୍ରଦାନ ପ୍ରକ୍ରିୟା ଖୁବ୍ ସରଳ। ଏହି ପ୍ରକ୍ରିୟା ୧୦-୨୦ ମିନିଟ୍ ମଧ୍ୟରେ ଶେଷ ହୋଇଥାଏ। ଏଥିରେ ମୁହଁର କୌଣସି ବିକୃତି ଘଟି ନଥାଏ। ମଧୁମେହ, ଆଜ୍‌ମା, ଉଚ୍ଚ ରକ୍ତଚାପ ରୋଗୀ, ହୃଦ୍ ରୋଗୀ ଚକ୍ଷୁଦାନ କରିପାରିବେ। ହେଲେ ଏଡସ୍, ହେପାଟାଇଟିସ୍, ରକ୍ତ କର୍କଟ, ବ୍ରେନ ଟ୍ୟୁମରରେ ପୀଡ଼ିତ ରୋଗୀ ଚକ୍ଷୁଦାନ କରିପାରିବେ ନାହିଁ। ନେତ୍ରଦାନ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତି ନିଜ ରାଜ୍ୟର ସ୍ୱୀକୃତିପ୍ରାପ୍ତ ଆଇ ବ୍ୟାଙ୍କରେ ପଞ୍ଜିକରଣ କରିପାରିବେ। ଏହାବାଦ୍ ସରକାରୀ ହସ୍ପିଟାଲ୍ କିମ୍ବା ରେଡ୍‌କ୍ରସ୍ ସୋସାଇଟି ସହ ଯୋଗାଯୋଗ କରି ନେତ୍ରଦାନ ଫର୍ମ ପୂରଣ କରିପାରିବେ।

## ଫୋନ୍‌ରେ ଶିଶୁର କାରନାମା

### ଘରେ ପହଞ୍ଚିଲା ୩୧ ବର୍ଗର

ଆଜିର ଟେକ୍ନୋଲୋଜି ଦୁନିଆରେ ମୋବାଇଲ ବ୍ୟବହାର ସାଧାରଣ କଥା। କୁନି କୁନି ପିଲାଠୁ ଆରମ୍ଭ କରି ପରିଣତ ବୟସରେ ଉପସ୍ଥିତ ଲୋକେ ସମସ୍ତେ ମୋବାଇଲ ବ୍ୟବହାର କରୁଛନ୍ତି। ଏହି କାରଣରୁ ଅନେକ ସମୟରେ ପିଲାମାନେ ଅନ୍‌ଲାଇନ୍ ଗେମ୍ ଖେଳି ଅଜାଣତରେ ଅଭିଭାବକଙ୍କ ଆକାଉଣ୍ଟରୁ ହଜାର ହଜାର ଟଙ୍କା ଉଡ଼ାଇ ଦେଉଥିବାର ନଜିର ରହିଛି। ଏପରି ଏକ ଅଜବ ଘଟଣା ନିକଟରେ ଟେକ୍ସାସ୍‌ରେ ଦେଖିବାକୁ ମିଳିଛି। ଏଠାରେ ଏକ ଦୁଇବର୍ଷର ଶିଶୁ ଫୋନ୍‌ରେ ଖେଳିବା ସମୟରେ ମ୍ୟାକ୍‌ଡୋନାଲ୍ଡରୁ ୩୧ ଚିଜ୍ ବର୍ଗର ତୁରନ୍ତ ଡେଲିଭରି କରାଇବା ପାଇଁ ଅର୍ଡର ଦେଇ ସମସ୍ତଙ୍କୁ ଚକିତ କରି ଦେଇଛି। ତେବେ ପିଲାଟି ଫୋନ୍‌ରେ ଗେମ୍ ଖେଳୁଥିବା ସମୟରେ ତାର ମା' ପାଖରେ ଉପସ୍ଥିତ ଥିଲେ। ହେଲେ ସେ କିଛି ସମୟ ପାଇଁ ପିଲାଠୁ ଦୂରେଇ ଯିବା ପରେ ସେ ଏହି କାରନାମା କରିଥିଲା। ହେଲେ ପିଲାଟିର ଏହି କାର୍ଯ୍ୟ ସମ୍ପର୍କରେ ପୂରା ପରିବାର ଟେର୍ ପାଇ ନ ଥିଲା। କିଛି ସମୟ ପରେ ଘର ବାହାରେ ଡେଲିଭରି ବୟ ପହଞ୍ଚିଥିଲେ। ତାଙ୍କ ହାତରେ ବର୍ଗରର ବଡ଼ ବ୍ୟାଗ୍ ଦେଖି ପରିବାର ଲୋକେ ଚକିତ ହୋଇ ଯାଇଥିଲେ। ପ୍ରଥମେ ଭୁଲ୍‌ବଶତଃ ଅନ୍ୟର ଅର୍ଡର ତାଙ୍କ ଘରକୁ ଆସିଯାଇଛି ବୋଲି ମା' ଭାବିଥିଲେ। ହେଲେ ଡେଲିଭରି ବୟଙ୍କଠାରୁ ଅର୍ଡର କଥା ଶୁଣି ଫୋନ୍ ଚେକ୍ କରିବା ପରେ ସମସ୍ତ ଘଟଣା ସେ ଜାଣି ପାରିଥିଲେ। ତାଙ୍କ ଦୁଇ ବର୍ଷର ପୁଅ ଏହା କରିଛି ବୋଲି ସେ ଜାଣି ପାରିଥିଲେ। ତେବେ ଏହି ଅର୍ଡର ଭାରତୀୟ ମୁଦ୍ରାରେ ପାଖାପାଖି ସାତହଜାର ଟଙ୍କାର ଥିଲା। ପରିବାର ଲୋକେ ଏତେ ସଂଖ୍ୟାରେ ବର୍ଗର ଖାଇପାରିବେନି ବୋଲି ପାଖ ପଡ଼ୋଶୀ ଓ ଜଣାଶୁଣା ଲୋକଙ୍କୁ ଏହାକୁ ବାଣ୍ଟି ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଭାଇରାଲ ହେବା ପରେ ଲୋକେ ଏହାକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ସମ୍ଭାବନା



## ଏଆଇ ଆଧାରିତ ସାକ୍ଷାତକାର




କୃତ୍ରିମ ବୁଦ୍ଧିମତା ଏବେ ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଏବେ ଏହାର ଉପଯୋଗ ସାକ୍ଷାତକାରରେ ବି କରାଯାଉଛି। ଅନେକ କମ୍ପାନି ବାୟୋଡାଟା ସ୍କ୍ରିନିଂ, ପ୍ରାରମ୍ଭିକ ସାକ୍ଷାତକାର ପର୍ଯ୍ୟାୟ ଲାଗି ଏଆଇ ବ୍ୟବହାର କରୁଛନ୍ତି। ବିଶେଷଜ୍ଞଙ୍କ କହିବା କଥା, ଏଆଇ ଆଧାରିତ ସାକ୍ଷାତକାର ଆଗାମୀ ଦିନରେ ସାଧାରଣ କଥା ପାଲଟିବ।

ଏଆଇ ସାକ୍ଷାତକାରରେ ଲୋକଙ୍କୁ ଭିଡିଓ, ଅଡିଓ ଏବଂ ଟେକ୍ସଟ୍ ମାଧ୍ୟମରେ ପ୍ରଶ୍ନର ଉତ୍ତର ଦେବାକୁ ହୁଏ। ଏହା ପରେ ଏଆଇ ଲୋକଙ୍କ ଉତ୍ତର, ଭାଷା କୌଶଳ, ସମସ୍ୟା ସମାଧାନ କ୍ଷମତା, ଚାକିରି ଲାଗି ଉପଯୁକ୍ତ କି ନାହିଁ ବିଶ୍ଳେଷଣ କରେ। ଏଆଇ ଆଧାରିତ ସାକ୍ଷାତକାରର ଲାଭ ହେଉଛି ଏହାଦ୍ୱାରା କମ୍ପାନି ଅନେକ ପ୍ରାର୍ଥୀଙ୍କ ମୂଲ୍ୟାଙ୍କନ କମ୍ ସମୟରେ କରିପାରିବ। ଏହାବାଦ୍ ନିଯୁକ୍ତି ପ୍ରକ୍ରିୟା ବି ଶୀଘ୍ର ହୁଏ। ଏଥିଯୋଗୁ ଏଚ୍‌ଆର୍‌ଟିମ୍‌ର କାମ ମଧ୍ୟ ହାଲୁକା ହୁଏ।

କମ୍ପାନିରେ ଯଦି ଏଆଇ ଆଧାରିତ ସାକ୍ଷାତକାର ନିଆଯାଉଛି, ତେବେ ପ୍ରାର୍ଥୀଙ୍କୁ କେବଳ ବିଷୟ ଭିତ୍ତିକ ଜ୍ଞାନ ଉପରେ ଧ୍ୟାନ ଦେଲେ ଚଳିବ ନାହିଁ, ବରଂ ସ୍ପଷ୍ଟ ଓ ଆତ୍ମବିଶ୍ୱାସର ସହ ଉତ୍ତର ଦେବା ଜରୁରି। ଏଆଇ ସିଷ୍ଟମ ଅନେକ ସମୟରେ ପ୍ରାର୍ଥୀଙ୍କ ତର୍କ ଏବଂ ସଞ୍ଚାର କୌଶଳକୁ ଗୁରୁତ୍ୱ ଦିଏ। ତେଣୁ ଚାକିରି ବିବରଣୀକୁ ଧ୍ୟାନରେ ପଢ଼ିବା ଏବଂ ତା' ସହ ଜଡ଼ିତ କୌଶଳକୁ ନିଜ ଉତ୍ତରରେ ସାମିଲ କରିବା ଉଚିତ। ଏହାବାଦ୍ ମକ୍ ଇଣ୍ଟରଭ୍ୟୁର ଅଭ୍ୟାସ କରିବା ଦରକାର। ଭବିଷ୍ୟତରେ ପ୍ରାର୍ଥୀଙ୍କୁ ଏଆଇ ସହିତ ପ୍ରଭାବୀ ଶୈଳୀରେ କାମ କରିବାକୁ ପଡ଼ିବ ବୋଲି ବୁଝିବାକୁ ପଡ଼ିବ। ଅନ୍ୟପଟେ ଅନେକ କମ୍ପାନି ଏବେ ଏଆଇ ସାକ୍ଷରତା ଏବଂ ଏଆଇ ଟୁଲର ଉପଯୋଗକୁ ବି ଏକ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଭାବେ ଦେଖୁଛନ୍ତି।

## ଡିଜିଟାଲ ଆସକ୍ତି ଦୂରାଇବ 'ବ୍ରିକ୍'



**ବର୍ତ୍ତମାନ ସମୟରେ ଯୁବପିଢ଼ି ଚାହିଁକି ବି ନିଜ ଫୋନ୍‌ରୁ ଦୂରତ୍ୱ ରକ୍ଷା କରିପାରୁ ନାହାନ୍ତି। ଏହି ସମସ୍ୟାର ସମାଧାନ କରିବ 'ବ୍ରିକ୍'। ଏହା ଏକ ଛୋଟ ଗ୍ୟାଜେଟ୍। ଯାହାକି ଲୋକଙ୍କୁ ଡିଜିଟାଲ ଦୁନିଆରୁ ବାହାରେ ରଖିବାରେ ସାହାଯ୍ୟ କରିବ।**

ବ୍ରିକ୍ ଦେଖିବାକୁ ଏକ ଧଳା ରଙ୍ଗର ପ୍ଲାଷ୍ଟିକ୍ ଖଣ୍ଡ। ଏହା ଏତେ ଛୋଟ ଯେ ଏହାକୁ ସହଜରେ ହାତରେ ଧରିପାରିବେ। ତେବେ ଏହାର ପ୍ରକୃତ କ୍ଷମତା ଏଥିରେ ଥିବା ଟେକ୍‌ନିକ୍‌ରେ ନିହିତ ଅଛି। ଏହା ଫୋନ୍‌ର ସେହି ଆପ୍‌କୁ ନିଜ ନିୟନ୍ତ୍ରଣକୁ ଆଣେ, ଯେଉଁଥିରେ ସବୁଠୁ ଅଧିକ ସମୟ ନଷ୍ଟ ହୋଇଥାଏ। ଏହାକୁ ବ୍ୟବହାର କରିବା ଖୁବ୍ ସହଜ। ଏ ଲାଗି ଫୋନ୍‌ରେ ଏହାର ଏକ ଆପ୍ ଡାଉନଲୋଡ୍ କରିବାକୁ ପଡ଼ିବ। ତା'ସହ ଇନ୍‌ଷ୍ଟା, ଫେସ୍‌ବୁକ୍ କିମ୍ବା କୌଣସି ଗେମ୍ ଆପ୍ ବ୍ଲକ୍ କରିବାକୁ ଚାହୁଁଥିଲେ, ତାହାର ଏକ ତାଲିକା ପ୍ରସ୍ତୁତ କରିବାକୁ ହୁଏ। ଏହାପରେ ଫୋନ୍‌କୁ ଏହି ବ୍ରିକ୍ ନାମକ ଛୋଟ ପଥରରେ ସଂସ୍ପର୍ଶ କଲେ ସମସ୍ତ ଆପ୍ ଲକ୍ ହୋଇଯିବ। ଚାହିଁଲେ ବି ଏହାକୁ ଖୋଲିପାରିବେ ନାହିଁ।

ସେହିପରି ଅନଲକ୍ କରିଥିବା ଆପ୍‌କୁ ସେ ପର୍ଯ୍ୟନ୍ତ ଖୋଲିପାରିବେ ନାହିଁ, ଯେପର୍ଯ୍ୟନ୍ତ ବ୍ରିକ୍ ଫୋନ୍ ସଂସ୍ପର୍ଶରେ ନ ଆସିଛି। ଏହିପରି ଭାବେ ଏହା ଜଣକର ଫୋନ୍‌ରୁ ଧ୍ୟାନ ହଟାଇ ଥାଏ। ଏହି ଛୋଟ ଗ୍ୟାଜେଟ୍ ଯୋଗୁଁ ଲୋକେ ନିଜ ନିଦ ପୂରା କରିପାରୁଛନ୍ତି। କାମରେ ଧ୍ୟାନ କେନ୍ଦ୍ରିତ କରିବା ସହ ପରିବାର ସହିତ ସମୟ ଅତିବାହିତ କରୁଛନ୍ତି।

## କିଭଳି ବଢ଼ିବ ସ୍ମରଣଶକ୍ତି



**ଅନେକ ସମୟରେ ଛାତ୍ରଛାତ୍ରୀ ପଢୁଥିବା ପାଠକୁ ମନେ ରଖି ପାରନ୍ତି ନାହିଁ। ସେହିପରି ସ୍ମରଣଶକ୍ତିକୁ ସଫଳତାର ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ବିଚାର କରାଯାଏ।**

- ମସ୍ତିଷ୍କ ସକ୍ରିୟ ରଖିବା ପାଇଁ ନିତିଦିନ ପଜଲ ସମାଧାନ କରନ୍ତୁ।
- ନୂଆ ଭାଷା ଶିଖିବାକୁ ପ୍ରୟାସ କରନ୍ତୁ। ବହିପଢ଼ା ଅଭ୍ୟାସ ଆପଣାନ୍ତୁ।
- ସେହିପରି ପଢ଼ିଥିବା ବିଷୟକୁ ବିଭିନ୍ନ ସମୟରେ ମନେ ପକାନ୍ତୁ।
- ମେମୋରି ଗେମ୍ ଖେଳନ୍ତୁ। ଯେଉଁଥିରେ ଶବ୍ଦ ଓ ଚିତ୍ର ମନେ ରଖିବାକୁ ପଡୁଥିବ।
- ଚେସ୍ ଖେଳରେ ସମୟ ଅତିବାହିତ କରନ୍ତୁ।
- ଧ୍ୟାନ ଓ ମେଡିଟେସନ କରନ୍ତୁ। ଏକାଗ୍ରତା ବଢ଼ିବ।

## ଭଏସ୍ ଓଭର୍‌ରେ କ୍ୟାରିୟର



**ନିଜର ଦମ୍‌ଦାର ଏବଂ ମଧୁର ସ୍ୱର ମାଧ୍ୟମରେ ଭଏସ୍ ଓଭର୍‌ରେ କ୍ୟାରିୟର କରିବା ସହଜ। ଏହାକୁ ଅଫ୍ କ୍ୟାମେରା ବା ଅଫ୍ ଷ୍ଟେଜ୍ କମେଣ୍ଟ୍ରି ବୋଲି କୁହାଯାଏ। ସେହିପରି ବର୍ତ୍ତମାନ ରିଲ୍ସ, ୟୁଟ୍ୟୁବ୍ ସର୍ଟ, ଅଡିଓବୁକ୍ ଏବଂ ଏଆଇ ଡବିଂ ମଧ୍ୟ ଏହି କ୍ଷେତ୍ରକୁ ଅଧିକ ସହଜ କରିଛି। ଆଜିର ସମୟରେ ଭଏସ୍‌ଓଭରକୁ ନେଇ ଗୋଟିଏ ନୁହେଁ, ବରଂ ବିଭିନ୍ନ କ୍ୟାରିୟର ବିକଳ୍ପ ଅଛି।**

**ଇନ୍‌ଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍:** ଏବେ ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ସର୍ଟ୍‌ରେ କେବଳ ଭିଡିଓ ନୁହେଁ, ବରଂ ଭଏସ୍‌ର ବି ଗୁରୁତ୍ୱ ଭୂମିକା ରହିଛି। ଜେନ୍ ଜେଡ୍ କ୍ରିଏଟର କୌଣସି ସ୍କ୍ରିପ୍ଟକୁ ନିଜ ଭଏସ୍‌ରେ ପକାଇ ମୋଟିଭେସ୍‌ନାଲ, ଷ୍ଟୋରି ଟାଇମ୍ ରିଲ୍ ତିଆରି କରି ଭାଇରାଲ ହେଉଛନ୍ତି। ବ୍ରାଣ୍ଡ ପ୍ରମୋସନ, ପେଜ୍ ମନିଟାଇଜେସନ, ଫ୍ରିଲାନ୍ସ, ଭଏସ ପ୍ରୋଜେକ୍ଟରୁ ଟଙ୍କା ଆସେ। ୟୁଟ୍ୟୁବ୍‌ରେ ଏବେ ବିଭିନ୍ନ ପ୍ରକାର ଭିଡିଓ ରହିଛି। ଟେକ୍, ଏଜୁକେସନ, ଷ୍ଟୋରି ଟେଲିଂ କଣ୍ଟେଣ୍ଟ। ଏ ସବୁ ଲାଗି ଭଏସ୍‌ଓଭର ଜରୁରି।

**ଅଡିଓ ବୁକ୍:** ସେହିପରି ଏବେ ଲୋକେ ବହି ପଢ଼ିବା ପରିବର୍ତ୍ତେ ଶୁଣିବାକୁ ପସନ୍ଦ କରୁଛନ୍ତି। ତେବେ ଅଡିଓ ବୁକ୍ ପ୍ଲାଟଫର୍ମରେ ଏମିତି ଲୋକଙ୍କ ଚାହିଦା ରହିଛି, ଯେଉଁମାନେ କେବଳ କାହାଣୀକୁ ପଢ଼ି ନ ଥାନ୍ତି, ବରଂ ମନ ଦେଇ ଶୁଣନ୍ତି। ଘରେ ଏହି କାମ ସହଜରେ କରି ହେବ। ଏଆଇ ଆସିବାରୁ ଜେନ୍ ଜେଡ୍ ଏବେ ନିଜେ ପଡ୍‌କାଷ୍ଟ ସଂଚାଳନ କରୁଛନ୍ତି। ନଚେତ ଅନ୍ୟ ଶୋ' ଲାଗି ଭଏସ୍ ଦେଉଛନ୍ତି। ଶୋ' ହିଟ୍ ହେଲେ ସ୍ପନସରସିପ୍ ମିଳେ। ଏଥିରେ ସେମାନେ ଭଲ ଆୟ କରନ୍ତି।

**ଦରକାର ନାହିଁ ବଡ଼ ସେଟ୍‌ଅପ୍:** ସେହିପରି ଭଏସ୍ ଓଭର ଲାଗି ବଡ଼ ସେଟ୍‌ଅପ୍‌ର ଆବଶ୍ୟକତା ନ ଥାଏ। ଭଲ ମାଇକ୍ରୋଫୋନ୍, ଲାପଟପ୍, ଏବଂ ଦକ୍ଷତାରୁ ଏହି କାମ ଆରମ୍ଭ ହୁଏ। ଏହା ପୂରାପୂରି ସୃଜନାତ୍ମକ କାମ। ଭଏସ୍ ଓଭର୍‌ରେ ୨-୩ ମିନିଟ୍ ଭଏସ୍ ଦେବା ଲାଗି ୫ ହଜାର-୧୦ ହଜାର ମିଳେ। କୌଣସି ବିଶେଷ ପ୍ରୋଜେକ୍ଟ ଉପରେ କାମ କଲେ ୩୦ ହଜାର ଟଙ୍କା ମାସକୁ ମିଳେ। ଅଡିଓ ବୁକ୍ ରେକର୍ଡରେ ପ୍ରତି ବହି ଲାଗି ୩୦-୪୦ ହଜାର ଟଙ୍କା ମିଳେ।

# ନୂଆ ରୂପରେ ୨୦୨୬ ଫିଫା ବିଶ୍ୱକପ୍

ବିଶ୍ୱରେ ଯେଉଁ କେତୋଟି ଖେଳ ଆୟୋଜନ କରାଯାଉଛି, ତାହା ମଧ୍ୟରେ ସବୁଠାରୁ ଅଧିକ ଲୋକ ଖେଳୁଥିବା ବା ଅନ୍ୟପକ୍ଷରେ ଲୋକପ୍ରିୟତା ଖେଳ ହେଉଛି ଫୁଟବଲ। ଏହି ଖେଳର ବିଶ୍ୱ ସଂଗଠନ ଫିଫା ଦ୍ୱାରା ପ୍ରତି ୪ ବର୍ଷରେ ଥରେ ବିଶ୍ୱକପ୍ ଆୟୋଜିତ ହୋଇଥାଏ। ଚଳିତବର୍ଷ ପ୍ରଥମଥର ଲାଗି ୩ଟି ଦେଶରେ ଯଥା, ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ, କାନାଡାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ପୂର୍ବରୁ ୧୯୭୦ ଓ ୧୯୮୬ରେ ବିଶ୍ୱକପ୍ ଆୟୋଜନ କରୁଥିବା ମେକ୍ସିକୋ ଲାଗି ଏହା ରେକର୍ଡ ତୃତୀୟଥର ଓ ଯେକୌଣସି ବିଭାଗରେ କାନାଡାରେ ପ୍ରଥମଥର ଖେଳାଯିବ। ଏହାର ୨୩ତମ ସଂସ୍କରଣରେ ପ୍ରଥମଥର ସର୍ବାଧିକ ୪୮ଟି ଦେଶ ଅଂଶଗ୍ରହଣ କରୁଛନ୍ତି। ଉତ୍ତର ଆମେରିକାର ୧୬ଟି ସହରରେ ଥିବା ଷ୍ଟାଡିୟମ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ଏଥର ମଧ୍ୟ ସର୍ବାଧିକ ୧୦୪ଟି ରେକର୍ଡ ମ୍ୟାଚ୍ ଖେଳାଯିବ। ସର୍ବାଧିକ ଲୋକପ୍ରିୟତା ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ସବୁଠୁ ଅଧିକ ଦର୍ଶକ ଉପଭୋଗ କରିବେ ବୋଲି ଆଶା କରାଯାଉଛି।



### ■ ୩ ଦେଶ, ୧୬ ଭେନ୍ୟୁ

ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ୩ଟି ଦେଶରେ ଆୟୋଜିତ

**ଫିଫା ବିଶ୍ୱକପ୍**
**ଆଉ ଦିନେ**




ହେଉଛି। ଏହି ଦେଶ ଗୁଡ଼ିକ ହେଲେ ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା। ପ୍ରଥମଥର ଫିଫା ବିଶ୍ୱକପ୍ ୩ଟି ଦେଶରେ ଆୟୋଜିତ ହେବ। ଏହା ମଧ୍ୟରେ ୧୯୭୦ ଓ ୧୯୮୬ରେ ବିଶ୍ୱକପ୍ ଆୟୋଜନ କରୁଥିବା ମେକ୍ସିକୋ ବିଶ୍ୱର ପ୍ରଥମ ଦେଶ ଭାବେ ତୃତୀୟଥର ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ। ଆମେରିକା ଦ୍ୱିତୀୟ ଓ ୩ଟି ଦେଶରେ ମୋଟ ୧୬ଟି ଭେନ୍ୟୁରେ ଖେଳାଯିବ। ଏହା ମଧ୍ୟରୁ ଆମେରିକାରେ ୧୧ଟି, ମେକ୍ସିକୋରେ ୩ଟି ଓ କାନାଡାରେ ୨ଟି ଭେନ୍ୟୁ ରହିଛି। ଏହି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ମେକ୍ସିକୋ ସିଟିରେ ଥିବା ଆଜ୍‌ଟେକା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ବିଶ୍ୱର ପ୍ରଥମ ଷ୍ଟାଡିୟମ୍ ଭାବେ ଆଜ୍‌ଟେକା ତୃତୀୟଥର ଲାଗି ଉଦ୍‌ଘାଟନୀ ଉତ୍ସବ ଓ ଉଦ୍‌ଘାଟନୀ ମ୍ୟାଚ୍ ଆୟୋଜନ କରିବ।

### ■ ରେକର୍ଡ ୪୮ ଦେଶ

ଜୁନ୍ ୧୧ରୁ ଜୁଲାଇ ୧୯ ତାରିଖଯାଏ ଖେଳାଯିବାକୁ ଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ୪୮ଟି ଦେଶ ଭାଗନେଉଛନ୍ତି। ଟୁର୍ଣ୍ଣାମେଣ୍ଟର ଲୋକପ୍ରିୟତା ଓ ଅଧିକ ଅର୍ଥ ଆୟ ଆଶାରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୩୨ରୁ ୪୮କୁ ବୃଦ୍ଧି କରାଯାଇଛି। ଏହା ମଧ୍ୟରେ ୪ଟି ଦେଶ ଯଥା କେପ୍ ଭାର୍ଡେ, କ୍ୟୁରାସିଆ, ଜୋର୍ଡାନ ଓ ଉଜ୍‌ବେକିସ୍ତାନ ପ୍ରଥମଥର ଅଂଶଗ୍ରହଣ କରୁଛନ୍ତି। ଟୁର୍ଣ୍ଣାମେଣ୍ଟରେ ୩ ଆୟୋଜକ ଦେଶ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ମଧ୍ୟ ଭାଗନେଉଛି। ଟୁର୍ଣ୍ଣାମେଣ୍ଟରେ ୟୁରୋପ ମହାଦେଶରୁ ସର୍ବାଧିକ ୧୬ଟି, ଆଫ୍ରିକା ମହାଦେଶରୁ ୧୦ଟି, ଏସିଆରୁ ୯ଟି, କୋନକାଫାଫ ବା କନ୍‌ଫେଡେରେସନ ଅଫ୍ ନର୍ଥ, ସେଣ୍ଟ୍ରାଲ ଆମେରିକାନ ଓ କାରିବିୟାନ୍ ଆସୋସିଏସନ ଫୁଟବଲରୁ ୬ଟି, ଦକ୍ଷିଣ ଆମେରିକାରୁ ୬ଟି ଏବଂ ଓସେନିଆ ଫୁଟବଲ କନ୍‌ଫେଡେରେସନରୁ କେବଳ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

### ■ ସର୍ବାଧିକ ୧୦୪ଟି ମ୍ୟାଚ୍

ଏଥର ବିଶ୍ୱକପ୍‌ରେ ୪୮ଟି ଦେଶ ଅଂଶଗ୍ରହଣ କରିଥିଲାବେଳେ ମୋଟ ୧୦୪ଟି ମ୍ୟାଚ୍ ଖେଳାଯିବ। ଏହି ୪୮ଟି ଦେଶକୁ ୧୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ଦଳ ଅନ୍ୟସହ ଥରେ ଲେଖାଏଁ ଖେଳିବ। ପ୍ରଥମ ପର୍ଯ୍ୟାୟ ଶେଷରେ ପ୍ରତ୍ୟେକ ଗ୍ରୁପ୍‌ର ପ୍ରଥମ ଦୁଇଟି ଦଳ ବା ୨୪ଟି ଟିମ୍ ସହ ବିଭିନ୍ନ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ ୮ଟି ଦଳ ଦ୍ୱିତୀୟ ପର୍ଯ୍ୟାୟ ବା ନକ୍‌ଆଉଟର ପ୍ରଥମ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଜୁନ୍ ୧୧ରୁ ଜୁନ୍ ୨୭ ତାରିଖଯାଏ ଗ୍ରୁପ୍ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ।

ଜୁଲାଇ ୨୮ରୁ ନକ୍‌ଆଉଟ ବା ସିଙ୍ଗଲ ଏଲିମିନେସନ ଫର୍ମାଟ ଆରମ୍ଭ ହେବ। ଏହାର ଅର୍ଥ ଯେଉଁ ଦଳ ପରାଜିତ ହେବ, ସେହି ଦଳ ଟୁର୍ଣ୍ଣାମେଣ୍ଟରୁ ବିଦା ହେବ। ଏହି ପର୍ଯ୍ୟାୟରେ ୧୬ଟି ମ୍ୟାଚ୍ ଖେଳାଯିବ ଓ ଜୁଲାଇ ୩ରେ ଏହା ଶେଷ ହେବ। ରାଉଣ୍ଡ ଅଫ୍ ୩୨ରେ ଜିତିଥିବା ଦଳଗୁଡ଼ିକ ମଧ୍ୟରେ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍ ଖେଳାଯିବ। ଏଥିରେ ୮ଟି ମ୍ୟାଚ୍ ଖେଳାଯିବ ଓ ଏହା ଜୁଲାଇ ୪ରୁ ଆରମ୍ଭ ହୋଇ ଜୁଲାଇ ୭ରେ ଶେଷ ହେବ। ଏହା ମଧ୍ୟରୁ ଯେଉଁ ୮ଟି ଦଳ ବିଜୟୀ ହେବେ ଜୁଲାଇ ୯ରୁ ୧୧ ମଧ୍ୟରେ କ୍ୱାଟର୍ ଖେଳିବେ। ଏଥିରେ ୪ଟି ମ୍ୟାଚ୍ ଖେଳାଯିବ। ଜୁଲାଇ ୧୪ ଓ ୧୫ରେ ସେମିଫାଇନାଲ, ଜୁଲାଇ ୧୮ରେ ତୃତୀୟ ସ୍ଥାନିତ ଓ ଜୁଲାଇ ୧୯ରେ ଫାଇନାଲ ମୁକାବିଲା ଆମେରିକାର ଇଷ୍ଟରଦରଫୋର୍ଡ ସ୍ଥିତ ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ଖେଳାଯିବ।

### ■ ଭାରତରେ ଜିଟିଭି ପ୍ରସାରଣ କରିବ

ଏହି ବିଶ୍ୱକପ୍‌ର ପ୍ରସାରଣ ଅଧିକାର ୩ଟି ସଂସ୍ଥାକୁ ପ୍ରଦାନ କରିଛି ଫିଫା। ଇଂରାଜୀରେ ଫକ୍ସ, ସ୍ପାନିଶରେ ଏନ୍‌ବିସି ୟୁନିଭର୍ସାଲ ଓ କାନାଡାରେ ବେଲ ମେଡିଆ ଏହି ଟୁର୍ଣ୍ଣାମେଣ୍ଟର ପ୍ରସାରଣ ଅଧିକାର ପାଇଛନ୍ତି। ଟୁର୍ଣ୍ଣାମେଣ୍ଟ ୩ଟି ଦେଶରେ ଆୟୋଜିତ ହେଉଥିବାରୁ ଏଥର ୩ଟି ଜୋନ୍‌ରେ ଖେଳ ହେବ। ଭାରତୀୟ ସମୟ ଅନୁସାରେ ମ୍ୟାଚ୍ ଗୁଡ଼ିକ ସାଧାରଣତଃ ରାତି ୧୨ଟା ୩୦ରୁ ଆରମ୍ଭ ହୋଇ ପରଦିନ ସକାଳ ୮ଟା ୩୦ ଯାଏ ଚାଲିବ। କିଛି ମ୍ୟାଚ୍ ମଧ୍ୟ ଭାରତୀୟ ସମୟ ରାତି ୯ଟା ୩୦, ୧୦ଟା ୩୦ରେ ଖେଳାଯିବ। ଏପରି ୧୪ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତରେ ଜିଟିଭିରେ ମ୍ୟାଚ୍ ଗୁଡ଼ିକ ଦେଖାଯାଇପାରିବ।

### ୨୦୨୬ ବିଶ୍ୱକପ୍‌ରେ ପ୍ରଥମ

| | |
|---|---|
| ଆୟୋଜକ ଦେଶ | : ୩ଟି (ଆମେରିକା, ମେକ୍ସିକୋ ଓ କାନାଡା) |
| ଅଂଶଗ୍ରହଣକାରୀ ଦେଶ | : ୪୮ଟି (ସର୍ବାଧିକ) |
| ପ୍ରଥମଥର ଅଂଶଗ୍ରହଣ | : କେପ୍ ଭର୍ଡେ, କ୍ୟୁରାସାଓ, ଜୋର୍ଡାନ ଓ ଉଜବେକିସ୍ତାନ |
| ୨୩ତମ ସଂସ୍କରଣରେ ମ୍ୟାଚ୍ | : ୧୦୪ଟି (ସର୍ବାଧିକ) |
| ସର୍ବାଧିକ ଆୟୋଜକ ଦେଶ | : ୩ଥର ମେକ୍ସିକୋ |
| ସର୍ବାଧିକ ଉଦ୍‌ଘାଟନୀ ଉତ୍ସବ | : ୩ଥର ମେକ୍ସିକୋ ସିଟି |

### ବିଶ୍ୱକପ୍ ମୁକାବିଲା

| ପର୍ଯ୍ୟାୟ | ମ୍ୟାଚ୍ | ଖେଳ ସମୟ |
|---|---|---|
| ପ୍ରଥମ ରାଉଣ୍ଡ | ୭୨ | ଜୁନ୍ ୧୧ ରୁ ୨୮ |
| ରାଉଣ୍ଡ ଅଫ୍ ୩୨ | ୧୬ | ଜୁନ୍ ୨୯ରୁ ଜୁଲାଇ ୩ |
| ପ୍ରି-କ୍ୱାର୍ଟର ଫାଇନାଲ | ୦୮ | ଜୁଲାଇ ୪ରୁ ୭ |
| କ୍ୱାର୍ଟର ଫାଇନାଲ | ୦୪ | ଜୁଲାଇ ୯ ରୁ ୧୧ |
| ସେମିଫାଇନାଲ | ୦୨ | ଜୁଲାଇ ୧୪ ଓ ୧୫ |
| ତୃତୀୟ ସ୍ଥାନ | ୦୧ | ଜୁଲାଇ ୧୮ |
| ଫାଇନାଲ | ୦୧ | ଜୁଲାଇ ୧୯ |

## ୨୧ ବର୍ଷ ପରେ ଅଷ୍ଟ୍ରେଲିଆକୁ ହରାଇଲା ବାଂଲାଦେଶ

ଢାକା, ୯ ।୬ (ଏଜେନ୍ସି)

ସୀମିତ ଓଭର ସିରିଜ ଖେଳିବା ଲାଗି ବାଂଲାଦେଶ ଗସ୍ତ କରିଥିବା ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଆରମ୍ଭରୁ ବିପର୍ଯ୍ୟୟର ସାମ୍ନା କରିଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଘରୋଇ ବାଂଲାଦେଶ ଡିଏଲ୍ ପଦ୍ଧତିରେ ୮୬ ରନରେ ବିଶ୍ୱ ଚାମ୍ପିଅନ ଅଷ୍ଟ୍ରେଲିଆକୁ ହରାଇଦେଇଛି। ଫଳରେ ଦିନିକିଆ କ୍ରିକେଟ୍ ଇତିହାସରେ ଅଷ୍ଟ୍ରେଲିଆ ଦଳ ଦ୍ୱିତୀୟଥର ଲାଗି ବାଂଲାଦେଶ ନିକଟରୁ ପରାସ୍ତ ହୋଇଛି। ଏଥିପୂର୍ବରୁ ୨୧ ବର୍ଷ ତଳେ ୨୦୦୫ରେ କାର୍ଡିଫରେ ଅନୁଷ୍ଠିତ ନାଟୱେଷ୍ଟ ସିରିଜରେ ବାଂଲାଦେଶ ୫ ୱିକେଟରେ ଅଷ୍ଟ୍ରେଲିଆକୁ ହରାଇଥିଲା।

ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୮ ୱିକେଟରେ ୨୮୪ ରନର ସମ୍ମାନଜନକ ସ୍କୋର କରିଥିଲା। ଦଳ ପକ୍ଷରୁ ମୋସାଦେକ ହୋସେନ ଅପରାଜିତ ୮୬, ନାଜମୋଲ ହୋସେନ ସାଣ୍ଟୋ ୬୭ ଓ ତାନଜିଦ ହାସାନ ୫୪ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ନାଥନ ଏଲିନ (୩/୩୮), ମ୍ୟାଟ୍ ରେନସ (୨/୩୫), ଲିଆମ ସ୍କଟ (୨/୫୭) ଓ ଜାଭିଅର ବାର୍ଟଲେଟ୍ (୧/୬୨) ମିଳିତ ଭାବେ ୱିକେଟ୍ ବାଣ୍ଟିନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ବଲରେ ମ୍ୟାଥ୍ୟୁ ସର୍ଟଙ୍କ ୱିକେଟ୍ ହରାଇଥିଲା। ଅଷ୍ଟ୍ରେଲିଆ ୪୨.୨ ଓଭରରେ ୧୯୧ ରନରେ ୯ଟି ୱିକେଟ ହରାଇ ପରାଜୟ ଦ୍ୱାରରେ ଥିବାବେଳେ ବର୍ଷା ଓ ଭୟଙ୍କର ବିଜୁଳି ମାରିଥିଲା। ଫଳରେ ଖେଳ ଆଉ ସମ୍ଭବପର ହୋଇ ନ ପାରିବାରୁ ଡିଏଲ ପଦ୍ଧତିର ସହାୟତା ନିଆଯାଇଥିଲା। ଏଥିରେ ବାଂଲାଦେଶକୁ ୮୬ ରନରେ ବିଜୟୀ ଘୋଷିତ କରାଯାଇଥିଲା। ନାହିଦ ରାଣା ୪ଟି ୱିକେଟ୍ ନେଇ ଅଷ୍ଟ୍ରେଲିଆର ସର୍ବାଧିକ କ୍ଷତି ଘଟାଇଥିଲେ।

## ନାଇଟ୍ କ୍ଲବ୍‌ରେ ଗଣ୍ଡଗୋଳ: ବିବାଦରେ ଷ୍ଟୋକ୍ସ, ଆଟକିନ୍‌ସନ୍

ଲଣ୍ଡନ, ୯ ।୬ (ସମିସ)

ସମ୍ପ୍ରତି ନ୍ୟୁଜିଲାଣ୍ଡ ବିପକ୍ଷରେ ଚାଲିଥିବା ଟେଷ୍ଟ ସିରିଜର ପ୍ରଥମ ମ୍ୟାଚରେ ଘରୋଇ ଇଂଲଣ୍ଡ ୧୧୫ ରନରେ ବିଜୟୀ ହୋଇଛି। ଏହି ବିଜୟ ପରେ ଇଂଲଣ୍ଡ ଖେଳାଳିମାନେ ଏକ ନାଇଟ୍ କ୍ଲବରେ ଗଣ୍ଡଗୋଳ କରି ପୁଣିଥରେ ବିବାଦୀୟ ହୋଇପଡ଼ିଛନ୍ତି। ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସହ ଦ୍ରୁତ ବୋଲର ଗସ୍ ଆଟକିନସନ୍ ଏକ ଝଗଡ଼ାରେ ଜଡିତ ଥିବା ଜଣାପଡ଼ିଛି। ଏହି ଘଟଣା ଚେଲସିରେ ଘଟିଛି। ରିପୋର୍ଟ ଅନୁଯାୟୀ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ଏହାର କ୍ରିକେଟର୍‌ଙ୍କ ପାଇଁ ନାଇଟ୍ କ୍ଲବକୁ ନେଇ କଠୋର କଟକଣା ରହିଛି। ସର୍ବାଧିକ ରାତି ୧୨ଟା ପୂର୍ବରୁ ଇଂଲଣ୍ଡ ଖେଳାଳି ଟିମ୍ ହୋଟେଲକୁ ଫେରିବାକୁ ବାଧ୍ୟ। ତଥାପି, ଅଧିନାୟକ ଷ୍ଟୋକ୍ସ ଏବଂ ଆଟକିନସନ୍ ଏହି ନିୟମ ଉଲ୍ଲଂଘନ କରିଛନ୍ତି।

ରବିବାର ରାତିରୁ ଯାଇ ଏହି ଦୁଇ ଖେଳାଳି ସୋମବାର ସକାଳ ପର୍ଯ୍ୟନ୍ତ ଏକ ନାଇଟ୍ କ୍ଲବରେ ରହିଥିଲେ। ରିପୋର୍ଟ ଅନୁଯାୟୀ, ଷ୍ଟୋକ୍ସ ଏବଂ ଆଟକିନସନ୍ ଜଣେ ରଗବି ଖେଳାଳିଙ୍କ ସହ ଝଗଡ଼ା କରିଥିଲେ। ଏହି ରଗବୀ ଖେଳାଳି ସାରାସେନ୍ସ ଏକାଡେମୀ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଗଣ୍ଡଗୋଳ ସମୟରେ ରଗବି ଖେଳାଳି ଜଣଙ୍କ ଆଟକିନସନ୍ ଉପରକୁ ଏକ ଶକ୍ତିଶାଳୀ ମୁଥ ମାଡ଼ କରିଥିଲେ। କିନ୍ତୁ ସୌଭାଗ୍ୟକୁ ଏହା ନିକଟରେ ଠିଆ ହୋଇଥିବା ଜଣେ ସୁରକ୍ଷା କର୍ମୀଙ୍କ ମୁହଁରେ ବାଜିଥିଲା। ଫଳରେ ସୁରକ୍ଷାକର୍ମୀଙ୍କ ମୁହଁରେ ଏକାଧିକ ଷ୍ଟିଚ ପଡ଼ିଥିବା ଜଣାପଡ଼ିଛି। ଇସିବି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଯଦି ଷ୍ଟୋକ୍ସ ଏବଂ ଆଟକିନସନ ପ୍ରୋଟୋକଲ ଉଲ୍ଲଂଘନ କରିଥିବାର ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନଙ୍କୁ ଦଣ୍ଡ ମିଳିପାରେ,। ଏପରିକି ଷ୍ଟୋକ୍ସଙ୍କୁ ଅଧିନାୟକ ପଦରୁ ମଧ୍ୟ ବାହାର କରିଦିଆଯାଇପାରେ। ଇସିବି ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଦଳ ଘୋଷଣା କରିନାହିଁ। ଏହି ଘଟଣା ବୋର୍ଡର ଦଳ ବିଷୟରେ ଚିନ୍ତା ବଢ଼ାଇ ଦେଇଛି।

ଉଲ୍ଲେଖଯୋଗ୍ୟ, ବେନ୍ ଷ୍ଟୋକ୍ସଙ୍କର ବିବାଦର ଏକ ଲମ୍ବା ଇତିହାସ ଅଛି। ୨୦୧୭ରେ ବ୍ରିଷ୍ଟଲରେ ଏକ ଘଟଣା ପରେ ଷ୍ଟୋକ୍ସ ଉପ-ଅଧିନାୟକ ପଦ ହରାଇଥିଲେ। ସମ୍ପ୍ରତି, ଇଂଲଣ୍ଡର ମୁଖ୍ୟ ପ୍ରଶିକ୍ଷକ ବ୍ରେଣ୍ଡନ୍ ମ୍ୟାକକୁଲମ୍ ଖେଳାଳିମାନଙ୍କୁ ଏପରି କିଛି ନ କରିବାକୁ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ କ୍ଲବ୍ ଘଟଣାରେ ଏବଂ ଗସ୍ ଆଟକିନସନଙ୍କ ନାମ ସାମ୍ନାକୁ ଆସିଛି।

## ଜୁଲାଇ ୨୫ରୁ ଡୁରାଣ୍ଡ କପ୍, ସେପ୍ଟେମ୍ବର ୪ରୁ ଆଇଏସଏଲ୍

ନୂଆଦିଲ୍ଲୀ, ୯ ।୬ (ଏଜେନ୍ସି): ଭାରତୀୟ ଘରୋଇ ଫୁଟବଲର ସର୍ବୋଚ୍ଚ ପ୍ରତିଯୋଗିତା ଆଇଏସଏଲ୍’ର ଆଗାମୀ ୨୦୨୬-୨୭ ସିଜନ୍ ସେପ୍ଟେମ୍ବର ୪ରୁ ଆରମ୍ଭ ହୋଇପାରେ। ସେହିଭଳି ସମ୍ମାନଜନକ ଡୁରାଣ୍ଡ କପ୍ ୨୫ ଜୁଲାଇରୁ ଆରମ୍ଭ ହେବା ପାଇଁ ସ୍ଥିର ହୋଇଛି। ଗତକାଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଉପସ୍ଥିତିରେ ଆଇଏସଏଲ୍ କ୍ଲବ୍ ଏବଂ ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫଏଫ୍) ମଧ୍ୟରେ ଅନୁଷ୍ଠିତ ବୈଠକରେ ଏହି ଦୁଇଟି ମୁଖ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଜାମସେଦପୁର ଏଫସି ବ୍ୟତୀତ ସମସ୍ତ ଆଇଏସଏଲ୍ ଦଳ ବୈଠକରେ ଯୋଗ ଦେଇଥିଲେ। ନିକଟରେ ଇଣ୍ଡିଆନ୍ ଫୁଟବଲ୍ ଲିଗ୍ (ଆଇଏଫଏଲ) ଜିତିବା ପରେ ଆଇଏସଏଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଡାଇମଣ୍ଡ ହାର୍ବର କ୍ଲବ ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ଲିଗ୍ ପାଇଁ ବାଣିଜ୍ୟିକ ବିଷୟରେ ଆଲୋଚନା କରିବା ଲାଗି ଜିନିୟସ୍ ସ୍ପୋର୍ଟ୍ସକୁ ଭେଟି ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଉଲ୍ଲେଖଯୋଗ୍ୟ, ୨୦୨୫ ରେ କମର୍ସିଆଲ ପାର୍ଟନରଙ୍କ ଅଭାବ ଯୋଗୁ ଆଇଏସଏଲ୍ ଦୀର୍ଘ ୮ ମାସ ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳସ୍ୱରୂପ ସଂକ୍ଷିପ୍ତ ସିଜନରେ ଫେବୃଆରୀ ଏବଂ ମେ ମଧ୍ୟରେ ସିଙ୍ଗଲ-ଲେଗ୍ ମ୍ୟାଚ୍ ଥିଲା।

● ଆୟର୍ଲାଣ୍ଡ ଓ ଇଂଲଣ୍ଡ ଟି-୨୦ ସିରିଜ

## ସିରାଜଙ୍କ ସ୍ଥାନରେ ପ୍ରସିଦ୍ଧ

ନୂଆଦିଲ୍ଲୀ, ୯ ।୬ (ଏଜେନ୍ସି): ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ଲାଗି ଘୋଷିତ ଭାରତୀୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ପୂର୍ବରୁ ଘୋଷିତ ଦଳରୁ ପ୍ରତ୍ୟାହାର କରିନିଆଯାଇଛି। ତାଙ୍କ ସ୍ଥାନରେ ଅନ୍ୟତମ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଏହି ଦୁଇ ସିରିଜ ଲାଗି ଭାରତୀୟ ଦଳରେ ସୁଯୋଗ ମିଳିଛି। କାର୍ଯ୍ୟଭାର ପରିଚାଳନାର ଅଂଶ ଭାବରେ ଖେଳାଳିଙ୍କ ଉପରୁ ଅତ୍ୟଧିକ ଚାପକୁ ହଟାଇବା ଲାଗି ସିରାଜଙ୍କୁ ଏହି ବିଶ୍ରାମ ଦେଇଛି। ବିସିସିଆଇ ଡାକ୍ତରୀ ଦଳ ଏବଂ ଟିମ୍ ମ୍ୟାନେଜମେଣ୍ଟ ମଧ୍ୟରେ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସିରାଜ ଆୟର୍ଲାଣ୍ଡ ବିପକ୍ଷ ୨ଟି ଓ ଇଂଲଣ୍ଡ ବିପକ୍ଷ ପାଞ୍ଚଟି ଟି-୨୦ ମ୍ୟାଚ୍ ଲାଗି ପୂର୍ବରୁ ଦଳରେ ସ୍ଥାନ ପାଇଥିଲେ। କିନ୍ତୁ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡ଼ା ପାଇଁ ତାଙ୍କୁ ମନୋନୀତ କରାଯାଇ ନଥିଲା। ଆୟର୍ଲାଣ୍ଡ ବିପକ୍ଷ ସିରିଜ ଜୁନ ୨୬ରୁ ଓ ଇଂଲଣ୍ଡ ସହ ଜୁଲାଇ ୧ରୁ ସିରିଜ ଆରମ୍ଭ ହେବ।




**ଆୟର୍ଲାଣ୍ଡ ଓ ଇଂଲଣ୍ଡ ଟି-୨୦ ସିରିଜ ଲାଗି ଘୋଷିତ ଦଳ:**

ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା (ଉପ-ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟ୍‌କିପର), ଶିଭମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ବୈଭବ ସୂର୍ଯ୍ୟବଂଶୀ, ରବି ବିଷ୍ଣୋଇ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ପ୍ରିନ୍ସ ଯାଦବ।

### ରତୁରାଜଙ୍କ ରେକର୍ଡ

ଡାମ୍ବୁଲା, ୯ ।୬ (ଏଜେନ୍ସି): ନିର୍ଭରଯୋଗ୍ୟ ବ୍ୟାଟର୍ ଋତୁରାଜ ଗାଏକୱାଡ ଲିଷ୍ଟ-ଏ କ୍ରିକେଟ୍‌ରେ ୨୧ତମ ଶତକ ହାସଲ କରିଛନ୍ତି। ମଙ୍ଗଳବାର ଆରମ୍ଭ ହୋଇଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଗାଏକୱାଡଙ୍କ ୧୦୧ ରନ ବଳରେ ଭାରତ-ଏ ୮ ରନରେ ଶ୍ରୀଲଙ୍କା-ଏ’କୁ ପରାସ୍ତ କରିଛି। ଲିଷ୍ଟ-ଏ’ରେ ଗାଏକୱାଡଙ୍କ ଏହା ୨୧ତମ ଶତକ ହୋଇଛି। ଏହିକ୍ରମରେ ଲିଷ୍ଟ-ଏ ଫର୍ମାଟ୍‌ରେ ସର୍ବାଧିକ ଶତକ ମାରିବାରେ ସେ ରାହୁଲ ଦ୍ରାବିଡ ଓ ଗୌତମ ଗମ୍ଭୀରଙ୍କ ସହ ସମକକ୍ଷ ହୋଇଛନ୍ତି। ଉଭୟ ଦ୍ରାବିଡ ଓ ଗମ୍ଭୀର ମଧ୍ୟ ୨୧ଟି ଲେଖାଏ ଶତକ ମାରିଛନ୍ତି। ତେବେ ଭାରତୀୟ ଭାବରେ ଲିଷ୍ଟ-ଏ’ରେ ସର୍ବାଧିକ ୬୦ଟି ଶତକ ମାରି ସଚିନ ତେନ୍ଦୁଲକର ତାଲିକାର ଶୀର୍ଷରେ ରହିଛନ୍ତି।

**ସିଏମ୍ ଟ୍ରଫି ଫୁଟବଲ୍**

## ଯାଜପୁର-ବରଗଡ଼, ଭୁବନେଶ୍ୱର-କେନ୍ଦୁଝର ଫାଇନାଲ

ଭୁବନେଶ୍ୱର, ୯ ।୬ (ସମିସ)

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ୧୪ ବର୍ଷରୁ କମ୍ ଫୁଟ୍‌ବଲ ଚାମ୍ପିଅନସିପ୍‌ର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଯାଜପୁର ଓ ବରଗଡ଼ ମଧ୍ୟରେ ବାଳକ ବିଭାଗ ଫାଇନାଲ ଖେଳାଯିବ। ବୁଧବାର ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଯାଜପୁର ୨-୧ ଗୋଲ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ବରଗଡ଼ ୫-୧ ଗୋଲ୍‌ରେ ରାଉରକେଲାକୁ ହରାଇଥିଲା। ଅପରପକ୍ଷରେ ମହିଳା ବିଭାଗର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର ୬-୦ ଗୋଲରେ ନବରଙ୍ଗପୁରକୁ ଏବଂ ଦ୍ୱିତୀୟ ସେମିରେ କେନ୍ଦୁଝର ୮-୧ ଗୋଲରେ ବରଗଡ଼କୁ ହରାଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ବୁଧବାର ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭୁବନେଶ୍ୱର ଓ କେନ୍ଦୁଝର ମଧ୍ୟରେ ଫାଇନାଲ ଖେଳାଯିବ ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି।

## ଗାଏକୱାଡଙ୍କ ଶତକ; ଭାରତ-ଏ’ର ରୋମାଞ୍ଚକ ବିଜୟ

ଡାମ୍ବୁଲା, ୯ ।୬ (ଏଜେନ୍ସି)

ଘରୋଇ ଶ୍ରୀଲଙ୍କା-ଏ, ଭାରତ-ଏ ଓ ଆଫଗାନିସ୍ତାନ-ଏ’କୁ ନେଇ ମଙ୍ଗଳବାରଠାରୁ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ ଆରମ୍ଭ ହୋଇଛି। ରୋମାଞ୍ଚକର

**ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ**

ଉଦ୍‌ଘାଟନୀ ମୁକାବିଲାରେ ଭାରତ-ଏ ଋତୁରାଜ ଗାଏକୱାଡଙ୍କ ଶତକ ବଳରେ ୮ ରନରେ ଶ୍ରୀଲଙ୍କା-ଏ’କୁ ପରାସ୍ତ କରିଛି। ଏଥିସହ ୨ ପଏଣ୍ଟ ପାଇ ଭାରତ-ଏ ଖାତା ଖୋଲିଛି। ଗୁରୁବାର ଭାରତ-ଏ ଓ ଆଫଗାନିସ୍ତାନ-ଏ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।



ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଭାରତ-ଏ ଅଧିନାୟକ ତିଲକ ବର୍ମା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତେବେ ଦଳ ୫ ଓଭର ମଧ୍ୟରେ ଦୁଇ ଓପନର୍ ବୈଭବ ସୂର୍ଯ୍ୟବଂଶୀ ଓ ପ୍ରଭସିମରନ ସିଂହ(୨ ରନ)ଙ୍କ ୱିକେଟ ହରାଇଥିଲା। ଏଠାରେ ଭାରତ-ଏ ପକ୍ଷରୁ ପଦାର୍ପଣ କରିଥିବା ସୂର୍ଯ୍ୟବଂଶୀ ୧୨ଟି ବଲରେ ମାତ୍ର ୧୪ ରନ କରି ନିରାଶ କରିଥିଲେ। ତେବେ ମଧ୍ୟକ୍ରମରେ ନିର୍ଭରଯୋଗ୍ୟ ଋତୁରାଜ ଗାଏକୱାଡ ଓ ଅଧିନାୟକ ତିଲକ ବର୍ମାଙ୍କ ଉପଯୋଗୀ ଇନିଂସ୍ ବଳରେ ୫୦ ଓଭରରେ ୬ ୱିକେଟ ହରାଇ ୨୭୭ ରନର ସମ୍ମାନଜନକ ସ୍କୋର କରିଥିଲା। ଗାଏକୱାଡ ସର୍ବାଧିକ ୧୦୧ ରନର ଶତକୀୟ ପାଳି ଖେଳିଥିଲେ। ୧୧୪ ବଲର ଏହି ପାଳିରେ ସେ ୬ଟି ଚୌକା ଓ ୩ଟି ଛକା ମାରିଥିଲେ।

ତେବେ ଅତ୍ୟଧିକ ଧୀମା ବ୍ୟାଟିଂ କରିଥିବା ତିଲକ ୯୭ ବଲରେ ୬୦ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶ ଆର୍ଯ୍ୟ ୩୨, ଆୟୁଷ ବଦୋନୀ ୨୪, ସୂୟାଶ ହେଡଗେ ୨୬ ରନ କରିଥିଲେ। ପ୍ରିୟାଂଶ ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ୍ ହୋଇଥିଲେ। ରନ ନେବା ପ୍ରୟାସରେ ସେ ବ୍ୟାଟ୍ ଡ୍ରାଗ କରୁଥିବାବେଳେ ତାହା ୱିକେଟ୍‌କିପରଙ୍କ ଜୋତାରେ ଲାଗି ରହିଯାଇଥିଲା। ଫଳରେ ସେ କ୍ରିଜରେ ପହଞ୍ଚିପାରି ନ ଥିଲେ। ବୋଲିଂରେ ଶ୍ରୀଲଙ୍କା-ଏ ପକ୍ଷରୁ ମହମ୍ମଦ ଶିରାଜ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଏକଦା ବିଜୟ ସ୍ଥିତିରେ ଥିବା ଶ୍ରୀଲଙ୍କା-ଏ ୪୮.୫ ଓଭରରେ ୨୬୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଶହାନ ଅରାଚଚିଗେ ୭୪, ନିରୋଶାନ ଡିକୱେଲା ୪୭, ସାଦିରା ସମରବିକ୍ରମା ୪୬ ଓ ଅଭିଷ୍କା ଫର୍ଣ୍ଣାଡୋ ୪୫ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଶେଷ ଦୁଇ ଓଭରରେ ୩ ୱିକେଟ ବାକି ଥାଇ ଶ୍ରୀଲଙ୍କା-ଏ’କୁ ୧୨ ରନ ଆବଶ୍ୟକ ହେଉଥିଲେ ମଧ୍ୟ ଦଳ ଅଲଆଉଟ୍ ହୋଇଯାଇଥିଲା। ଅର୍ଶାଦ ଖାନ, ଅନୁକୂଳ ରୟ, ବିପ୍ରରାଜ ନିଗମ ଓ ବଦୋନୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS